R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୭୬
ତିଥି : ଏକାଦଶୀ
୧୧ ଜୁଲାଇ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 276
11 July 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୧୨ରେ ଘୂର୍ଣ୍ଣିବଳୟ, ୧୩ରୁ ବଢ଼ିବ ବର୍ଷା



ଭୁବନେଶ୍ୱର, ୧୦।୭ (ସବ୍ୟୁ) : ରାଜ୍ୟରେ ଶୁକ୍ରବାର ଘୂର୍ଣ୍ଣିବଳୟ ପ୍ରଭାବରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଭୁବନେଶ୍ୱର ସମେତ ରାୟଗଡ଼ା, ଦାରିଙ୍ଗିବାଡ଼ି, ଜଗତସିଂହପୁର, ପାରାଦ୍ୱୀପ, ଅନୁଗୁଳ, କେନ୍ଦୁଝର ଆଦି ଜିଲ୍ଲାରେ ବର୍ଷା ହୋଇଥିବା ଜଣାପଡ଼ିଛି। ଆସନ୍ତା ୧୨ ତାରିଖରୁ ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ୧୩ ତାରିଖଠାରୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। (୯ ପୃଷ୍ଠାରେ)

### ଅକ୍ଟୋବରରୁ ଡିସେମ୍ବର ଏଲ୍‌ନିନୋ ଶକ୍ତିଶାଳୀ

ଭୁବନେଶ୍ୱର, ୧୦।୭ (ସବ୍ୟୁ): ପ୍ରଶାନ୍ତ ମହାସାଗରରେ ଏକ ଅତି ଭୟଙ୍କର ଏଲ୍‌ନିନୋ ସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଆସନ୍ତା ଅକ୍ଟୋବରରୁ ଡିସେମ୍ବର ୨୦୨୬ ମଧ୍ୟରେ ଏହା ଅତି ଶକ୍ତିଶାଳୀ ରୂପ ନେବାର ପ୍ରାୟ ୮୧% ସମ୍ଭାବନା ଅଛି। ଯାହା ୧୯୫୦ ମସିହା ପରଠାରୁ ଇତିହାସର ସବୁଠାରୁ ବଡ଼ ପ୍ରକୋପ ମଧ୍ୟରୁ ଅନ୍ୟତମ ହେବ । ଏକ ଅତି ଶକ୍ତିଶାଳୀ ଏଲ୍‌ନିନୋର ଅର୍ଥ ହେଉଛି, ପ୍ରଶାନ୍ତ ମହାସାଗରର ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ସାଧାରଣସ୍ତର ଅପେକ୍ଷା ଅତିକମରେ ୨.୦ ଡିଗ୍ରୀ ସେଲସିୟସ ଅଧିକ ରହିବ। ଆମେରିକାର ଜଳବାୟୁ ସଂସ୍ଥା କ୍ଲାଇମେଟ ପ୍ରେଡିକ୍ସନ ସେଣ୍ଟର (ସିପିସି) ପକ୍ଷରୁ ଗତ ୯ ଜୁଲାଇରେ ଏନେଇ ତଥ୍ୟ ପ୍ରକାଶ ପାଇଛି । (୯ ପୃଷ୍ଠାରେ)

ତ୍ରୁଟିଶୂନ୍ୟ ରଥଯାତ୍ରା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ସୁରକ୍ଷା ତଦାରଖ ଲାଗି ୧୯ ଆଇପିଏସ୍

ଭୁବନେଶ୍ୱର, ୧୦।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରଥଯାତ୍ରା ପାଇଁ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ

### ସହଯୋଗ, ସମନ୍ୱୟ ଓ ଯୋଗାଯୋଗ ଉପରେ ଫୋକସ

ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ



ଆରୋପ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପାରେ ଆଜି ଆଉଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି। ଆଜିର ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ (୯ ପୃଷ୍ଠାରେ)

## କାଗଜପତ୍ର ଫିଙ୍ଗିଲେ ଆବେଦନକାରୀ

ନୂଆଦିଲ୍ଲୀ,୧୦।୭ : ସୁପ୍ରିମକୋର୍ଟରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। ଜଣେ ଆବେଦନକାରୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ପ୍ରଧାନବିଚାରପତିଙ୍କୁ ଗାଳି ଦେବା ସହ କୋର୍ଟରେ କାଗଜପତ୍ର ଖଣ୍ଡପୀଠ ଆଡକୁ ଫିଙ୍ଗି ଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ତୁରନ୍ତ କୋର୍ଟର ବାହାରକୁ ନେଇଯାଇଥିଲେ।

ଘଟଣାଟି ପୂର୍ବାହ୍ନ ୧୧ଟାରେ ଜଷ୍ଟିସ କେସି ବିଶ୍ୱନାଥ ଓ ଆଲୋକ ଆରେଭେଙ୍କ ଖଣ୍ଡପୀଠରେ ଘଟିଥିଲା। ଆବେଦନକାରି ପ୍ରବଳ ପ୍ରତାପ ବୋଲି ଚିହ୍ନଟ ହୋଇଛନ୍ତି। ସେ କୋର୍ଟ ପରିସରରେ ଉପସ୍ଥିତ ରହି କହିଥିଲେ ଯେ ମହାଶୟ ନାୟକ ସେବକ। ମୁଁ ଆପଣଙ୍କୁ

### ସୁପ୍ରିମକୋର୍ଟରେ ହାଇଡ୍ରାମା

ଲକ୍ଷ୍ନୌର ଏସପିଙ୍କ ବିରୋଧରେ ଏତଲା କରୁଛି। ଜଷ୍ଟିସ ବିଶ୍ୱନାଥନ କହିଥିଲେ ଆପଣ ମୋତେ ନିର୍ଦ୍ଦେଶ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। (୯ ପୃଷ୍ଠାରେ)

## ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରାର ୫ମ କିସ୍ତି

ଭୁବନେଶ୍ୱର, ୧୦।୭ (ସବ୍ୟୁ): ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ଟଙ୍କା ପଠାଯିବ। ଚଳିତମାସ ୨୫ ତାରିଖ ସୁଦ୍ଧା ଯୋଜନା ଅଧୀନରେ ଅବଶିଷ୍ଟ ସମସ୍ତ ଆବେଦନର ଯାଞ୍ଚ, ଯୋଗ୍ୟତା ନିର୍ଦ୍ଧାରଣ ଓ ବ୍ୟାଙ୍କ ଲିଙ୍କ୍ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ସୁଭଦ୍ରା ଟଙ୍କା ବିତରଣକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଶୁକ୍ରବାର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଡିବିଟି ସକ୍ରିୟକରଣ, ଇ-କେୱାଇସି, କ୍ଷେତ୍ରସ୍ତରୀୟ ଯାଞ୍ଚ, ଏନପିସିଆଇ ମ୍ୟାପିଂ, ପେମେଣ୍ଟ ଫାଇଲ୍ ପ୍ରସ୍ତୁତି ଓ ବ୍ୟାଙ୍କ (୯ ପୃଷ୍ଠାରେ)

## ବିଳମ୍ବ ହେବ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୧୦।୭ (ସବ୍ୟୁ) : ଆସନ୍ତା ପଞ୍ଚାୟତ ନିର୍ବାଚନ ବିଳମ୍ବ ହୋଇପାରେ। ଜୁନ୍ ସୁଦ୍ଧା ପଞ୍ଚାୟତ ନିର୍ବାଚନ ଶେଷ ହେବ ବୋଲି ପ୍ରସ୍ତୁତି ଚାଲିଛି। ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ସନ୍ତୋଷ ଦାସଙ୍କ ସୂଚନା ଅନୁଯାୟୀ ମାର୍ଚ୍ଚରେ ଜନଗଣନା ପରେ ହିଁ ପ୍ରକ୍ରିୟା ଆଗକୁ ବଢ଼ିବ। ଏପ୍ରିଲ ମାସରେ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ଜୁନ୍ ସୁଦ୍ଧା ନିର୍ବାଚନ ଶେଷ କରିବାକୁ ପ୍ରସ୍ତୁତି ଚାଲିଛି।

୨୦୨୭ ଫେବୃଆରୀ-ମାର୍ଚ୍ଚ ମଧ୍ୟରେ ପଞ୍ଚାୟତ ନିର୍ବାଚନ ହେବାକଥା। ମାତ୍ର ଏଥର ବିଳମ୍ବ ହେବାର ସମ୍ଭାବନା ଦେଖାଦେଇଛି। ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଜନଗଣନା ପରେ ଦୁଆର ଦୁଆର ବୁଲି ସର୍ଭେ କରାଯିବ। ଘର ଘର ବୁଲି ବୁଥ୍ ସ୍ତରୀୟ ଭୋଟର ତାଲିକା ପ୍ରସ୍ତୁତ ହେବ। ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି। (୯ ପୃଷ୍ଠାରେ)




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)
୨୦୨୬ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ

ପଞ୍ଜୀକରଣ ଶେଷ ତାରିଖ ୩୧ ଜୁଲାଇ ୨୦୨୬


ଚାଷୀ ଭାଇଭଉଣୀଙ୍କ ପାଇଁ ସୂଚନା

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜୀକରଣ କରିପାରିବେ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା - **ପ୍ରାଥମିକ କୃଷି ସମବାୟ ସମିତି (PACS), ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS) ଓ ବ୍ୟାଙ୍କ ଶାଖାରେ** ଏହି ପଞ୍ଜୀକରଣ କରାଇପାରିବେ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକ କାଗଜ ପତ୍ର ଦେଇ ଏହି ପଞ୍ଜୀକରଣ କରାଇପାରିବେ।
- ଏହି ପଞ୍ଜୀକରଣ ପାଇଁ **ଆଧାର କାର୍ଡ (Aadhaar Card)** ବାଧ୍ୟତାମୂଳକ ଅଟେ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜୀକରଣ **ବିନା କୌଣସି ଦେୟରେ** କରାଯିବ। ବ୍ୟାଙ୍କ ଆକାଉଣ୍ଟ୍ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ।

ସମବାୟ ବିଭାଗ, ଓଡ଼ିଶା ସରକାର

OIPR: 39001/39051/2/26-27/0003 39001/30/2627

## ଭାରତରେ ୧୯୩୧ ମସିହାର ବହି ଦୋକାନ




ଦିଲ୍ଲୀର ଖାନ୍ ମାର୍କେଟରେ ଥିବା 'ଫକୀର ଚାନ୍ଦ ବୁକ୍‌ଷ୍ଟୋର୍' ଏକ ବହୁତ ପୁରୁଣା ବହି ଦୋକାନ, ଯେଉଁଠାରେ ଆଜି ବି ପୁରୁଣା ସମୟର ଅନୁଭୂତି ମିଳିଥାଏ । ଏହି ଦୋକାନଟି ୧୯୩୧ ମସିହାରେ ପେଶାୱରରେ 'ଓରିଏଣ୍ଟାଲ୍ ବୁକ୍ ଶପ୍' ନାମରେ ଆରମ୍ଭ ହୋଇଥିଲା । ହେଲେ ଦେଶ ବିଭାଜନ ସମୟରେ ସବୁକିଛି ଛାଡ଼ି ଏହି ପରିବାରକୁ ଦିଲ୍ଲୀ ଚାଲିଆସିବାକୁ ପଡ଼ିଥିଲା । ପରେ ୧୯୫୧ ମସିହାରେ ଖାନ୍ ମାର୍କେଟରେ ଜାଗା ମିଳିବା ପରେ ସେମାନେ ଏହି ବହି ଦୋକାନକୁ ପୁଣିଥରେ ଆରମ୍ଭ କଲେ । ଏହି ଦୋକାନର ବିଶେଷତ୍ୱ ହେଉଛି ଯେ ଏହାର ପୁରୁଣା ଶୈଳୀ ଓ ଆସବାବପତ୍ରକୁ ଆଦୌ ବଦଳାଯାଇ ନାହିଁ ଏବଂ ଏଠାରେ ବହିଗୁଡ଼ିକ ଆଲମାରୀରେ ଏପଟସେପଟ ହୋଇ ରହିଥାଏ । ଦୀର୍ଘ ବର୍ଷ ଧରି ପ୍ରତିଷ୍ଠାତାଙ୍କ ନାତୁଣୀ ମମତା ଏବଂ ତାଙ୍କ ସ୍ୱାମୀ ଅନୁପ ବାମହି ଏହି ଦୋକାନଟିକୁ ଚଲାଉଥିଲେ । ବର୍ତ୍ତମାନ ତାଙ୍କ ମୃତ୍ୟୁ ପରେ ପରିବାରର ଚତୁର୍ଥ ପିଢ଼ିର ସଦସ୍ୟ ଅଭିନବ ବାମହି ଏହି ଦୋକାନର ଦାୟିତ୍ୱ ନେଇଛନ୍ତି । ଏହି ପୁରୁଣା ବହି ଦୋକାନଟି ଇନଷ୍ଟାଗ୍ରାମରେ ବେଶ୍ ଲୋକପ୍ରିୟ ଏବଂ ପିୟୁଷ ମିଶ୍ର, ୱିଲିୟମ ଡାଲରିମ୍ପଲ, କପିଲ ସିବଲ ଓ ସ୍ମୃତି ଇରାନୀଙ୍କ ଭଳି ଅନେକ ଜଣାଶୁଣା ବ୍ୟକ୍ତି ମଧ୍ୟ ଏଠାକୁ ଆସିଥାନ୍ତି । ଆଜିକାଲିର ଅନଲାଇନ୍ ସର୍ଫ ଯୁଗରେ ମଧ୍ୟ ଏହି ଦୋକାନଟି ନିଜର ପୁରୁଣା ଚେହେରା ଓ ଗ୍ରାହକମାନଙ୍କ ସହ ସମ୍ପର୍କକୁ ବଞ୍ଚାଇ ରଖିପାରିଛି ।



## ବିଶ୍ୱ ଜନସଂଖ୍ୟା ଦିବସ

ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ଜନସଂଖ୍ୟା ଦିବସ' ଭାବେ ପାଳନ କରାଯାଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହ ଜଡ଼ିତ ସମସ୍ୟା, ଲିଙ୍ଗଗତ ସମାନତା, ପରିବାର ନିୟୋଜନ ଏବଂ ମାନବ ଅଧିକାର ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଜନସାଧାରଣଙ୍କୁ ସଚେତନ କରିବା । ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ଯେତେବେଳେ ବିଶ୍ୱର ଜନସଂଖ୍ୟା ୫ ଅରବ ଅତିକ୍ରମ କରିଥିଲା । ସେତେବେଳେ ଏହି ଦିନର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ୧୯୮୯ ମସିହାରୁ ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା । ବର୍ତ୍ତମାନ ସମୟରେ ବିଶ୍ୱର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ଏହା ପ୍ରାକୃତିକ ସମ୍ପଦ ଉପରେ ମଧ୍ୟ ପ୍ରବଳ ଚାପ ସୃଷ୍ଟି କରୁଛି । ଯାହାଫଳରେ ଦାରିଦ୍ର୍ୟ, ବେକାରୀ, ଅସ୍ୱାସ୍ଥ୍ୟକର ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଅନେକ ଆହ୍ୱାନ ଆମ ସାମ୍ନାକୁ ଆସୁଛି । ଏହି ଦିବସ ଆମକୁ ମନେ ପକାଇଦିଏ ଯେ କେବଳ ଜନସଂଖ୍ୟା ନିୟନ୍ତ୍ରଣ ନୁହେଁ, ବରଂ ପ୍ରତ୍ୟେକ ବ୍ୟକ୍ତି ବିଶେଷ କରି ମହିଳା ଓ ଯୁବପିଢ଼ିଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଏବଂ ସମାନ ସୁଯୋଗ ପ୍ରଦାନ କରିବା ଦ୍ୱାରା ହିଁ ଆମେ ଏକ ସୁସ୍ଥ ଓ ସନ୍ତୁଳିତ ସମାଜ ଗଠନ କରିପାରିବା ।

## ପାହାଡ଼ତଳ ସହର

ପ୍ରତିଦିନ ସକାଳୁ ଉଠି ନିଜ ଘରର ମୁଖ୍ୟ କବାଟ ଖୋଲିବା ମାତ୍ରେ ଯଦି ମୁଣ୍ଡ ଉପରେ ଏକ ବିଶାଳ ପାହାଡ଼ ଝୁଲି ରହିଥିବାର ଦେଖାଯାଏ, ତେବେ ଏହା କୌଣସି କାଳ୍ପନିକ କାହାଣୀ ଭଳି ମନେହେବ । ହେଲେ ସ୍ପେନର 'ସେତେନିଲ୍ ଡେ ଲାସ୍ ବୋଡେଗାସ୍' ସହରର ଲୋକଙ୍କ ପାଇଁ ଏହା ଏକ ସାଧାରଣ ଜୀବନଶୈଳୀ । ଦକ୍ଷିଣ ସ୍ପେନର କାଡିଜ୍ ପ୍ରଦେଶରେ ଅବସ୍ଥିତ ଏହି ସୁନ୍ଦର ଐତିହାସିକ ସହରଟି ସାରା ବିଶ୍ୱରେ ଅନ୍ୟ ସବୁ ସ୍ଥାନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ସ୍ଥାନୀୟ ବାସିନ୍ଦାମାନେ ପ୍ରାକୃତିକ ପଥରର ବିଶାଳ ଚଟାଣ ତଳେ ଏବଂ ଏହାର ଚାରିପାଖେ ନିଜର ଘର, କାଫେ, ରେସ୍ତୋରାଁ ଓ ଦୋକାନ ବଜାର ଖୁବ୍ ଚମତ୍କାର ଭାବେ ଗଢ଼ି ତୋଳିଛନ୍ତି । ଏହି ବିଶାଳ ପଥର ଚଟାଣଗୁଡ଼ିକ କେବଳ ସହରର ସୌନ୍ଦର୍ଯ୍ୟ ବଢ଼ାଉନାହାନ୍ତି, ବରଂ



ଏହା ଗରମ ଦିନେ ପ୍ରଖର ସୂର୍ଯ୍ୟକିରଣରୁ ରକ୍ଷା କରିବା ସହ ବର୍ଷସାରା ଘରଗୁଡ଼ିକୁ ପ୍ରାକୃତିକ ଭାବେ ଥଣ୍ଡା ଓ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ। ସ୍ପେନର ଏହି ଆଣ୍ଡାଲୁସିଆ ଅଞ୍ଚଳରେ ଥିବା ସହରଟିର ଇତିହାସ ବେଶ୍ ପୁରୁଣା । ଏହାର ସାମରିକ ଗୁରୁତ୍ୱ ଯୋଗୁଁ ୧୫ଶ ଶତାବ୍ଦୀର ଶେଷ ଭାଗରେ ଏହାକୁ ଏକ ଦୁର୍ଗ ଭାବେ ବ୍ୟବହାର କରାଯାଉଥିଲା । ଯାହାର ପ୍ରମାଣ ସ୍ୱରୂପ ଆଜି ମଧ୍ୟ ସେଠାରେ ଏକ ମଧ୍ୟଯୁଗୀୟ ଦୁର୍ଗର ଭଗ୍ନାବଶେଷ ଦେଖିବାକୁ ମିଳେ । ସହରର ପ୍ରସିଦ୍ଧ 'କାଲେ କୁଏଭାସ ଡେଲ୍ ସଲ୍' ଏବଂ 'କାଲେ କୁଏଭାସ ଡେ ଲା ସୋମ୍ବ୍ରା' ଭଳି ସଂକୀର୍ଣ୍ଣ ଗଳିଗୁଡ଼ିକ ଦେଇ ଯାତ୍ରା କଲେ ପଥରର ବିଶାଳ ଛାତ ତଳେ ପାରମ୍ପରିକ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇହୁଏ । ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲେ ସୁଦ୍ଧା ଏହି ସହରଟି ନିଜର ପୁରୁଣା ଗ୍ରାମୀଣ ଆକର୍ଷଣ, ରଙ୍ଗବେରଙ୍ଗର ଫୁଲକୁଣ୍ଡ ସଜାଯାଇଥିବା ଧଳା ରଙ୍ଗର ଘର ଏବଂ ସ୍ଥାନୀୟ ଲୋକଙ୍କ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଯୋଗୁଁ ପର୍ଯ୍ୟଟକଙ୍କ ପାଇଁ ଏକ ଅବିସ୍ମରଣୀୟ ସ୍ଥାନ ପାଲଟିଛି ।

## ସୋସିଆଲ କୋଟ୍ସ



ଧଡକ-୨ର ସୁଟିଂ ସମୟରେ ମୁଁ ମା'ଙ୍କୁ ହରାଇଥିଲି । ଏହି ଘଟଣାରୁ ବାହାରିବା ପାଇଁ ମୋତେ ବହୁତ ଷ୍ଟ୍ରଗଲ୍ କରିବାକୁ ପଡିଥିଲା । ଏହା ମୋ ଜୀବନର ସବୁଠାରୁ ବଡ କ୍ଷତି ଥିଲା ।

**ଜାହ୍ନବୀ କପୁର, ଅଭିନେତ୍ରୀ**



ଗୋଟେ ସମୟ ଥିଲା ବଲିଉଡର ଫିଲ୍ମର ହିରୋ ହିରୋଇନଙ୍କ ଠାରୁ ଆରମ୍ଭ କରି ପୋଷ୍ଟର, ଗୀତ, ଷ୍ଟାଇଲ ସବୁଥିରେ ଗୁରୁତ୍ୱ ଦିଆଯାଉଥିଲା । ହେଲେ ବର୍ତ୍ତମାନ ସେ ସବୁ ଆଉ ନାହିଁ । ବଲିଉଡ ତାର ଚାର୍ମ ହରାଇଛି ।

**ଅମିଷା ପଟେଲ, ଅଭିନେତ୍ରୀ**



ଶିଶୁଙ୍କ ଠାରୁ ମୋବାଇଲ ଦୂରରେ ରଖିବା ବାପା ମା'ଙ୍କର ଦାୟିତ୍ୱ । ଯଦି ଶିଶୁଟି ମୋବାଇଲ ଆଡିକ୍ଟ ହେଉଛି, ତେବେ ଏଥିରେ ଭୁଲ ବାପା ମା'ଙ୍କର` ଯେତେ ପାରୁଛନ୍ତି ସେମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ ।

**ସୁନିଲ ସେଟ୍ଟି, ଅଭିନେତା**

## ୧୪ ବର୍ଷ ବୟସରେ ଏଆଇ ଷ୍ଟାର୍ଟଅପ



ମାତ୍ର ୧୪ ବର୍ଷ ବୟସରେ, ଯେତେବେଳେ ପିଲାମାନେ ପାଠପଢ଼ା ଓ ଖେଳକୁଦରେ ବ୍ୟସ୍ତ ଥାଆନ୍ତି, ସେତେବେଳେ ଜୈନମ୍ ଜୈନ ନିଜର ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ଗଢ଼ି ଚର୍ଚ୍ଚାକୁ ଆସିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଦୁବାଇର ପ୍ରସିଦ୍ଧ 'ବୁର୍ଜ ଖଲିଫା'ର ୧୪୧ ତମ ମହଲାରେ ତାଙ୍କ କମ୍ପାନୀର ଅଫିସ୍ ରହିଛି । ଜୈନମ୍ 'ମେଙ୍ଗୋ ଇଞ୍ଜିନ' ନାମକ ଏକ ଏଆଇ ପ୍ଲାଟଫର୍ମ ତିଆରି କରିଛନ୍ତି, ଯାହା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ମାର୍କେଟିଂ ଓ ଗ୍ରାହକ ସେବା ଭଳି କାମ ସହଜ କରିବାରେ ସାହାଯ୍ୟ କରେ। ଜୈନମ୍‌ଙ୍କୁ ମାତ୍ର ୬ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ବାପା ତାଙ୍କୁ ଏକ ବ୍ୟବସାୟିକ ମିଟିଂକୁ ନେଇଯାଇଥିଲେ । ଯେଉଁଠାରୁ ତାଙ୍କର ବ୍ୟବସାୟ ପ୍ରତି ଆଗ୍ରହ ବଢ଼ିଥିଲା । ସେ କୌଣସି ପ୍ରାଥମିକ କୋର୍ସ ନକରି ନିଜେ ଇଣ୍ଟରନେଟ୍ ସାହାଯ୍ୟରେ ଏଆଇ ବିଷୟରେ ଶିଖିଛନ୍ତି। ମାତ୍ର ୧୩ ବର୍ଷ ବୟସରେ ସେ ୧୦୫ ଦିନ ମଧ୍ୟରେ ଦଶମ ଶ୍ରେଣୀ ପାଠପଢ଼ା ଶେଷ କରି ନିଜ କମ୍ପାନୀ ଉପରେ ଧ୍ୟାନ ଦେଇଥିଲେ । ସେ ନିଜ ନାମରେ ଦୁଇଟି ପେଟେଣ୍ଟ ହାସଲ କରିବା ସହ ଟେଡ୍‌ଏକ୍ସରେ ଭାଷଣ ଦେଇଛନ୍ତି । ସେ ଏକ ବହି ଲେଖିଛନ୍ତି ଏବଂ ୟୁଟ୍ୟୁବ୍‌ରେ ତାଙ୍କର ୧ ଲକ୍ଷ ୪୫ ହଜାରରୁ ଅଧିକ ସବ୍‌ସ୍କ୍ରାଇବର ଅଛନ୍ତି। ସେ ୧୦ ବର୍ଷ ବୟସରୁ '୫୦-ଦିନର ଚ୍ୟାଲେଞ୍ଜ' ସିରିଜ୍ ମାଧ୍ୟମରେ ୫୦ଟି ବହି ପଢ଼ିବା, ୫୦ଟି ବ୍ୟବସାୟିକ କାର୍ଯ୍ୟକ୍ରମରେ ଯୋଗଦେବା ଓ ଭାରତରେ ପ୍ରାୟ ୬୦୦୦ କିଲୋମିଟର ଯାତ୍ରା କରି ବଡ଼ ବଡ଼ ବ୍ୟବସାୟୀଙ୍କୁ ଭେଟିବାର ଅନୁଭବ ହାସଲ କରିଛନ୍ତି । ଆଗକୁ ଏକ ବଡ଼ ୟୁନିକର୍ଣ୍ଣ ଟେକ୍ନୋଲୋଜି କମ୍ପାନୀ ଗଢ଼ିବାକୁ ସ୍ୱପ୍ନ ଦେଖୁଥିବା ଜୈନମ୍ ପ୍ରମାଣ କରିଛନ୍ତି ଯେ ଇଚ୍ଛାଶକ୍ତି ଓ ପରିଶ୍ରମ ଆଗରେ ବୟସ କେବେ ବି ପ୍ରତିବନ୍ଧକ ସାଜେ ନାହିଁ ।

## ମା' ହେବା ନିଜସ୍ୱ ନିଷ୍ପତ୍ତି



ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅଭିନେତ୍ରୀ କ୍ରିତି ସାନନ୍ ନିଜ ଜୀବନର ଏକ ବଡ଼ ବ୍ୟକ୍ତିଗତ ନିଷ୍ପତ୍ତି ବିଷୟରେ ପ୍ରଥମ ଥର ପାଇଁ ଏକ ପଡ୍‌କାଷ୍ଟରେ ଖୁଲାସା କରିଛନ୍ତି। ସେ ଜଣାଇଛନ୍ତି ଯେ ସରୋଗେସି ଉପରେ ଆଧାରିତ ତାଙ୍କର ସୁପରହିଟ୍ ଫିଲ୍ମ 'ମିମି'ର ସୁଟିଂ ସମୟରେ ସେ ନିଜର ଏଗ୍ ଫ୍ରିଜ୍ କରିଥିଲେ । ଏହି ଚଳଚ୍ଚିତ୍ରରେ ଜଣେ ଗର୍ଭବତୀ ମହିଳାର ଚରିତ୍ରକୁ ସ୍ୱାଭାବିକ ଭାବେ ଅଭିନୟ କରିବା ପାଇଁ କ୍ରିତିଙ୍କୁ ପ୍ରାୟ ୧୫ କିଲୋଗ୍ରାମ ଓଜନ ବଢ଼ାଇବାକୁ ପଡ଼ିଥିଲା । ଓଜନ ବଢ଼ାଇବା ପାଇଁ ତାଙ୍କ ପାଖରେ ଦୁଇ ମାସର ସମୟ ଥିଲା ଏବଂ ସେହି ସମୟରେ କୌଣସି ସୁଟିଂ ନଥିଲା। ତେଣୁ ଏଗ୍ ଫ୍ରିଜ୍ ପ୍ରକ୍ରିୟା ସେ ଏହି ସମୟରେ ହିଁ କରିଥିଲେ ଯାହା ତାଙ୍କୁ ଖୁବ ସହାୟକ ହୋଇଥିଲା । ଏହି ପ୍ରକ୍ରିୟା କାରଣରୁ ତାଙ୍କୁ ଫିଲ୍ମ ସୁଟିଂରେ ମଧ୍ୟ ଖୁବ ସହାୟତା ମିଳିଥିବା ସେ ପ୍ରକାଶ କରିଛନ୍ତି । ଏହି ସମୟରେ ହରମୋନ୍‌ର ପରିବର୍ତ୍ତନ ଯୋଗୁଁ ସେ ଜଣେ ଗର୍ଭବତୀ ମହିଳାଙ୍କ ଭଳି ଅତ୍ୟଧିକ ମୁଡ୍ ସ୍ୱିଙ୍ଗ ଅନୁଭବ କରୁଥିଲେ । ତେବେ ନିଜର ଫର୍ଟିଲିଟିକୁ ସୁରକ୍ଷିତ ରଖିବା ଦ୍ୱାରା ସେ ବାୟୋଲୋଜିକାଲ୍ କ୍ଲକର ମାନସିକ ଚାପରୁ ସେ ମୁକ୍ତି ପାଇଛନ୍ତି । ବିବାହ କିମ୍ବା ପିଲା ଜନ୍ମ କରିବା ନିଷ୍ପତ୍ତି କୌଣସି ସାମାଜିକ ଚାପରେ ନୁହେଁ, ବରଂ ନିଜେ ପ୍ରସ୍ତୁତ ଥିବା ବେଳେ ହିଁ ନେବା ଉଚିତ୍ ବୋଲି ସେ ମତ ପ୍ରକାଶ କରିଛନ୍ତି ।

## ଇତିହାସ

୧୮୫୭- ଭାରତୀୟ ନ୍ୟାୟାଧୀଶ ଏବଂ ରାଜନେତା ସି ଶଙ୍କରନ ନାୟାରଙ୍କ ଜନ୍ମ ।

୧୯୦୨- ଭାରତର ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ, ରାଜନୀତିଜ୍ଞ ଏବଂ ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ ସର୍ଦ୍ଦାର ବଳଦେବ ସିଂହଙ୍କ ଜନ୍ମ ।

୧୯୭୭- ମାର୍ଟିନ୍ ଲୁଥର କିଙ୍ଗ ଜୁନିଅରଙ୍କୁ ମେଡାଲ ଅଫ୍ ଫ୍ରିଡମ୍‌ରେ ସମ୍ମାନିତ କରାଗଲା ।

୧୯୭୯- ଆମେରିକୀୟ ଅନ୍ତରୀକ୍ଷ ପ୍ରୟୋଗଶାଳା ସ୍କାଏ ଲ୍ୟାବ୍ ପୃଥିବୀ ଉପରେ ପଡିଲା । ହିନ୍ଦ୍ ମହାସାଗର ଏବଂ ପଶ୍ଚିମ ଅଷ୍ଟ୍ରେଲିଆ ମଧ୍ୟରେ ଏହା ପଡିଥିଲା ।

୨୦୦୩- ଲାହୋରରେ ଦୋସ୍ତି ବସ୍ ଏବଂ ଦିଲ୍ଲୀରୁ ସଦା ଏ ସରହଦ୍ ବସ୍‌ର ପରିଚାଳନା ଆରମ୍ଭ ।

୨୦୦୪- ବ୍ୟାଙ୍କକ୍‌ରେ ଏଚ୍‌ଆଇଭି ଏଡସ୍ ପ୍ରସଙ୍ଗରେ ସମ୍ମିଳନୀ ।

୨୦୦୬- ମୁମ୍ବାଇ ଲୋକାଲ ଟ୍ରେନ୍ ବମ୍ ବିସ୍ଫୋରଣରେ ୨୦୯ ଲୋକଙ୍କ ପ୍ରାଣହାନୀ ।

୨୦୧୧- ପରମବୀର ଚକ୍ର ଦ୍ୱାରା ସମ୍ମାନିତ ଭାରତୀୟ ସୈନିକ ସେକେଣ୍ଡ ଲେଫ୍ଟନାଣ୍ଟ ରାମା ରାଘୋବା ରାଣେଙ୍କ ପରଲୋକ ।

## ବ୍ୟାକ୍ଟେରିଆ ଖାଉଛି ପ୍ଲାଷ୍ଟିକ

ସ୍କଟଲାଣ୍ଡସ୍ଥିତ ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏଭଳି ଏକ ବ୍ୟାକ୍ଟେରିଆର ଉଦ୍ଭାବନ କରିଛନ୍ତି, ଯାହା ପ୍ଲାଷ୍ଟିକ ବୋତଲ ଖାଇବାରେ ସକ୍ଷମ। ଏହି ବ୍ୟାକ୍ଟେରିଆଟି ପ୍ଲାଷ୍ଟିକ ବୋତଲରୁ ବିଭିନ୍ନ ପ୍ରକାର ସାମଗ୍ରୀ ଯେପରି ମେକଅପ୍, ଅତର ଭଳି ଅନେକ ସାମଗ୍ରୀ ପ୍ରସ୍ତୁତ କରିପାରିବ ବୋଲି ସେମାନେ ମତ ଦେଇଛନ୍ତି। ପ୍ରତିଦିନ ଆମେ ଅନେକ ପ୍ଲାଷ୍ଟିକ ବୋତଲ ବ୍ୟବହାର କରି ଫୋପାଡିଥାଉ, ଯାହା ପ୍ଲାଷ୍ଟିକ ଆବର୍ଜନା ବଢାଇବାରେ ବିଶେଷ ଭୂମିକା ଗ୍ରହଣ କରିଥାଏ । ବୈଜ୍ଞାନିକମାନେ ପ୍ରସ୍ତୁତ କରିଥିବା ଏହି ଇ-କଏଲ୍ ବ୍ୟାକ୍ଟେରିଆ ପ୍ଲାଷ୍ଟିକ୍‌ରେ ଥିବା ପଲିଇଥେଲିନ୍ ଟେରେଫଥାଲେଟେ ବା ପିଇଟିକୁ ଏଡିପିକ୍ ଏସିଡ୍‌ରେ ବିଘଟନ କରିଥାଏ । ଏହି ଏଡିପିକ୍ ଏସିଡ୍‌ର କସମେଟିକ୍, ଫାର୍ମା ଓ ପର୍ସନାଲ କେୟାର ଇଣ୍ଡଷ୍ଟ୍ରୀରେ ଅଧିକ ବ୍ୟବହାର ରହିଛି । ଏହି ଉପାୟ ଆଗକୁ ପ୍ଲାଷ୍ଟିକ ଆବର୍ଜନା କମାଇବାରେ ବିଶେଷଭାବେ ସହାୟକ ହେବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ଏହି ପ୍ରକ୍ରିୟା ଓ ସମ୍ପୃକ୍ତ ବ୍ୟାକ୍ଟେରିଆ ଉପରେ ସେମାନେ ଅଧିକ ଗବେଷଣା କରୁଥିବା ସୂଚନା ଦେଇଛନ୍ତି ।



**ମେଷ:** ସମ୍ପର୍କ ହାନି, ଅର୍ଥସମସ୍ୟା, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ଦୂରଯାତ୍ରା ବ୍ୟବସାୟରେ ଶତ୍ରୁତା, ବନ୍ଧୁଲାଭ, ସନ୍ତାଖୁସି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ମା' ମହାଲକ୍ଷ୍ମୀ ।

**ବୃଷ:** ଭ୍ରମଣକଷ୍ଟ, ନୂତନ କାର୍ଯ୍ୟରେ ଲାଭ, କର୍ମକ୍ଷେତ୍ରେ ସଫଳ, ପଦବୀଲାଭ, ଅନୁଷ୍ଠାନରୁ ଖୁସି, ମନ ଅସ୍ଥିର, ବନ୍ଧୁଲାଭ, ଅର୍ଥସମସ୍ୟା,ସମ୍ପତ୍ତିଲାଭ, ଶୁଭଖବର, ବିଦ୍ୟାରେ ସଫଳ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ମା' ଭୁବନେଶ୍ୱରୀ ।

**ମିଥୁନ:** କାର୍ଯ୍ୟରେ ସଫଳ, ନୂତନ ବନ୍ଧୁଲାଭ, ଶତ୍ରୁ ପରାଜିତ, ସମ୍ପତ୍ତିଲାଭ, ବ୍ୟବସାୟିକ ଖୁସି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ସଫଳ, ପୁରାତନ ବିବାଦ ସମାଧାନ, ଅର୍ଥଲାଭ, ସନ୍ତାନପ୍ରାପ୍ତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**କର୍କଟ:** ଅର୍ଥସମସ୍ୟା, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଶୁଭଖବର, ଯାନ୍ତ୍ରିକତ୍ରୁଟି, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର ସୁସ୍ଥ, ସୁମିଷ୍ଟ ଭୋଜନ, ସନ୍ତାନ ସମସ୍ୟା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ମାଣିକେଶ୍ୱରୀ ।

**ସିଂହ:** କାର୍ଯ୍ୟରେ ସଫଳ, ନୂତନ କାର୍ଯ୍ୟରେ ଲାଭ, ମାନସିକ ଶାନ୍ତି, ଅର୍ଥଲାଭ, ଦ୍ରବ୍ୟଲାଭ, ବିବାଦ ସମାଧାନ, ନୂତନ ଚୁକ୍ତି, ସମ୍ପତ୍ତିଲାଭ, କଳହ ସମାଧାନ, ଶୁଭଖବର, ପିଲାଙ୍କ ଚିନ୍ତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ମା' ଭଗବତୀ ।

**କନ୍ୟା:** ଅଯଥା ବ୍ୟୟ, କାର୍ଯ୍ୟରେ ବିଳମ୍ବ, ହଠାତ୍ ଦୂରଯାତ୍ରା, ଉଚ୍ଚସ୍ଥାନରୁ ପତନ, ପୁରାତନ ମାମଲାରେ କଷ୍ଟ, ଅଳ୍ପ ଧନଲାଭ, ଶୁଭଖବର, ଦାମ୍ପତ୍ୟଖୁସି, ବିବାଦମୁକ୍ତ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ

**ତୁଳା:** ଯାତ୍ରାରେ ସଫଳ, ସମ୍ମାନଲାଭ, ମାନସିକ ଶାନ୍ତି, ପଦବୀଲାଭ, ଗୃହେ ସହଯୋଗ, ଅର୍ଥଲାଭ, ମାମଲା ସମାଧାନ, ବ୍ୟବସାୟରେ ଲାଭ, ପୁରାତନ ବନ୍ଧୁମିଳନ, ସନ୍ତାନଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଖୁସିଖବର, ବ୍ୟବସାୟରେ ଲାଭ, ଅର୍ଥଲାଭ, ପଦବୀଲାଭ, ଯାତ୍ରା ସଫଳ, ଆଶାପୂର୍ତ୍ତି, ସମ୍ପତ୍ତିଲାଭ, ଅଳ୍ପ ଶତ୍ରୁ ସମସ୍ୟା, ପୁରୁଣା ମାମଲା ସମାଧାନ, ବନ୍ଧୁଲାଭ, ଦାମ୍ପତ୍ୟଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ନୃସିଂହ ।

**ଧନୁ:** କାର୍ଯ୍ୟରେ ବାଧା, ଅର୍ଥସମସ୍ୟା, ହେବାକାର୍ଯ୍ୟରେ ବିଳମ୍ବ, ମାନସିକ ଅଶାନ୍ତି, ବନ୍ଧୁସାହାଯ୍ୟ, ଉଚ୍ଚଆଶାରେ ବିଫଳ, ବ୍ୟବସାୟିକକଷ୍ଟ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ଖୁସି, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଅପମାନ, ଶରୀର ଅସୁସ୍ଥ, ପାରିବାରିକ ଖୁସି, ଉଚ୍ଚଆଶା ବିଫଳ, ଦେବଦର୍ଶନ, ଯାତ୍ରାରେ ସତର୍କ, ଦ୍ରବ୍ୟନଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ, ଗୁରୁଜନଙ୍କ ଆଶୀର୍ବାଦ, ବିଦ୍ୟାରେ ସଫଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ପ୍ରୀତି ବୃଦ୍ଧି, କାର୍ଯ୍ୟ ସଫଳ, ବନ୍ଧୁଲାଭ, ଧର୍ମକାର୍ଯ୍ୟରେ ସନ୍ତୁଷ୍ଟ ପଦବୀଲାଭ, ବ୍ୟବସାୟରେ ଉନ୍ନତି, ଶରୀର ସୁସ୍ଥ, ଅର୍ଥଲାଭ, ସମ୍ପତ୍ତିକ୍ରୟ, ମାମଲାରେ ଖୁସି, ପାରିବାରିକ ଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଦ୍ରବ୍ୟଲାଭ, ପୁରାତନ ରୋଗରୁ ଉପଶମ, ବ୍ୟବସାୟରେ ଲାଭ, ଅର୍ଥସମସ୍ୟା ସମାଧାନ, ସନ୍ତାନଖୁସି, ଶତ୍ରୁପରାଜିତ, ନୂତନ ସୁଯୋଗ ପ୍ରାପ୍ତି, ଯାନବାହନ କ୍ରୟ, ଶରୀର ସୁସ୍ଥ, ଦାମ୍ପତ୍ୟଖୁସି, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ବାଟମଙ୍ଗଳା ।

**ଆଷାଢ଼ କୃଷ୍ଣପକ୍ଷ ଏକାଦଶୀ**
**୧୧.୭.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଜମି ଲିଜ୍ ରେକର୍ଡ଼ ଠିକ ରକ୍ଷଣାବେକ୍ଷଣ ଲାଗି କଡ଼ା ନିର୍ଦ୍ଦେଶ

# ନ୍ୟାୟିକ ମାମଲାରେ ଅଦାଲତରେ ସଠିକ୍ ସଂରକ୍ଷିତ ରେକର୍ଡ ଦିଅ

ଭୁବନେଶ୍ୱର(ସବ୍ୟୁ): ଜମି ଲିଜ୍ ସମ୍ବନ୍ଧୀୟ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଓ ବିଧିବଦ୍ଧ ପ୍ରକ୍ରିୟାର ଯଥାର୍ଥ ପାଳନକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ଆବଶ୍ୟକୀୟ ସଠିକ୍ ସଂରକ୍ଷିତ ରେକର୍ଡ଼ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ।

ସମ୍ପ୍ରତି ଏକ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଦୃଷ୍ଟିରେ ରଖି ବିଭାଗ ସ୍ପଷ୍ଟ କରିଛି ଯେ, ଜମି ଲିଜ୍ ସଂକ୍ରାନ୍ତୀୟ ସମସ୍ତ ମାମଲାରେ ନ୍ୟାୟାଳୟଙ୍କ ଆଦେଶ, ପ୍ରଚଳିତ ଆଇନ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାର ସଠିକ୍ ଅନୁପାଳନ କରାଯିବ । କୌଣସି ପ୍ରକାରର ଅବହେଳା କିମ୍ବା ବିଳମ୍ବକୁ ଗୁରୁତର ଭାବେ ବିବେଚନା କରାଯିବ । ଏହି ପରିପ୍ରେକ୍ଷୀରେ ରାଜସ୍ୱ ସଚିବ କହିଛନ୍ତି, ଜମି ଲିଜ୍ ସମ୍ପର୍କିତ ନ୍ୟାୟିକ ମାମଲାରେ ଆଇନସମ୍ମତ ନିଷ୍ପତ୍ତି, ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ । ଏଥିରେ କୌଣସି ତ୍ରୁଟି ଦେଖାଦେଲେ ଜନସାଧାରଣଙ୍କ ସ୍ୱାର୍ଥ ପ୍ରଭାବିତ ହେଉଛି । ଏ ସମ୍ପର୍କିତ ସମସ୍ତ ନଥିପତ୍ର ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ସହ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସଠିକ୍ ସମୟରେ ତାହା ଯୋଗାଇ ଦେବା ନିମନ୍ତେ ରାଜସ୍ୱ ସଚିବ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ସମସ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରତି ସମ୍ପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରିବା, ଆଇନଗତ ବ୍ୟବସ୍ଥାକୁ ଅନୁସରଣ କରିବା ଏବଂ ଆବଶ୍ୟକୀୟ ସତର୍କତା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳମାନେ ବିଭିନ୍ନ ଅଧୀନସ୍ଥ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଏସବୁ ନଥିପତ୍ରର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଯାଞ୍ଚ କରି ଏସବୁର ସୁରକ୍ଷା ଏବଂ ଉପଲବ୍ଧି ସୁନିଶ୍ଚିତ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ।



ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

### ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ମାମଲାରେ ରାଜସ୍ୱ ପର୍ଷଦଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ହାଲ୍ ରେକର୍ଡ ସଂଶୋଧନ ଲାଗି ଜଟଣୀ ତହସିଲଦାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକହରାଜତ ମହଲ ଅନ୍ତର୍ଗତ ଜମି ସମ୍ପର୍କିତ ଦୀର୍ଘଦିନର ବିବାଦରେ ରାଜସ୍ୱ ପର୍ଷଦ(ବୋର୍ଡ ଅଫ୍ ରେଭେନ୍ୟୁ) ସଦସ୍ୟଙ୍କ ନ୍ୟାୟାଳୟ ଏକ ୩୩ ପୃଷ୍ଠାର ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ ଏହି ମାମଲାର ତ୍ୱରିତ ଶୁଣାଣି ପରେ ଦାଖଲ ହୋଇଥିବା ଦୁଇଟି ରିଭିଜନ୍ ପିଟିସନକୁ ମଞ୍ଜୁର କରି ଜଟଣୀ ତହସିଲଦାରଙ୍କୁ ବିବାଦୀୟ ଜମିର ହାଲ ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ସଂଶୋଧନ କରି ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ରେକର୍ଡ କରିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି ।

ଏହି ମାମଲା ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅଧୀନ କୁଦୀଆରି ମୌଜାର ବିଶାଳ ପରିମାଣର ଜମି ସହ ସମ୍ପୃକ୍ତ । ମନ୍ଦିର ପକ୍ଷରୁ ଦାବି କରାଯାଇଥିଲା ଯେ ୧୯୫୧ ମସିହାରେ ଏକ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ପାଇଁ ଦିଆଯାଇଥିବା ଦୀର୍ଘମିଆଦୀ ଲିଜ୍ ଆଇନସମ୍ମତ ନଥିଲା । ସେହି ଲିଜକୁ ଆଧାର କରି ପରବର୍ତ୍ତୀ ସମୟରେ ହାଲ ରେକର୍ଡରେ ବେସରକାରୀ ପକ୍ଷ ତଥା ନିଳମଣି ଦୁବେ ଓ ଅନ୍ୟମାନେ ଏବଂ ଗୋପବନ୍ଧୁ ଗ୍ଲାସ ଆଣ୍ଡ ପଟରି ଓ୍ୱାର୍କସ ଲିମିଟେଡ଼ ନାମକ ଏକ ସଂସ୍ଥା ନାମରେ ରେକର୍ଡ କରାଯାଇଥିଲା ।

କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, ସେତେବେଳେ ପ୍ରଚଳିତ ଥିବା ଓଡ଼ିଶା ହିନ୍ଦୁ ଧର୍ମୀୟ ଏଣ୍ଡାଉମେଣ୍ଟ ଆଇନ ୧୯୩୯ର ଧାରା ୫୮ ଅନୁଯାୟୀ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ମନ୍ଦିରର ଅଚଳ ସମ୍ପତ୍ତିକୁ ଲିଜ୍ ଦେବାକୁ ହେଲେ ଏଣ୍ଡାଉମେଣ୍ଟ କମିଶନରଙ୍କ ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଥିଲା । କିନ୍ତୁ ଏହି ମାମଲାରେ ଏପରି କୌଣସି ଅନୁମୋଦନ ହାସଲ କରାଯାଇଥିବାର ପ୍ରମାଣ ବିପକ୍ଷ ପକ୍ଷ ଦାଖଲ କରିପାରିନଥିଲେ । କେବଳ ଲିଜ୍ ଦଲିଲ ପଞ୍ଜୀକୃତ ହୋଇଥିବାରୁ ତାହା ଆଇନସମ୍ମତ ହୋଇଯାଏ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଲିଜ୍ ଦେବାର ଉଦ୍ଦେଶ୍ୟ ଥିଲା ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ । କିନ୍ତୁ ମାମଲାରେ ଉପସ୍ଥାପିତ ଦସ୍ତାବିଜରୁ ଏପରି କୌଣସି ଶିଳ୍ପ ପ୍ରତିଷ୍ଠାନ ବାସ୍ତବରେ ସ୍ଥାପିତ ହୋଇଥିବା କିମ୍ବା ମନ୍ଦିର କୌଣସି ଆର୍ଥିକ ଲାଭ ପାଇଥିବାର ପ୍ରମାଣ ମିଳିନାହିଁ । ବରଂ ତହସିଲଦାରଙ୍କ ସଦ୍ୟତମ କ୍ଷେତ୍ର ପରିଦର୍ଶନ ରିପୋର୍ଟରେ ବିବାଦୀୟ ଜମି ଏବେ ମଧ୍ୟ ଖାଲି ପଡ଼ିଥିବା ଉଲ୍ଲେଖ ରହିଛି । ରାୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶ୍ରୀଜଗନ୍ନାଥ ଟେମ୍ପଲ୍ ମ୍ୟାନେଜିଂ କମିଟି ବନାମ ସିଦ୍ଧ ମଠ ମାମଲାର ନିଷ୍ପତ୍ତିକୁ ମଧ୍ୟ ଉଲ୍ଲେଖ କରାଯାଇଛି । କୋର୍ଟ ମତ ଦେଇଛନ୍ତି ଯେ ମନ୍ଦିର ସମ୍ପତ୍ତିର ସୁରକ୍ଷା ପାଇଁ ପ୍ରଚଳିତ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥାକୁ ସର୍ବାଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ ଏବଂ ସେହି ବ୍ୟବସ୍ଥାର ଉଲ୍ଲଙ୍ଘନ କରି କୌଣସି ଅଧିକାର ସୃଷ୍ଟି ହୋଇପାରିବ ନାହିଁ ।

ଦୀର୍ଘ ଶୁଣାଣି ପରେ କୋର୍ଟ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ୧୯୭୫ ମସିହାରେ ପ୍ରସ୍ତୁତ ହୋଇଥିବା ହାଲ ରେକର୍ଡ ଆଇନଗତ ତ୍ରୁଟିରେ ପରିପୂର୍ଣ୍ଣ ଏବଂ ତାହାକୁ ଅବ୍ୟାହତ ରଖାଯାଇପାରିବ ନାହିଁ । ଫଳରେ ରିଭିଜନ୍ ପିଟିସନକୁ ମଞ୍ଜୁର କରାଯାଇ ଜଟଣୀ ତହସିଲଦାରଙ୍କୁ ତୁରନ୍ତ ହାଲ ରେକର୍ଡ ସଂଶୋଧନ କରି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ "ଅନାବାଦୀ-ପୁରାତନ ପତିତ' କିସମରେ ରେକର୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସହିପରି ଏହି ରାୟ ଜଗନ୍ନାଥପ୍ରେମୀ ଜନସାଧାରଣଙ୍କ ମନରେ ଉତ୍ସାହ ଓ ଆନନ୍ଦ ସଞ୍ଚାର କରିଛି ।



- ୧୯୫୧ ର ଦୀର୍ଘମିଆଦୀ ଲିଜର ବୈଧତା ଉପରେ ରାଜସ୍ୱ ପର୍ଷଦଙ୍କ ପ୍ରଶ୍ନ
- ଶ୍ରୀଜଗନ୍ନାଥଙ୍କ ଜମିଜମାର ସୁରକ୍ଷା ଲାଗି ବଦ୍ଧପରିକର ରାଜସ୍ୱ ବିଭାଗ

### ପ୍ରଦେଶ ଯୁବ କଂଗ୍ରେସର ଛାତ୍ରୋଂକି ଗୁଞ୍ଜ କାର୍ଯ୍ୟକ୍ରମ

# ଶିକ୍ଷା ବ୍ୟବସ୍ଥା, ପରୀକ୍ଷା ପ୍ରକ୍ରିୟାର ସୁଧାର ହେଉ : ଉଦୟ ଭାନୁ ଚିବ୍

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ମାଷ୍ଟରକ୍ୟାଂଟିନ ସ୍ଥିତ ଏକ ହେଟେଲରେ ଛାତ୍ରୋଂକି ଗୁଞ୍ଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଯୋଗଦେଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ କିପରି ଅତ୍ୟାଚାରିତ ଓ ଶୋଷିତ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଭୁବନେଶ୍ୱରର ବିଭିନ୍ନ କଲେଜ ଓ୍ୟୁନିଭର୍ସିଟିର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟତଃ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁବ କଂଗ୍ରେସ ପକ୍ଷରୁ ୩ଟି ଦାବି ଉପସ୍ଥାପନ କରାଯାଇଥିଲା । ପ୍ରଥମ ଦାବିରେ ପ୍ରଶ୍ନପତ୍ର ପ୍ରଘଟ ମୁକ୍ତ ପରୀକ୍ଷା ଆୟୋଜନ ଏବଂ ପରିଚାଳନା ବ୍ୟବସ୍ଥାକୁ ଉତ୍ତରଦାୟୀ ଓ ସଶକ୍ତ କ୍ରିୟାବିଧି ଯୁକ୍ତ ସୁନିଶ୍ଚିତ କରିବା । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସହିତ ମନ୍ତ୍ରୀଙ୍କ ସହ ପ୍ରଶ୍ନପତ୍ର ପ୍ରଘଟ ମାଫିଆଙ୍କ ସହ ସମ୍ବନ୍ଧର ତଦନ୍ତ ଦାବି । ସମସ୍ତ ପରୀକ୍ଷା ଏବଂ ନିଯୁକ୍ତି ପ୍ରକ୍ରିୟା ଗୁଡ଼ିକ ପାଇଁ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଉ ।

ଶ୍ରୀ ଚିବ୍ କହିଲେ ଯେ ଏ ଦେଶର ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ, ସେମାନଙ୍କୁ ଏବଂ ସେମାନଙ୍କର ଅଭିଭାବକ ମାନଙ୍କୁ କିଭଳି ଶୋଷଣ କରାଯାଉଛି ଏବଂ ନିର୍ଯାତନା ଦିଆଯାଉଛି ସେଥିପ୍ରତି ଜନନାୟକ ରାହୁଲ ଗାନ୍ଧୀ ଗଭୀର ଚିନ୍ତା ପ୍ରକଟ କରିବା ସହ ଉଜୁଡ଼ି ଯାଇଥିବା ଶିକ୍ଷା ବ୍ୟବସ୍ଥା ଓ ପରୀକ୍ଷା ପ୍ରକ୍ରିୟାର ସୁଧାର ପାଇଁ ଏକ ସଂକଳ୍ପବଦ୍ଧ ସଂଗ୍ରାମ କରିବାକୁ ଶ୍ରୀ ଗାନ୍ଧୀ ଦେଶର ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି । କେବଳ ଶିକ୍ଷା ପ୍ରାପ୍ତି ନୁହେଁ ସେ ଶିକ୍ଷାପରେ ନିଯୁକ୍ତି ବା କର୍ମସଂସ୍ଥାନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । କୋଟାରେ ଛାତ୍ରୋଂକି ଗୁଞ୍ଜ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ଶ୍ରୀ ଗାନ୍ଧୀ ଏ ଦେଶର ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କର ଯନ୍ତ୍ରଣା କ'ଣ ଏବଂ ସାମନାରେ ଥିବା ସମସ୍ୟା ସହିତ ସେମାନେ କିଭଳି ଲୁଚ୍ଛନ୍ତି ସେ ଉପରେ ବକ୍ତବ୍ୟ ଦେଇଥିଲେ ।

ଶ୍ରୀ ଚିବ୍ କହିଲେ ଯେ ଦେଶରେ ୧୦୦ ଟି ଇଂଜିନିୟରିଂ ଛାତ୍ର ମଧ୍ୟରୁ ୮୦ ଜଣ ବେକାର ବୁଲୁଛନ୍ତି । ୨୦୧୪ ମସିହା ପୂର୍ବରୁ ବିଜେପିର ବାର୍ଷିକ ୨ କୋଟି ନିଯୁକ୍ତି ପ୍ରତିଶ୍ରୁତି ୨୦୨୬ ମସିହା ସୁଦ୍ଧା ସମ୍ଭବ ହୋଇପାରିଲା ନାହିଁ । ଏଥା ପ୍ରତିଶ୍ରୁତି ନୁହେଁ ପ୍ରତାରଣା ହିଁ ଥିଲା । ସୁତରାଂ ଏ ଦୁର୍ବଳ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ବ୍ୟାପକ ଛାତ୍ର ଆନ୍ଦୋଳନର ଆବଶ୍ୟକତା ରହିଛି । ଗତ ୧୦ ବର୍ଷର ମୋଦି ସରକାର ୮୯ ଥର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା ବେଳେ ୪୮ ଥର ପୁନଃ ପରୀକ୍ଷା ହୋଇଛି । ୨୨ ଲକ୍ଷ ଛାତ୍ର ଛାତ୍ରୀ ୨୦୨୬ ନିଟ୍ ପେପର ଲିକ୍ ପାଇଁ ପ୍ରଭାବିତ ହୋଇଥିବାବେଳେ ୨୦୨୪ ନିଟ୍ ପେପର ଲିକ୍ ରୁ କେନ୍ଦ୍ର ସରକାର କିଛି ଶିକ୍ଷା କଲେ ନାହିଁ ।

ସେହିଭଳି ଓଡ଼ିଶାରେ ଶିକ୍ଷାବ୍ୟବସ୍ଥା ମଧ୍ୟ ଭୁଷୁଡ଼ି ପଡିଛି । ଓଡ଼ିଆ ପାଠ୍ୟ ପୁସ୍ତକରେ ସାହିତ୍ୟ ବହିରେ ଗଣିତ, ଗଣିତ ବହିରେ ସାହିତ୍ୟ, ବୈଜ୍ଞାନିକ ନିଉଟନକୁ ପାଇଲଟ, ନିୟମଗିରୀ ପର୍ବତ ଝାଡଖଣ୍ଡରେ ଅବସ୍ଥିତ, ଓଡ଼ିଶା ବିଧାନସଭା ଜାଗାରେ କର୍ଣ୍ଣାଟକ ବିଧାନସଭାର ଫଟୋ, ସାହିତ୍ୟ ପୁସ୍ତକରେ ନିମ୍ବୋଡା ନିମ୍ବୋଡା ଗୀତ ପ୍ରଭୃତି ସ୍ଥାନିତ କରିବା ଘଟଣାରେ ଓଡ଼ିଆ ଜାତିର ସ୍ୱାଭିମାନ, ସମ୍ମାନ ଓ ଓଡ଼ିଆ ଅସ୍ମିତା ଭୁଲୁଣ୍ଠିତ ହୋଇଛି । ଓଡ଼ିଶାର ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ପ୍ରତି ରାଜ୍ୟ ସରକାର ବିଶ୍ୱାସଘାତକତା କରିଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ୍, ରିୟାନା ରାଜୁ, ପୂର୍ଣ୍ଣଚନ୍ଦ୍ର ପାଢୀ, ସ୍ମୃତି ରଞ୍ଜନ ଲେଙ୍କା, ୟାସିର ନଓ୍ୱାଜ, ସୁଦିପ ସାମଲ, ସମ୍ରାଟ ଜେନା, କୃଷ୍ଣ ମହାନ୍ତି, ଜ୍ଞାନ ରଞ୍ଜନ ରାଉତ, ଗୋପନ ମାର୍ଥା, ସ୍ୱାଗତ କର, ମହମ୍ମଦ ଗୁଲଫାମ, ଆଲୋକ ଦାଶ, ଅମିତ ଆଚାର୍ଯ୍ୟ, ଲକ୍ଷ୍ମୀପ୍ରିୟ ନାୟକ, ଲିପିକା ପାତ୍ର, ବଳରାମ ନନ୍ଦ, ବଟକୃଷ୍ଣ ରାଉତରାୟ, ସୁରଜ ରାଉତ, ସଂଦୀପ ରାଉତରାୟ, ନିଆଜୁଲ ଇସଲାମ, ସୁନିଲ ସାହୁ ଗାନ୍ଧୀ, କାର୍ତ୍ତିକେଶ୍ୱର କାଣ୍ଡି, ମୋହନ ନାୟକ, ଅଙ୍କିତ ସାହୁ, ବିରଞ୍ଚି ବାରିକ, ସଂଦୀପ ସାମନ୍ତରାୟ, କେଦାର ଦଳାଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



# ସରିଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ,ଅଗଷ୍ଟ ଶେଷ ସପ୍ତାହରେ ରେଜଲ୍ଟ

କଟକ,(ସବ୍ୟୁ): ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଶେଷ ହୋଇଛି । ଖୁବଶୀଘ୍ର ଖାତା ଦେଖା ପ୍ରକ୍ରିୟା ଶେଷ କରାଯାଇ ରେଜଲ୍ଟ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି କହିଛନ୍ତି । ପ୍ରଥମ କରି ମାଧ୍ୟମିକ ଶିକ୍ଷା ପରିଷଦ ଡିଜିଟାଲ ସ୍କାନିଂ କରି ଏଥର ଉତ୍ତର ଖାତା ମୂଲ୍ୟାୟନ କରିବ ବୋଲି ଜଣାପଡିଛି । ଆସନ୍ତାକାଲି ଠାରୁ ଖାତା ଦେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ଏବଂ ୪ରୁ ୫ସପ୍ତାହ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରି ଫଳ ପ୍ରକାଶ କରାଯିବ ପାଇଁ ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ସପ୍ଲିମେଣ୍ଟାରୀ ପରୀକ୍ଷା ମୋଟ ୩୧୧ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ବେଳେ ୨୪ ହଜାର ୪୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ କପି କରି ଧରା ପଡିନାହାନ୍ତି । ସମସ୍ତ ପ୍ରଶ୍ନପତ୍ରରେ କ୍ୟୁ-ଆର କୋଡ୍ ଓ ୱାଟର ମାର୍କ ରହିଥିଲା । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିଥିବା ବେଳେ ବୋର୍ଡର କମାଣ୍ଡ କଣ୍ଟ୍ରୋଲ ରୁମ୍‌ରୁ ପରୀକ୍ଷାକୁ ନିରୀକ୍ଷଣ କରଯାଇଥିଲା । ଚଳିତ ବର୍ଷ ଯୁକ୍ତ ଦୁଇ ନାମଲେଖା ପ୍ରକ୍ରିୟାରେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଛି ।

### ବିଏଡ୍ ଏମ୍ଏଡ୍, ବିଏଚ୍ଏଡ୍ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ

# ପ୍ରୋଭିଜନାଲ ମାର୍କରେ ଆପତ୍ତି ଥିଲେ ୧୩ ଯାଏଁ ସାମ୍ସରେ ଅଭିଯୋଗ

ଭୁବନେଶ୍ୱର(ସବ୍ୟୁ): ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଦୁଇ ବର୍ଷିଆ ବିଏଡ଼, ଏମ୍ଏଡ଼ ଓ ବିଏଚଏଡ଼ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଅନୁଷ୍ଠିତ ହୋଇଥିବା ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶି ପାଇଛି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ରେଜଲଫ ଦେଖି ପାରିବେ । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ପ୍ରବେଶିକା ପରୀକ୍ଷାରେ ନିଜର ପ୍ରୋଭିଜନାଲ ମାର୍କକୁ ନେଇ ଯଦି କୌଣସି ଆପତ୍ତି ଥାଏ, ତାହେଲେ ଛାତ୍ରଛାତ୍ରୀମାନେ ଚଳିତମାସ ୧୦ ଅର୍ଥାତ ଶୁକ୍ରବାର ଅପରାହ୍ନ ୨ ଟାରୁ ୧୩ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାମ୍ସ ପୋର୍ଟଲର ଅନଲାଇନ୍ ଅବଜେକ୍ସନ ମଡ୍ୟୁଲ ମାଧ୍ୟମରେ ନିଜର ଅଭିଯୋଗ ଦାଖଲ କରିପାରିବେ । ଛାତ୍ରଛାତ୍ରୀମାନଙ୍କ ତରଫରୁ ନିଜର ମାର୍କକୁ ନେଇ ଆସିଥିବା ସମସ୍ତ ଅଭିଯୋଗର ସମାଧାନ ପରେ ଚୂଡ଼ାନ୍ତ ପ୍ରବେଶିକା ପରୀକ୍ଷା ମାର୍କ ପ୍ରକାଶିତ ହେବ । ଚୂଡ଼ାନ୍ତ ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ବିଏଡ଼, ଏମ୍ଏଡ଼ ଏବଂ ବିଏଚଏଡ଼ ପାଠ୍ୟକ୍ରମରେ ନାମଲେଖା ହେବ ।

ବିଏଡ୍ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୦୯,୮୭୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୯୮,୧୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେହିପରି ଏମ୍ଏଡ଼ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୭୮୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ । ସେଥିମଧ୍ୟରୁ ୧,୩୧୮ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିଲେ । ବିଏଚଏଡ୍ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ପାଇଁ ୧,୮୭୯ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୧,୫୪୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

**ଅଭିଯୋଗର ସମାଧାନ ପରେ ଚୂଡ଼ାନ୍ତ ପ୍ରବେଶିକା ପରୀକ୍ଷା ମାର୍କ**

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର (ସବ୍ୟୁ): ସୋମବାର ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ୧୩ ତାରିଖରେ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନ ସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଲକ୍ଷାଧିକ ଟଙ୍କା ମୂଲ୍ୟର ନକଲି କସମେଟିକସ୍ ଓ ବେବି ଫୁଡ଼ ସାମଗ୍ରୀ ଜବତ୍

ଖୋର୍ଦ୍ଧା, (ସବ୍ୟୁ) : ହିନ୍ଦୁସ୍ଥାନ ଲିଭର ନାମକ ଏକ ଘରୋଇ କମ୍ପାନୀ ବ୍ରାଣ୍ଡରେ ବ୍ୟାପକ ନକଲି ସାମଗ୍ରୀ ଖୋର୍ଦ୍ଧା ଅଂଚଳରେ ବିକ୍ରି ହେଉଥିବା ଅଭିଯୋଗ ପରେ କମ୍ପାନୀ ପକ୍ଷରୁ ଏନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି କମ୍ପାନୀର ସ୍ୱତନ୍ତ୍ର ଯାଂଚ ଟିମ୍ ଓ ସ୍ଥାନୀୟ ପୁଲିସ ସହାୟତାରେ ଖୋର୍ଦ୍ଧା ସହର ର ବିଭିନ୍ନ କସମେଟିକ ଓ ବେବି ଫୁଡ୍ ଦୋକାନରେ ଚଢଉ କରାଯାଇ ଲକ୍ଷାଧିକ ମୂଲ୍ୟର ନକଲି କସମେଟିକ ଓ ବେବି ଫୁଡ଼ ସାମଗ୍ରୀ ଜବତ ହୋଇଛି। ଏହାକୁ ବେଆଇନ ଭାବେ ବିକ୍ରୀ କରୁଥିବା ବ୍ୟବସାୟୀଙ୍କୁ ନୋଟିସ କରାଯାଇଥିବା ଜଣାଯାଇଛି। ପ୍ରକାଶ ଥାଉକି, ହିନ୍ଦୁସ୍ତାନ ଲିଭର କମ୍ପାନୀର ବିଭିନ୍ନ କସମେଟିକ ସାମଗ୍ରୀ ଭଳି ଅବିକଳ ନକଲି ସାମଗ୍ରୀ କୁ ଷ୍ଟିକର ମରାଯାଇ ବିଭିନ୍ନ ଦୋକାନ ଓ ଲେଡିଜ୍ କର୍ଣ୍ଣର ରେ ବ୍ୟବସାୟ କରାଯାଉଥିଲା। ତେବେ କମ୍ପାନୀରୁ ମାଲ ଆଣୁଥିବା ଡ଼ିସିଷ୍ଟ୍ରିବ୍ୟୁଟରମାନଙ୍କର ସାମଗ୍ରୀ ବେପାର ହେଉନଥିବା କାରଣ ରୁ କମ୍ପାନୀ କର୍ତ୍ତୃପକ୍ଷ ଏହାର ଯାଂଚ କରିଥିଲେ। କେତେକ ବ୍ୟବସାୟୀ ନକଲି ସାମଗ୍ରୀ ଗୁଡ଼ିକ ଦିଲ୍ଲୀରୁ ଅତି ଶସ୍ତାରେ ଆଣି କମ୍ପାନୀ ଷ୍ଟିକର ଲଗାଇ ଏଠାରେ ବିକ୍ରୀ କରୁଥିବା ନେଇ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ଏବଂ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କମ୍ପାନୀର ସ୍ୱତନ୍ତ୍ର ଯାଂଚ ଟିମ୍ ଖୋର୍ଦ୍ଧା ଆଦର୍ଶଥାନା ପୁଲିସ ସହ ଚଢ଼ାଉ କରିଥିଲେ। ଚଢଉବେଳେ ହିନ୍ଦୁସ୍ତାନ ଲିଭର କମ୍ପାନୀର ଟାଲକମ୍ ପାଉଡର, ଲିପଷ୍ଟିକ୍, କ୍ରିମ୍, ସାବୁନ, ଶିଶୁ ଖାଦ୍ୟ ଭଳି ଦାମି ଜିନିଷ ୧୫୩୧ଟି ନକଲି ସାମଗ୍ରୀ ଜବତ କରି କମ୍ପାନୀ କର୍ତ୍ତୃପକ୍ଷ ନିଜ ହେପାଜତକୁ ନେଇଛନ୍ତି।



# ରେଳମନ୍ତ୍ରୀଙ୍କ ଉତ୍ସବରେ ତ୍ରୁଟିପୂର୍ଣ୍ଣ ଓଡ଼ିଆ ଭାଷାର ପୋଷ୍ଟର ଯୋଗୁଁ ଅସନ୍ତୋଷ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଓଡ଼ିଆରେ ସରକାରୀ କାମ କରିବା ସହିତ ଓଡ଼ିଆ ନାମଫଳକ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। କେନ୍ଦ୍ର ଓ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଚାଲିଥିବା ବେଳେ ଓଡ଼ିଆ ଭାଷା ପ୍ରତି ପୂର୍ବତଟ ରେଳପଥ ଅଧିକାରୀଙ୍କ ଏପରି ବୈମାତୃକ ମନୋଭାବକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ନିକଟରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ବିକୃତ ଏବଂ ତ୍ରୁଟିପୂର୍ଣ୍ଣ ଓଡ଼ିଆ ପୋଷ୍ଟର ଓ ବ୍ୟାନରକୁ ଦେଖି ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ବୈଷ୍ଣବ ପୁରୀ-କୋରାପୁଟ୍ ଏକ୍ସପ୍ରେସ ଶୁଭାରମ୍ଭ ସଭାରେ ବିଭିନ୍ନ ସ୍ଥାନରେ ଏପରି ତ୍ରୁଟିପୂର୍ଣ୍ଣ ବ୍ୟାନର ଓ ପୋଷ୍ଟର୍ ମରାଯାଇଥିଲା। ଅନେକ ସ୍ଥାନରେ ନିମ୍ନମାନର ଅନୁବାଦ ଏବଂ ବନାନଜନିତ ତ୍ରୁଟି ଦେଖିବାକୁ ମିଳିଥିଲା । ବାକ୍ୟ ଗଠନ ମଧ୍ୟ ସଠିକ ନଥିଲା। 'ଉନ୍ନତି'କୁ 'ଉର୍ନତି' ବୋଲି ଲେଖାଯାଇଥିଲା। 'ଉପକୂଳରୁ ଉପତ୍ୟାକା' ପର୍ଯ୍ୟନ୍ତ ଲେଖା ଓଡ଼ିଶାର କେଉଁ ସ୍ଥାନକୁ ବୁଝାଉଥିଲା ସେଥିରେ କୌଣସି ସ୍ପଷ୍ଟତା ନଥିଲା। 'ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଉନ୍ନତ ରେଳସେବା କିମ୍ବା ଗମନାଗମନ ସୁବିଧା' ଲେଖିବା ସ୍ଥାନରେ 'ଆଦିବାସୀ ସମ୍ପ୍ରଦାୟ ପାଇଁ ରେଳ ସେବା' ବଦଳରେ ଲେଖାଯିବା ସାଧାରଣ ଲୋକଙ୍କ ପାଇଁ ଅସହଜ ବୋଧ ହୋଇଥିଲା।

ଅନ୍ୟପଟେ ପୂର୍ବତଟ ରେଳପଥ କାର୍ଯ୍ୟାଳୟରେ ମଧ୍ୟ ଅନେକ ସ୍ଥାନରେ ଏପରି ତ୍ରୁଟିପୂର୍ଣ୍ଣ ଓଡ଼ିଆ ଲେଖା ଦେଖିବାକୁ ମିଳୁଥିବା ଅଭିଯୋଗ ହୁଏ।ପୂର୍ବତଟ ରେଳପଥର ଜନ ସମ୍ପର୍କ ବିଭାଗ ପକ୍ଷରୁ ଏପରି ଓଡ଼ିଆ ଅନୁବାଦ ଏବଂ ବିଷୟବସ୍ତୁ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି । ହେଲେ ଭାଷାର ଶୁଦ୍ଧତା ପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ। ଜନ ସମ୍ପର୍କ ବିଭାଗ ପକ୍ଷରୁ ଆସୁଥିବା ପ୍ରେସ ବିଜ୍ଞପ୍ତିରେ ମଧ୍ୟ ବହୁ ଓଡ଼ିଆ ଶବ୍ଦ ଭୁଲ ଥିବା ଦେଖିବାକୁ ମିଳୁଛି । ଇଂରାଜୀ କିମ୍ବା ହିନ୍ଦୀ ଭାଷାରୁ ଓଡ଼ିଆରେ ଠିକ୍ ଭାବେ ଅନୁବାଦ ହେଉନଥିବା ବାକ୍ୟ ସାଧାରଣ ଲୋକଙ୍କ ପାଇଁ ବୋଧଗମ୍ୟ ହେଉ ନାହିଁ ।

ସୂଚନାଯୋଗ୍ୟ ବର୍ତ୍ତମାନ ପୂର୍ବତଟ ରେଳପଥ ଜନ ସମ୍ପର୍କ ବିଭାଗର ପ୍ରମୁଖ ପଦବୀରେ କାର୍ଯ୍ୟରତ ଅଧିକାରୀ ଓଡ଼ିଆ ଭାଷା ବିଷୟରେ ଅନଭିଜ୍ଞ । ତେଣୁ ଏପରି ବ୍ୟତିକ୍ରମ ଦେଖାଯାଉଛି। ଓଡ଼ିଆ ଭାଷାକୁ ବିକୃତ ନକରି ସଠିକ୍ ଓଡ଼ିଆ ଲେଖିବା ପାଇଁ ରେଳ ପ୍ରଶାସନ ଯତ୍ନବାନ ହେବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ବିଶେଷ କରି ଜନସମ୍ପର୍କ ବିଭାଗରେ ଓଡ଼ିଆ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା । ଏହାଦ୍ୱାରା ରେଳ ଯାତାୟାତ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଓଡ଼ିଆ ଯାତ୍ରୀ ଉପକୃତ ହୋଇପାରନ୍ତେ । ନଚେତ୍ ଭବିଷ୍ୟତରେ ଭୁଲ ଓଡ଼ିଆ ଲେଖାଯିବା ଦ୍ୱାରା 'ଓଡ଼ିଆ ଅସ୍ମିତା' ଲଜ୍ଜିତ ହେବା ସାର ହେବ ଏବଂ ସାଧାରଣ ଓଡ଼ିଆ ଯାତ୍ରୀ ସଠିକ୍ ସୂଚନା ପାଇବାରୁ ବଞ୍ଚିତ ହେବେ । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏବଂ ରାଜ୍ୟସଭାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଆ ଭାଷା ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରି ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

## କେନ୍ଦ୍ରୀୟ ବିଦ୍ୟାଳୟ, ପାଲଲହଡ଼ାର ଭୂମିପୂଜନ ସହ ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟିତ

# ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଆଧୁନିକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର/ଅନୁଗୋଳ (ସବ୍ୟୁ): କୌଣସି ବି ଅଞ୍ଚଳର ସାମଗ୍ରିକ ପ୍ରଗତି ତାହାର ଶିକ୍ଷା ବ୍ୟବସ୍ଥା ଉପରେ ହିଁ ନିର୍ଭର କରେ । ତେଣୁ ଆମକୁ ଏକବିଂଶ ଶତାବ୍ଦୀରେ ଶିକ୍ଷା ସହ ରୋଜଗାର ଆଧାରିତ ପାଠପଢ଼ାକୁ ବିଶେଷ ଭାବରେ ଗୁରୁତ୍ୱ ଦେବାକୁ ହେବ, ଯାହା ଦ୍ୱାରା ପ୍ରତ୍ୟେକ ପିଲାମାନେ ଭବିଷ୍ୟତରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ହୋଇପାରିବେ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରୀୟ ବିଦ୍ୟାଳୟ, ପାଲଲହଡ଼ାର ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ ଏବଂ ଅସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭିଡ଼ିଓ କନଫରେନ୍ସ ଜରିଆରେ ସାମିଲ ହୋଇ ପାଲଲହଡ଼ା ମାଟି ସହ ନିଜର ଆବେଗିକ ସମ୍ପର୍କକୁ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ମୋର ଜନପ୍ରତିନିଧିର ପରିଚୟ ପାଲଲହଡ଼ା ହିଁ ଦେଇଛି ଏବଂ ଏହି ଅଞ୍ଚଳର ମୂଳ ପୁଞ୍ଜି ହେଉଛି ପାଠ । ଏକବିଂଶ ଶତାବ୍ଦୀରେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଆମକୁ ଏହି ଅଞ୍ଚଳର ପିଲାମାନଙ୍କୁ ରୋଜଗାରଭିତ୍ତିକ, ଦକ୍ଷତା



ଆଧାରିତ ଏବଂ ବ୍ୟବସାୟ ଭିତ୍ତିକ ପାଠପଢା ପ୍ରଦାନ କରିବାକୁ ହେବ । ଶିକ୍ଷା ସେତିକିବେଳେ ସାର୍ଥକ ହୁଏ, ଯେତେବେଳେ ସମାଜର ଶେଷ ଧାଡ଼ିରେ ଥିବା ଗରିବ ଓ ଅବହେଳିତ ଶ୍ରେଣୀର ପିଲାଟି ପାଖରେ ଏହା ସହଜରେ ପହଞ୍ଚିପାରେ । ଏଥିପାଇଁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପହଞ୍ଚାଇବା ଦିଗରେ ଆମ ସମସ୍ତଙ୍କୁ ମିଳିତ ପ୍ରୟାସ କରିବାକୁ ହେବ।

ପାଲଲହଡ଼ାରେ ସ୍ଥାପିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ତଥା ଆଧୁନିକ ଶିକ୍ଷା ପ୍ରଦାନ କରିବାରେ ବେଶ୍ ସହାୟକ ହେବ । ଏହି ବିଦ୍ୟାଳୟ ଆଗାମୀ ଦିନରେ ସମସ୍ତ ବର୍ଗର ପିଲାମାନଙ୍କ ପାଇଁ ଶିକ୍ଷାର ଏକ ନୂତନ ଆଲୋକ ବର୍ତ୍ତିକା ସାଜିବ । ଆଜି ଯେଉଁ ସ୍ଥାୟୀ କ୍ୟାମ୍ପସର ଭୂମି ପୂଜନ କରାଗଲା, ତାହା ଅତି ଶୀଘ୍ର ଅତ୍ୟାଧୁନିକ ଶ୍ରେଣୀଗୃହ, ଉନ୍ନତଧରଣର ଲ୍ୟାବ, କ୍ରୀଡ଼ା ପ୍ରାଙ୍ଗଣ ଓ ସମୃଦ୍ଧ ଲାଇବ୍ରେରୀ ସୁବିଧା ସହ ଏକ ସୁଦୃଢ଼ ଶିକ୍ଷା କେନ୍ଦ୍ର ଭାବେ ଉଭା ହେବ। ଓଡ଼ିଶାର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ବିକଶିତ ଓଡ଼ିଶା ଗଠନ କରିବାରେ ଶିକ୍ଷା ହିଁ ମୁଖ୍ୟ ଚାବିକାଠି ସାଜିବ ଏବଂ ଏହି ଦିଗରେ ଏହି କେନ୍ଦ୍ରୀୟ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଅନୁଗୋଳ ଜିଲ୍ଲାର ପାଲଲହଡା ଅଞ୍ଚଳର ଅପାର ସମ୍ଭାବନା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ, ଏଠାରେ ସାଧାରଣ କୃଷି ସହ ସ୍ଥାନୀୟ ମତ୍ସ୍ୟଚାଷକୁ ମଧ୍ୟ ବ୍ୟାପକ ଭାବେ ଆଗକୁ ବଢାଇବାକୁ ହେବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ମତ୍ସ୍ୟ ଉତ୍ପାଦନ ବଢ଼ାଇବା ସହ ଏହାର ରପ୍ତାନୀ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ସ୍ଥାନୀୟ 'ମାଲ୍ୟଗିରି ପର୍ବତ'ର ସ୍ୱତନ୍ତ୍ର ଅସ୍ମିତା ଓ ପରିଚୟକୁ ଏକ ବଡ଼ ବ୍ରାଣ୍ଡରେ ପରିଣତ କରିବା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ଏକ ସୁନ୍ଦର ଉଦାହରଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ସୁଦୂର ଜର୍ମାନୀରେ ରହୁଥିବା ଓଡ଼ିଶାର ଜଣେ ପ୍ରବାସୀ ଦମ୍ପତ୍ତି ଯେଉଁଭଳି ଭାବେ ସେଠାରେ 'ମାଲ୍ୟଗିରି ଆଚାର' ପ୍ରସ୍ତୁତ କରି ମାଲ୍ୟଗିରିକୁ ଏକ ବିଶେଷ ବ୍ରାଣ୍ଡ ଭାବେ ପରିଚିତ କରାଇଛନ୍ତି, ସେହିପରି ଆମକୁ ମଧ୍ୟ ଏଠାକାର ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବ୍ରାଣ୍ଡର ରୂପ ଦେଇ ଆଗକୁ ବଢ଼ାଇବାକୁ ପଡ଼ିବ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏବଂ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପ୍‌ଫେକ୍ ଭିଡିଓ ମାମଲା

# 'ସୋସିଆଲ ଟକ୍' ନାମରେ ବିଜେଡି ପକ୍ଷରୁ ଥାନାରେ ଏତଲା

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାରର ଅପାରଗତା ପାଇଁ ସବୁଠି ସମାଲୋଚିତ ହେଉଥିଲା ବେଳେ ବିଜେପି ପ୍ରୋତ୍ସାହନରେ କିଛି ବ୍ୟକ୍ତି ସୋସିଆଲ ମିଡିଆରେ ଭ୍ରମାତ୍ମକ ଭିଡିଓ ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି । 'ସୋସିଆଲ ଟକ୍' ନାମକ ଏକ ପେଜ୍ରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ ଅପଲୋଡ଼ ହେଉଛି । ଉକ୍ତ ଭ୍ରମାତ୍ମକ ଭିଡିଓକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ କ୍ୟାପିଟାଲ୍ ଥାନାରେ ଆଜି ଛାତ୍ର ବିଜେଡି ପକ୍ଷରୁ ଏତଲା ଦାୟର କରାଯାଇଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ପୂର୍ବତନ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଲକ୍ଷ୍ୟ କରି ଏଆଇ ଜରିଆରେ ଡିପଫେକ୍ ଭିଡିଓ ପ୍ରସ୍ତୁତ ହୋଇଛି । ଉକ୍ତ ଭିଡ଼ିଓକୁ ଜୁଲାଇ ୯ ତାରିଖରେ ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ତାଙ୍କର 'ସୋସିଆଲ ଟକ୍' ନାମକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ କରିଥିଲେ । ଏଥିରେ ବାରମ୍ବାର ଅପମାନଜନକ ଶବ୍ଦ ବ୍ୟବହାର କରାଯାଇଛି । ଏହା ସହିତ ଭିଡିଓରେ ଏକ ଏଆଇ ଜେନେରେଟେଡ୍ ଡିପଫେକ୍ ଛବି ବ୍ୟବହାର କରାଯାଇଛି । ଏହି ଛବିଟି ସମ୍ପୂର୍ଣ୍ଣ ଭାବେ ହୀନ ମାନସିକତାର ପରିଚୟ ବୋଲି ଅଭିଯୋଗ ହୋଇଛି । ନବୀନ ପଟ୍ଟନାୟକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବନ୍ଦିତ ଅଟନ୍ତି । ଜନସାଧାରଣଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ ଏହା ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ପୂର୍ବରୁ ମଧ୍ୟ ଏଭଳି ଡିଫାମେଟରି କଣ୍ଟେଣ୍ଟ୍ ପାଇଁ ବିଭାଗୀୟ ମାମଲା (କେସ୍ ନମ୍ବର ୧୪୬/୨୦୨୩) ସମ୍ମୁଖୀନ ହୋଇଛନ୍ତି । ବିଜେପି ସମର୍ଥନରେ ସୋସିଆଲ ମିଡିଆରେ ସେ ଏହିପରି କାର୍ଯ୍ୟ ଅଭ୍ୟାସଗତ ଭାବେ ବାରମ୍ବାର କରୁଛନ୍ତି । ଭୂକମ୍ପ ପ୍ରଭାବିତ ଭେନିଜୁଏଲା ଅଞ୍ଚଳକୁ ଭି କେ ପାଣ୍ଡିଆନ ପରିଦର୍ଶନକୁ ବିଦ୍ରୂପ ଭାବେ ଉପସ୍ଥାପନ କରାଯାଇଛି । ଆକ୍ରୋଶ ମୂଳକ ଭାବେ ଅପଶବ୍ଦ ପ୍ରୟୋଗ ଅଭିଯୁକ୍ତ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି ।

## ହ୍ରାସ ପାଉଛି ହୀରାକୁଦ ଜଳସ୍ତର: ବନ୍ଦ ହେଲା ୨ଟି ଗେଟ୍

# ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ: ଜଳସ୍ତର ୬୧୩.୨୩ଫୁଟ୍

ସମ୍ବଲପୁର,(ସବ୍ୟୁ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିଥିବା ବେଳେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଫଳରେ ଖୋଲା ଯାଇଥିବା ୧୦ଟି ଗେଟ୍‌ରୁ ୨ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି । ମାତ୍ର ୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ବାମପଟୁ ୫ଟି ଓ ଡାହାଣପଟୁ ୩ଟି ଗେଟ୍ ଖୋଲା ଯାଇଛି । ଶୁକ୍ରବାର ରାତି ୯ଟା ସୁଦ୍ଧା ଜଳସ୍ତର ୬୧୩.୨୩ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୭୭ହଜାର ୭୧ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ୧ଲକ୍ଷ ୪୯ହଜାର୬୮୬ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ସ୍ପିଲେୱକୁ ୧ଲକ୍ଷ ୨୪ହଜାର ୨୪ଘନଫୁଟ, ପାୱାର ଚେନାଲକୁ ୨୪ହଜାର ୯୩୫ଘନଫୁଟ, କେନାଲକୁ ୩ହଜାର ୪୮୦ଘନଫୁଟ ଓ କଳକାରଖାନାକୁ ୨୪୭ଘନଫୁଟ ଜଳ ଛଡା ଯାଉଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ଫୁଟ୍ ଥିବା ବେଳେ ଆଗକୁ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉପରମୁଣ୍ଡରେ ଅଧିକ ବର୍ଷା ହେଲେ ଡ୍ୟାମର ଅଧିକ ଗେଟ୍ ଖୋଲିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଗେଟ୍ ଖୋଲାଥିବାରୁ ମହାନଦୀର ପର୍ଥଲାରେ ୨୦ହଜାର ୯୫୯, ଖଇରମାଳରେ ୨ଲକ୍ଷ ୨୮ହଜାର, ବାରମୂଳରେ ୭୦ହଜାର ଓ ମୁଣ୍ଡଳିରେ ୧ଲକ୍ଷ ୧୬ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ହୀରାକୁଦର ଉପରମୁଣ୍ଡରେ ଗତ ୨୪ଘଣ୍ଟା ମଧ୍ୟରେ ୪.୩୨ମିଲିମିଟର ଓ ତଳମୁଣ୍ଡରେ ୧.୧୮ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

# ରଥଯାତ୍ରା ଅବସରରେ ପୂର୍ତ୍ତ ବିଭାଗର ପ୍ରସ୍ତୁତି ଜୋର୍‌ଦାର

ପୁରୀ, (ସବ୍ୟୁ) : ପୂର୍ତ୍ତ ବିଭାଗ ପକ୍ଷରୁ ଆଗାମୀ ରଥଯାତ୍ରାର ସଫଳ ପରିଚାଳନା ପାଇଁ ଭିତ୍ତିଭୂମି ବିକାଶ ଏବଂ ସାଧାରଣ ସୁବିଧା ବ୍ୟବସ୍ଥା ର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁଗମ ଯାତାୟାତ, ପର୍ଯ୍ୟାପ୍ତ ପାର୍କିଂ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରାଯାଇଛି ।ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲାପାଳ ଙ୍କ ପରାମର୍ଶ କ୍ରମେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ବାରମ୍ବାର କାର୍ଯ୍ୟ ର ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟ ଅଗ୍ରଗତି ର ଅନୁଧ୍ୟାନ ମଧ୍ୟ କରୁଛନ୍ତି ।ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ ଓ ତାଙ୍କ ଟିମ ତତ୍ପରତା ର ସହ କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ବିଭାଗ ପକ୍ଷରୁ ରାସ୍ତା ଉନ୍ନତିକରଣ କାର୍ଯ୍ୟ ରାଜ୍ୟ ଯୋଜନା ଅଧୀନରେ ପ୍ରାୟ ୮ କୋଟି ୪୦ ଲକ୍ଷ ଟଙ୍କାର ଆନୁମାନିକ ମୂଲ୍ୟରେ ମୋଟ ୧୦ ଟି ପ୍ରମୁଖ ରାସ୍ତା ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହି କାର୍ଯ୍ୟଗୁଡିକରେ ରାସ୍ତାର ମଜବୁତୀକରଣ, ମାଷ୍ଟିକ୍ ୱେୟାରିଂ କୋର୍ସ ସହିତ ନବୀକରଣ ଏବଂ ପ୍ରମୁଖ ତୀର୍ଥଯାତ୍ରା ଏବଂ ଟ୍ରାଫିକ୍ କରିଡରର ଉନ୍ନତି ଅନ୍ତର୍ଭୁକ୍ତ। ଅଧିକାଂଶ କାର୍ଯ୍ୟ ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଛି ।ଅବଶିଷ୍ଟ କାର୍ଯ୍ୟାନ୍ୱୟନର ଶେଷ ପର୍ଯ୍ୟାୟରେ ଅଛି। ସେହିପରି ପାର୍କିଂ ସୁବିଧାର ବିକାଶ ପାଇଁ ରଥଯାତ୍ରା ସମୟରେ ଯାନ ବାହାନର ବିପୁଳ ପ୍ରବେଶକୁ ଦୃଷ୍ଟିରେ ରଖି, ମାଟିତୋଟା, ଷ୍ଟର୍ଲିଂ, ଶ୍ରୀ ସେତୁ, ଉଦ୍ୟାନ କୃଷି ଭୂମି ଏବଂ ମାଳତୀପାଟପୁର ବସ୍ ଷ୍ଟାଣ୍ଡ ସମେତ ଚିହ୍ନଟ ହୋଇଥିବା ପ୍ରମୁଖ ସ୍ଥାନରେ ପ୍ରାୟ ୬ କୋଟି ୭୩ ଲକ୍ଷ ଟଙ୍କା ମୂଲ୍ୟର ୭ଟି ପ୍ରମୁଖ ପାର୍କିଂ ସ୍ଥାନ ବିକାଶ କାର୍ଯ୍ୟ କାର୍ଯ୍ୟକାରୀ କରାଯାଇଛି। ଏହି ସୁବିଧାଗୁଡ଼ିକ ରଥଯାତ୍ରା ସମୟରେ ବ୍ୟବସ୍ଥିତ ପାର୍କିଂ ଏବଂ ସୁଗମ ଟ୍ରାଫିକ୍ ଚଳାଚଳ ସୁନିଶ୍ଚିତ କରିବ। ପୋଲିସ କର୍ମଚାରୀଙ୍କ ପାଇଁ ଅସ୍ଥାୟୀ ବାସସ୍ଥାନ ନିର୍ମାଣ କରାଯାଇଛି। ରଥଯାତ୍ରା ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ନିୟୋଜିତ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କ ସୁବିଧା ପାଇଁ ସମଙ୍ଗା ପାର୍କିଂ ଭୂମି, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ଭୋଳାନାଥ ବିଦ୍ୟାପୀଠ ସମେତ ବିଭିନ୍ନ ସ୍ଥାନରେ ପାଞ୍ଚଟି ଅସ୍ଥାୟୀ ପ୍ରିଫେବ୍ରିକେଟେଡ୍ ବାସସ୍ଥାନ ସେଡ୍ ନିର୍ମାଣ କରାଯାଇଛି।

# ନକଲି ଅତିରିକ୍ତ ଏସ୍‌ପି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖାରବେଳନଗର ଥାନା ପୋଲିସ ଜଣେ ଅତିରିକ୍ତ ଏସ୍‌ପିକୁ ଗିରଫ କରିଛି । ସେ ନିଜେ ତିଆରି କରିଥିବା ଆଇକାର୍ଡକୁ ଦେଖାଇ ଠକେଇ କରୁଥିଲା । ନକଲି ଅତିରିକ୍ତ ଏସ୍‌ପି ରମାକାନ୍ତ ମହାନ୍ତିକୁ କୋର୍ଟଚାଲାଣ କରାଯାଇଥିଲେ ମଧ୍ୟ ରିମାଣ୍ଡରେ ଆଣି ଠକେଇ ସମ୍ପର୍କରେ ତଦନ୍ତ କରାଯିବ ବୋଲି ପୋଲିସ କହିଛି ।

ଅଭିଯୋଗକାରୀ ସୁଜିତ କୁମାର ନାୟକ ନିଜର ନୂଆ ଟାଟା ସିଆରା ଗାଡିକୁ ଘର ସାମ୍ନାରେ ପାର୍କିଂ କରୁଥିବା ବେଳେ ତାଙ୍କ ଅନୁପସ୍ଥିତି ସୁଯୋଗ ନେଇ ଅଭିଯୁକ୍ତ ରଜନୀକାନ୍ତ ମହାନ୍ତି ଉଦ୍ଦେଶ୍ୟମୂଳକ ଭାବେ ଗାଡିକୁ ଭଙ୍ଗାରୁଜା କରିଥିଲା । ପରବର୍ତ୍ତୀ ସମୟରେ ସିସିଟିଭି ଯାଞ୍ଚ କରି ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ । ଏ ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ନିଜକୁ ଜଣେ ଅତିରିକ୍ତ ଏସ୍‌ପି ବୋଲି ପରିଚୟ ଦେଇଥିଲା । ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ ମାରିଥିଲା । ଏନ୍‌କାଉଣ୍ଟରରେ ହତ୍ୟା କରିଦେବ ବୋଲି ଅଭିଯୋଗକାରୀଙ୍କୁ ଧମକ ଦେଇଥିଲା ।

ଏ ସମ୍ପର୍କରେ ଖାରବେଳନଗର ଥାନାରେ ସୁଜିତ କୁମାର ଅଭିଯୋଗ କରିବା ପରେ ଜଣାପଡିଥିଲା ଯେ, ସେ କୌଣସି ପୋଲିସ ଅଧିକାରୀ ନୁହଁନ୍ତି । ମିଥ୍ୟା ପରିଚୟ ଦେଇ ସାଧାରଣ ଲୋକଙ୍କୁ ଧୋକା ଦେଉଛନ୍ତି । ସେ ଅଭିଯୋଗକାରୀଙ୍କୁ ମାଡ ମାରିବା ସହ ତାଙ୍କ ଗାଡି ଭଙ୍ଗାରୁଜା ମେ' ୧୨ ତାରିଖ ଦିନ କରିଥିଲା । ଘଟଣା ପରଠାରୁ ସେ ଫେରାର ହୋଇଯାଇଥିବାରୁ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପୋଲିସ ତାକୁ ଗୁରୁବାର ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ପୋଲିସ କହିବାନୁଯାୟୀ ତା'ର ଠକେଇ ସମ୍ପର୍କରେ ତଦନ୍ତ ଆଗକୁ ବଢ଼ିଲେ ସ୍ପଷ୍ଟ ଜଣାପଡିବ । ଆବଶ୍ୟକ ହେଲେ ଅଭିଯୁକ୍ତ ରଜନୀକାନ୍ତ ମହାନ୍ତିଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ କହିଛି ।

# ନିଶା ମୁକ୍ତ ଓଡ଼ିଶା ଅଭିଯାନରେ ୫୬୯ କୋଟି ଟଙ୍କାର ଗଞ୍ଜେଇ ଓ ବ୍ରାଉନସୁଗାର ନଷ୍ଟ

କଟକ,(ସବ୍ୟୁ): 'ନିଶା ମୁକ୍ତ ଓଡ଼ିଶା ଅଭିଯାନ' ଅନ୍ତର୍ଗତ ଜବତ ନିଶା ସାମଗ୍ରୀ ନଷ୍ଟ ପ୍ରକ୍ରିୟାରେ ଓଡ଼ିଶା ପୁଲିସ ସଫଳତା ହାସଲ କରିଛି। ଗତ ଜୁନ୍ ୨୬ରୁ ଜୁଲାଇ ୧୦ପର୍ଯ୍ୟନ୍ତ ଚାଲିଥିବା ଅଭିଯାନ ଅଧୀନରେ ରେକର୍ଡ ପରିମାଣର ଜବତ ନିଶାଦ୍ରବ୍ୟ ନଷ୍ଟ କରାଯାଇଛି। ପୁଲିସ ମହାନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସର ସମନ୍ୱୟରେ ଏହି ସ୍ୱତନ୍ତ୍ର ଅଭିଯାନ ପରିଚାଳିତ ହୋଇଥିଲା। ଏହି ଅଭିଯାନ କାଳରେ ଜବତ ହୋଇଥିବା ପ୍ରାୟ ୫୬୯.୩୨ କୋଟି ଟଙ୍କାର ଗଞ୍ଜେଇ ଓ ବ୍ରାଉନସୁଗରକୁ ନଷ୍ଟ କରିଦିଆଯାଇଛି । ୫୪୪.୫୨ କୋଟି ଟଙ୍କାର ୧୦୮.୯୦ ମେଟ୍ରିକ ଟନ୍ ଗଞ୍ଜେଇ ଓ ୨୪.୮ କୋଟିର ୧୨.୩୯୮ କିଲୋଗ୍ରାମ ବ୍ରାଉନସୁଗାର ଏବଂ ୩,୬୩୧ ବୋତଲ କଫ୍ ସିରପ୍ ମଧ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ଗଞ୍ଜେଇ ନଷ୍ଟ କରିବାରେ ବୌଦ୍ଧ ପୁଲିସ ସବୁଠାରୁ ଆଗରେ ରହି ୩୭,୪୮୪.୮୮୫ କିଲୋଗ୍ରାମ ଗଞ୍ଜେଇ ନଷ୍ଟ କରିଥିବା ବେଳେ କନ୍ଧମାଳ (୩୪,୨୪୫.୪୩୦ କିଲୋଗ୍ରାମ) ଦ୍ୱିତୀୟ ଏବଂ ମାଲକାନଗିରି (୮,୯୬୯.୯୪୦ କିଲୋଗ୍ରାମ) ତୃତୀୟ ସ୍ଥାନରେ ରହିଛି। ସେହିପରି ବ୍ରାଉନସୁଗାର ନଷ୍ଟ କରିବାରେ ବାଲେଶ୍ୱର ପୁଲିସ ସର୍ବାଧିକ ୧୧ କିଲୋ ୨୯୩ ଗ୍ରାମ ଏବଂ ଏସଟିଏଫ୍ ୧ କିଲୋ ୯୦ ଗ୍ରାମ ନଷ୍ଟ କରିଛନ୍ତି। ବରଗଡ଼ ପୁଲିସ ଦ୍ୱାରା ୩,୬୩୧ ବୋତଲ କଫ୍ ସିରପ୍ ନଷ୍ଟ କରାଯାଇଛି।

## ୧୪ରେ ରାଜ୍ୟର ସବୁ ୟୁଏଲ୍‌ବିରେ ପାଳନ ହେବ ନମସ୍ତେ ଦିବସ

# ସଫେଇ ମିତ୍ରଙ୍କୁ ସମ୍ମାନ, ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହନ

ଭୁବନେଶ୍ୱର(ସବ୍ୟୁ): ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା , ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଚଳିତ ମାସ ୧୪ ତାରିଖରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ରେ "ନମସ୍ତେ ଦିବସ' ପାଳନ କରାଯିବ । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦକୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜଡ ସାନିଟେସନ୍ ଇକୋସିଷ୍ଟମ୍ (ନମସ୍ତେ) କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସମସ୍ତ ମହାନଗର ନିଗମ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟସ୍ତରରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଆଇଇସି ପାଣ୍ଠିର ଉପଯୋଗ ଅନୁମୋଦିତ ଆର୍ଥିକ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭାଗ ମଞ୍ଜୁର କରିଛି । ସ୍ୱଚ୍ଛତା କର୍ମୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୟୁନିଫର୍ମ ପିନ୍ଧି ଏକତ୍ରିତ ହେବେ । ଯେଉଁଥିରେ ନମସ୍ତେ ଓ ସ୍ୱଚ୍ଛ ଭାରତ ମିଶନର ଲୋଗୋ ଥିବା ବ୍ୟାନର ପ୍ରଦର୍ଶିତ ହେବ । ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣକାରୀ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଏବଂ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ । ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ ।

## ମହିଳା ମୋର୍ଚ୍ଚା ପକ୍ଷରୁ ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ ସଂକ୍ରାନ୍ତୀୟ ପ୍ରଶିକ୍ଷଣ

କଟକ, (ସବ୍ୟୁ):ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ ସଂକ୍ରାନ୍ତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟା କୃଷ୍ଣା ମହାନ୍ତି ଏବଂ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ଯୋଗ ଦେଇଥିଲେ।ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମଧୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଡଃ ସୁରେଖା ସୁନ୍ଦରୀ ସ୍ୱାଇଁ, ପ୍ରବୀଣା ମହାପାତ୍ର, ସଂଯୁକ୍ତା ମିଶ୍ର, କଳ୍ପନା ବେହେରା, ସ୍ୱର୍ଣ୍ଣଲତା ସେଠୀ, ରୀତା ମହାପାତ୍ର, ମଧୁସ୍ମିତା ଦାଶ, ପ୍ରତିମା ମହାପାତ୍ର, ମାମିନା ମହାନ୍ତି, ପୁଷ୍ପା ଲେଙ୍କା, ସଂଯୁକ୍ତା ବିଶ୍ୱାଳ, ସାବିତା ବେହେରା, ନିର୍ମଳା ଆଚାର୍ଯ୍ୟ, ବବିନା ଜେନା, ସୁଜାତା ପ୍ରଧାନ, ମମତା ଚୌଧୁରୀ, ଶେହା ମହାନ୍ତି, ଅଳକା ମହାନ୍ତି, ତୃପ୍ତି ମିଶ୍ର, ଜୟଲକ୍ଷ୍ମୀ ପଟ୍ଟନାୟକ, ସୁମିତ୍ରା ସେନ, ଆଶିମ ମହାନ୍ତି, କପିଳା ମହାନ୍ତି, ଶାଶ୍ୱତ ବିଶ୍ୱାଳ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ଆମ୍ବିକା ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୬୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଅବକାରୀ ଟିମ୍ ଆଚାର୍ଯ୍ୟବିହାର ଛକରୁ କଣ୍ଟେନରରେ ଯାଉଥିବା ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ କହିଛି । ଏହି ଆନ୍ତଃରାଜ୍ୟ ଚାଲାଣ ର୍ୟାକେଟ ଦ୍ୱାରା କନ୍ଧମାଳରୁ ଜାମ୍ମୁ-କାଶ୍ମୀର, ଦିଲ୍ଲୀ ଓ ମହାରାଷ୍ଟ୍ର ପ୍ରଭୃତି ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ସୂଚନା ପାଇଛି । କଣ୍ଟେନରରେ ୬ କ୍ୱିଣ୍ଟାଲ ଗଞ୍ଜେଇ ଭୁବନେଶ୍ୱର ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଅବକାରୀ ଖବର ପାଇବା ପରେ ସେମାନଙ୍କୁ ଭୋର୍ ୩ଟା ସମୟରେ ତମାଣ୍ଡୋରୁ ପିଛା କରିଥିଲା । ଆଗପଛ ହୋଇ ଜାତୀୟ ରାଜପଥରେ ଗୋଡାଗୋଡି ହୋଇ ଆସିବା ପରେ ଆଚାର୍ଯ୍ୟବିହାର ଛକରେ କଣ୍ଟେନରକୁ କାବୁ କରିବାରେ ଅବକାରୀ ଟିମ୍ ସଫଳ ହୋଇଥିଲା । ଗଞ୍ଜେଇ



ବୋଝେଇ ଗାଡିକୁ ଜବତ କରିବା ସହ ଡ୍ରାଇଭର ସମେତ ୩ଜଣଙ୍କୁ ଗିରଫ କରିଥିଲା । ଗାଡିକୁ ଯାଞ୍ଚ କରିବା ବେଳେ ସେଥିରୁ ୬ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା । ଗିରଫ ୩ଜଣ ହେଲେ ସ୍ମୃତିରଞ୍ଜନ ବେହେରା (୨୨), ମିଥୁନ ବେହେରା (୨୪) ଏବଂ ଡ୍ରାଇଭର ଶ୍ରୀକାନ୍ତ ପ୍ରଧାନ (୪୧) । ସ୍ମୃତି ଘର ଦଶପଲ୍ଲାରେ ହୋଇଥିବା ବେଳେ ମିଥୁନ ଘର ତିଗିରିଆ ଅଞ୍ଚଳରେ ଏବଂ ଡ୍ରାଇଭର ଘର ଦଶପଲ୍ଲାରେ ବୋଲି ଅବକାରୀ କହିଛି । ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# କଟକ ଆର୍‌ଟିଓଙ୍କ ଜୋରଦାର ଚେକିଂ, ୭୦ରୁ ଅଧିକ ଗାଡ଼ି ଜବତ

କଟକ,(ସବ୍ୟୁ): ଫିଟନେସ,ବୀମା ଓ ପରମିଟ ବିନା ଗାଡି ଚଳାଉଥିଲେ ସାବଧାନ। ପରିବହନ ବିଭାଗ ପକ୍ଷରୁ ଆଉ ଗାଡିକୁ ଚାଲାଣ କାଟି ଛାଡି ଦିଆଯାଉନି। ଗାଡିର ଉପରୋକ୍ତ ପ୍ରମାଣପତ୍ର ନଥିଲେ ଗାଡିକୁ ଜବତ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ କଡାକଡି ଏନଫୋର୍ସମେଣ୍ଟ ଆରମ୍ଭ ହୋଇଯାଇଛି । କଟକ ଆରଟିଓ (ଆଞ୍ଚଳିକ ପରିବହନ ଅଧିକାରୀ) ବିଶ୍ୱଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଆଜି ସହରର ବିଭିନ୍ନ ସ୍ଥାନରେ ଜୋରଦାର ଚେକିଂ କରାଯାଇଥିବା ବେଳେ ୭୦ରୁ ଅଧିକ ଗାଡିକୁ ଜବତ କରାଯାଇଥିବା ଜଣାପଡିଛି । ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ର ନିର୍ଦ୍ଦେଶ କ୍ରମେ ବିନା ବୈଧ ଫିଟନେସ୍ ସାର୍ଟିଫିକେଟ୍, ବୀମା (ଇନସ୍ୟୁରାନ୍ସ) କିମ୍ବା ପରମିଟ୍‌ରେ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ ଏହି ସ୍ପେଶାଲ ଏନଫୋର୍ସମେଣ୍ଟ ଡ୍ରାଇଭ୍ ବା ବିଶେଷ ଅଭିଯାନ ଆରମ୍ଭ ହୋଇଛି। କଟକ ମଲାଚଣ୍ଡିଆ ଛକ ସମେତ ଟାଙ୍ଗି ନିକଟରେ ଗାଡ଼ି ଚେକିଂ ପ୍ରକ୍ରିୟାକୁ ବେଶ୍ ଜୋରଦାର କରାଯାଇଛି। ଏହି ସମୟରେ ପରିବହନ ବିଭାଗର ଅଧିକାରୀ ମାନେ ଏପର୍ଯ୍ୟନ୍ତ ୭୦ରୁ ଅଧିକ ଗାଡ଼ିକୁ ଜବତ କରିଛନ୍ତି । ଜବତ ଗାଡି ଗୁଡିକୁ ସିଡିଏସ୍ଥିତ ବିଭାଗର ୟାର୍ଡରେ ରଖାଯାଇଛି । କଟକ ଆରଟିଓ ବିଶ୍ୱଜିତ ଦାସଙ୍କ କହିଛନ୍ତି ଯେ, ଯେଉଁ ଗାଡ଼ିଗୁଡ଼ିକ ବିନା ଫିଟନେସ୍ ସାର୍ଟିଫିକେଟ୍, ଇନସ୍ୟୁରାନ୍ସ କିମ୍ବା ପରମିଟ୍‌ରେ ଚାଲୁଛି, ସେଗୁଡ଼ିକୁ ଜବତ କରିବା ଉପରେ ଆମେ ମୁଖ୍ୟତଃ ଗୁରୁତ୍ୱ ଦେଉଛୁ। ଏହାପରେ ଆମେ ଗାଡ଼ିର ଆରସି ବାତିଲ ପାଇଁ ମାଲିକମାନଙ୍କୁ ନୋଟିସ୍ ଜାରି କରୁଛୁ। ଜବତ ହୋଇଥିବା ଗାଡ଼ିଗୁଡ଼ିକ ମଧ୍ୟରେ ଯାତ୍ରୀବାହୀ ଅଟୋରିକ୍ସା, ଟ୍ରାକ୍ଟର, ଏବଂ ମାଲବାହୀ ଗାଡ଼ି ସାମିଲ ରହିଛନ୍ତି। ଉଭୟ ବ୍ୟବସାୟିକ ଏବଂ ବ୍ୟକ୍ତିଗତ ଗାଡ଼ି ଗୁଡ଼ିକର ଯାଞ୍ଚ କରାଯାଉଛି। ପରିବହନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଆରଟିଓ ମାନଙ୍କୁ ଗାଡ଼ି ମାଲିକମାନଙ୍କୁ ନୋଟିସ୍ ଜାରି କରିବା, ଟୋଲ୍ ଗେଟ୍ ଗୁଡ଼ିକରେ ନିୟମ ଉଲ୍ଲଂଘନକାରୀ ଗାଡ଼ିକୁ ଅଟକାଇବା ଏବଂ ମୋଟର ଯାନ ଆକ୍ଟର ସେକ୍ସନ ୨୦୭ ଅନୁଯାୟୀ ସେଗୁଡ଼ିକୁ ଜବତ କରିବାକୁ କୁହାଯାଇଛି। ଏପରିକି ଗୁରୁତର କିମ୍ବା ବାରମ୍ବାର ନିୟମ ଉଲ୍ଲଂଘନ ମାମଲାରେ ଗାଡ଼ିର ପଞ୍ଜୀକରଣ ବାତିଲ ବା ନିଲମ୍ବନ କରିବା ପାଇଁ ମଧ୍ୟ କର୍ତ୍ତୃପକ୍ଷଙ୍କୁ କ୍ଷମତା ଦିଆଯାଇଛି। ଆଜିଠାରୁ ଏହି ଚେକିଂ ପ୍ରକ୍ରିୟା ନିୟମିତ ଭାବେ ଜାରି ରହିବ ବୋଲି କୁହାଯାଇଛି । ରାଜ୍ୟରେ ସଡ଼କ ସୁରକ୍ଷା ବୃଦ୍ଧି କରିବା, ପରିବହନ ଆଇନର ଅନୁପାଳନ ସୁନିଶ୍ଚିତ କରିବା ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ବାରମ୍ବାର ନିୟମ ଭଙ୍ଗ କରୁଥିବା ଚାଳକଙ୍କୁ ସଚେତନ କରିବା ପାଇଁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି।

## ପାଠ୍ୟ ପୁସ୍ତକରେ ତ୍ରୁଟି, ଛାତ୍ର-ଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ

# ପ୍ରତିବାଦରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ବ୍ରହ୍ମପୁର, (ସବ୍ୟୁ) : ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ପ୍ରଚଳନ ହୋଇଥିବା ନୂତନ ଶିକ୍ଷା ନିତି ପ୍ରଚଳନ କରି ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଛପା ହୋଇଥିବା ପାଠ୍ୟ ପୁସ୍ତକରେ ହଜାର ତ୍ରୁଟି ରହି ଥିବାବେଳେ ଏହି ସାଂଘାତିକ ତ୍ରୁଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳ ଖେଳା ଯାଉଛି । ଯାହା ଅତ୍ୟନ୍ତ ନିନ୍ଦନୀୟ । ସରକାର ସରକାର ଶିକ୍ଷା ଅନୁଷ୍ଠାନକୁ ବେପରୁଆ ମନୋଭାବ ପୋଷଣ କରି ବେସରକାରୀ ସଂସ୍ଥାକୁ ପ୍ରୋତ୍ସାହନ ଦେଉଥିବା ଏଥିରେ ସ୍ପଷ୍ଟ ଅନୁମେୟ ।

ଏହି ପାଠ୍ୟ ପୁସ୍ତକ ପ୍ରକାଶନ କରିବା ନିମନ୍ତେ ୩ ଶହ ୮୦ କୋଟି ଟଙ୍କା ବ୍ୟୟ କରାଯାଇଛି । ପାଠ୍ୟ ପୁସ୍ତକରେ ରହିଥିବା ହଜାର ତ୍ରୁଟି ଏଥିପାଇଁ ରାଜ୍ୟ ସରକାର ଉତ୍ତର ଦାୟିତ୍ୱ ରହି ଏହି ସାଂଘାତିକ ତ୍ରୁଟିରେ ଦାୟୀ ରହିଥିବା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ




ଫୋଟ ଚିତ୍ର ଧରି ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଯୁବ ଜନତା ଦଳ, ବିଜୁ ଛାତ୍ର ଜନତା ଦଳ, ବିଜୁ ମହିଳା ଜନତା ଦଳ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କୁଶପୁତ୍ତଳିକା ଦାହ କରିଥିଲେ ।

ବିଜେଡିର ବରିଷ୍ଠ ନେତା ଓ ଦଳୀୟ କର୍ମୀମାନଙ୍କ ନେଇ ସ୍ଥାନୀୟ ହିଲ ପାଟଣା ସ୍ଥିତ ଗଣେଶ ମନ୍ଦିର ଠାରୁ ଏକ ଶୋଭାଯାତ୍ରା ବାହାରି ଟାଟା ବେଞ୍ଚ ଛକ, କମାପଲ୍ଲୀ, କୋର୍ଟ ପେଟା ଛକ ଦେଇ ସହର ପରିକ୍ରମା କରି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ଠାରେ ପହଞ୍ଚି ସମ୍ମୁଖରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନମାନ ଦେଇ ବର୍ଷି ଥିଲେ । ଛାତ୍ର ବିରୋଧୀ ବିଜେପି ସରକାରଙ୍କ ନୀତି, ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲିଦେବା ସହ ପାଠ୍ୟ ପୁସ୍ତକରେ ମୁଦ୍ରିତ ହୋଇଥିବା ଗୁରୁତର ତ୍ରୁଟିର ଏଥିପାଇଁ ଦାୟୀ ଅଧିକାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସିବିଆଇ ତଦନ୍ତ ଦାବି କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଯୁବ ନେତା ଚିନ୍ମୟ ସାହୁଙ୍କ ସମେତ ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସରକାରଙ୍କ ବିରୋଧରେ ବର୍ଷି ଥିଲେ ।

## ଭିଜିଲାନ୍ସ ପଞ୍ଝାରେ ବଡସାହି ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ ସୁଶିଲ ସିଂ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ ସୁଶିଲ ସିଂ ଜଣେ ଠିକାଦାରଙ୍କ ଠାରୁ ୩୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଘଟଣାରୁ ପ୍ରକାଶ ଯେ, ଠିକାଦାର ସୁନାରାମ ସୋରେନ୍ ବଡସାହି ବ୍ଲକ ଅନ୍ତର୍ଗତ ଲେମ୍ବୁ ସାହିରୁ କେନ୍ଦୁଆ ପାଇଁ ରାସ୍ତା କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟର ୫ଲକ୍ଷ ଟଙ୍କାର ଫାଇନାଲ୍ ବିଲ୍ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ଇଂ ସୁଶିଲ ସିଂଙ୍କୁ କହିଥିଲେ। ମାତ୍ର ଏହି ବିଲ୍ କରିବା ପାଇଁ ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀ ଇଂ ସୁଶିଲ ସିଂ ୩୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ନିରୂପାୟ ହୋଇ ସୁନାରାମ ଭିଜିଲାନ୍ସ ବିଭାଗର



ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଯୋଜନା ମୁତାବକ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଠିକାଦାର ସୁନାରାମଙ୍କ ଠାରୁ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ କର୍ମଚାରୀ ମାନେ ଏହି ଲାଞ୍ଚୁଆ ଯନ୍ତ୍ରୀଙ୍କୁ କାବୁ କରିନେଇଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ ୧୦/୨୬ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏଥିସହ ବୈଶିଙ୍ଗା ସ୍ଥିତ ପୈତୃକ ଘର ଓ ବାରିପଦା ସ୍ଥିତ ଭଡା ଘରେ ବାରିପଦା ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ କରାଯାଇଥିଲା। ବାଲେଶ୍ୱର ଭିଜିଲାନ୍ସ ଏସପି ଅରୁଣ ନାୟକଙ୍କ ନେତୃତ୍ୱରେ ବାରିପଦା ଭିଜିଲାନ୍ସ ଇନ୍ସପେକଟର ବିକାଶ ସ୍ୱାଇଁଙ୍କ ସହ ଅନ୍ୟ ଭିଜିଲାନ୍ସ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ବାଲିପଦର ଗାର୍ଲସ୍ ହାଇସ୍କୁଲ ଘଟଣା

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରକୋଷ୍ଠ ତାଲା ଭଙ୍ଗାଗଲା, ରେକର୍ଡ ମିଳିଲାନି

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥିତ ଶ୍ରୀ ରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦାୟିତ୍ୱ ନଦେଇ ପ୍ରଧାନ ଶିକ୍ଷୟିତ୍ରୀ ଫେରାର ହୋଇ ଯାଇଥିବାରୁ ଗତକାଲି ଟି.ସି ନପାଇ ଛାତ୍ରୀମାନେ ନିରାଶରେ ଫେରିଥିଲେ । ତେବେ ଆଜି ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟାଳୟ ତାଲା ଭଙ୍ଗା ଯାଇଥିଲେ ହେଁ କୋଣସି ରେକର୍ଡ ପତ୍ର ନମିଳିବାରୁ ଆଜି ମଧ ଦଶମ ପାସ ହୋଇଥିବା ଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ନିରାଶ ହୋଇଛନ୍ତି । ପ୍ରଧାନ ଶିକ୍ଷୟତ୍ରୀ ବୈଜୟନ୍ତୀ ମାଳା ସୁବୁଦ୍ଧି ଦୁର୍ନୀତି ଅଭିଯୋଗରେ ନୀଲମ୍ବିତ ହୋଇଥିବା ବେଳେ ଏପର୍ଯ୍ୟନ୍ତ କାହାକୁ ଦାୟିତ୍ୱ ହସ୍ତାନ୍ତର କରି ନଥିବାରୁ ଗତକାଲି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଗତକାଲି ଡିଇଓଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷୟିତ୍ରୀ ସୁମିତ୍ରା ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଆଜି ଏସବୁ ସମସ୍ୟାର ସମାଧାନ ଆଶାରେ ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବିଇଓ ଚିନ୍ମୟ ମହାପାତ୍ର ଓ ତହସିଲଦାର ତାପସ ରାଉତଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ରୁମ ଚାବି ଭଙ୍ଗା ଯାଇଥିଲା ତେବେ ପ୍ରଧାନ ଶିକ୍ଷୟତ୍ରୀଙ୍କ କାର୍ଯ୍ୟାଳୟରେ ନାଥିଲା ଆଡ଼ମିସନ ରେଜିଷ୍ଟର ନାଥିଲା ଏସଏଲସି ଖାତା । ଫଳରେ ପୁଣି ନିରାଶ ହୋଇଛନ୍ତି ଛାତ୍ରୀ ଓ ଅଭିଭାବକ ।

## ନିଟ୍ ପରୀକ୍ଷାରେ ଦୁର୍ନୀତି ଓ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ବଣ୍ଟନ

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି

ବ୍ରହ୍ମପୁର, (ସବ୍ୟୁ) : ନିଟ ପରୀକ୍ଷାରେ ବାରମ୍ବାର ଜାଲିଆତି ହେବା, ଏନଟିଏ ଦ୍ୱାରା କରାଯାଉଥିବା ପରୀକ୍ଷା ଗୁଡିକରେ ଦୁର୍ନୀତି ରୋକିବାରେ କେନ୍ଦ୍ର ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହାର ମୁଖ୍ୟ ଭାବେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ଦାବି କରାଯାଇଛି । ସେହିଭଳି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରସ୍ତୁତ ପାଠ୍ୟ ପୁସ୍ତକ ଗୁଡ଼ିକ ସମ୍ପୂର୍ଣ୍ଣ ତ୍ରୁଟି ପୂର୍ଣ୍ଣ ରହିଛି, ଫଳରେ ରାଜ୍ୟର ଲକ୍ଷଲକ୍ଷ ଛାତ୍ର,ଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳା ଯାଉଛି ।

ପାଠ୍ୟ ପୁସ୍ତକ ପ୍ରକାଶ ନିମନ୍ତେ ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏଥିପାଇଁ




ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ଓ ବିଭାଗ ରହିଛି । କିନ୍ତୁ ରାଜ୍ୟରେ ବଜେପି ସରକାର ବେପୁରୁଆ ମନୋଭାବ ଯୋଗୁଁ ବିଜେପି ଡବଲ ଇଞ୍ଜିନ ସରକାରର ପ୍ରସାଶନର ଦକ୍ଷତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏଥିପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା ଦିଅନ୍ତୁ । ସେହିଭଳି ତୃଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶନ ପାଇଁ ଦାୟୀ ଅଧିକାରୀ, ପ୍ରସ୍ତୁତ କର୍ତ୍ତା, ବିଶେଷଜ୍ଞ, ଯାଞ୍ଚ ଦାୟିତ୍ୱ ବହନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି ।

ସେହିଭଳି ଓଡ଼ିଆ ଭାଷାର ଜଣେ ଦକ୍ଷ ଅଫିସରଙ୍କୁ ବିଭାଗର ସଚିବ ଭାବେ ଅବସ୍ଥାପିତ କରି ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶିତ କରି ଅତିଶୀଘ୍ର ଛାତ୍ର ଛାତ୍ରୀଙ୍କୁ ବଣ୍ଟନ କରିବା ପାଇଁ ଦାବୀ କରାଯାଇଛି । ଏହି ପାଠ୍ୟ ପୁସ୍ତକ ଉପଲବ୍ଧ ହେବା ପର୍ଯ୍ୟନ୍ତ ପୁରୁଣା ପୁସ୍ତକରେ ପାଠ ପଠାଇବା ବ୍ୟବସ୍ଥା କରା ଯାଉ ବୋଲି ଦାବୀ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ଡିୱାଇଏଫଆଇ ନେତା ଯୁଧିଷ୍ଠିର ବେହେରା, ଦିଲିପ ଛୋଟରାୟ,ଏସ ଏଫ ଆଇର ଗୋକୁଳ ତ୍ରିପାଠୀ, ଲୋକନାଥ ଖୁଣ୍ଟିଆ, ଡିୱାଇଏଫଆଇ ନେତା ଅଜିତ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ରଥଯାତ୍ରା ପାଇଁ ପୌରପାଳିକା ପକ୍ଷରୁ ସହାୟତା ପ୍ରଦାନ

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ବାରିପଦାରେ ରଥଯାତ୍ରା ଆୟୋଜନ ହେବାକୁ ଯାଉଛି । ରଥ ଯାତ୍ରା ସୁପରିଚାଳନା କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ୬ଲକ୍ଷ ଟଙ୍କା ସହାୟତା ରାଶି ଜିଲ୍ଲାପ୍ରଶାସନକୁ ପ୍ରଦାନ କରାଯାଇଛି । ଶୁକ୍ରବାର ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ୬ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ରଥଯାତ୍ରାକୁ ଆହୁରି ସରସ ସୁନ୍ଦର କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି ବୋଲି ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି । ରଥ ଯାତ୍ରାରେ ବାରିପଦା ସହରରେ ପ୍ରବଳ ଜନ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ବାରିପଦା ପୌରପାଳିକା ପକ୍ଷରୁ ସହରକୁ ପରିମଳ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାସହିତ ବଡ ଦାଣ୍ଡକୁ ରଥଯାତ୍ରା ନିମନ୍ତେ ରଙ୍ଗ ବେରଙ୍ଗ ରଙ୍ଗୋଲିରେ ସଜେଇବା, ଅସ୍ଥାୟୀ ଦୋକାନ ଓ ମୀନା ବଜାର ଓ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ଉପନଗରପାଳ ସୀମା ଦାସ, କାଉନ୍‌ସିଲର ଅନନ୍ତ ଦାସ, ଦେବାଶିଷ ପାତ୍ର, ସୁକେଶିନି ସେଠି, ପ୍ରଭାତ ମହାନ୍ତି, ମହେଶ ଭଞ୍ଜଦେଓ, ସୁଧୀର ବାରିକ, ପୂଜା ତରେଇ, ଶିବ ଶଙ୍କର ପାତ୍ର ଓ ଅନ୍ୟାନ୍ୟ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ ।

## ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ଜିଆରପି ପୋଲିସ ଗୁରୁବାର ରାତ୍ର ବ୍ରହ୍ମପୁର ରେଳଷ୍ଟେସନ ନିକଟ ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା । ମୃତକଙ୍କ ବୟସ ଆନୁମାନିକ ୨୨ ରୁ ୨୪ବର୍ଷ ହେବ ବୋଲି ପୋଲିସ ସନ୍ଦେହ କରୁଛି । ତାଙ୍କ ପରିଚୟ ମିଳି ପାରିନାହିଁ । ପୋଲିସ ଏସଂକ୍ରାନ୍ତରେ ୪୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶୁକ୍ରବାର ମୃତଦେହ ବ୍ୟବଛେଦ ପରେ ସଂରକ୍ଷଣ ରଖାଯାଇଛି । ଜିଆରପି ପୋଲିସ ପରିଚୟ ଜାଣିବା ପାଇଁ ସମସ୍ତ ପୋଲିସ ଷ୍ଟେସନକୁ ମେସେଜ ପଠାଯାଇଛି । ମୃତଦେହ ୪ଦିନ ଯାଏଁ ସଂରକ୍ଷିତ ରଖାଯିବ, ଯଦି କେହି ଦାବିଦାର ନ ଆସନ୍ତି ତେବେ ତାହା ବିଇଏମସି ସହାୟତାରେ ଶ୍ମଶାନରେ ପୋତି ଦିଆଯିବ ବୋଲି ପୋଲିସ କହିଛି । ଉକ୍ତ ଯୁବକ ଜଣଙ୍କ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି । ଗୁରୁବାର ରାତ୍ର ସାଢେ ୯ ରେ ବିଶାଖାପାଟଣା ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନରେ ଜଣେ ଯୁବକ କଟି ଜେଲ କଡ଼ ଦେଇ ଯାଇଥିବା ରେଳଧାରଣରେ ପଡିଥିବା ଖବର ମିଳିଥିଲା । ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା । ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନଥିଲା । ରାତ୍ର ହୋଇଯାଇଥିବାରୁ ମୃତଦେହ ଏମକେସିଜି ଶବ ଗୃହରେ ରଖାଯାଇଥିଲା । ଶୁକ୍ରବାର ପଞ୍ଚନାମା ପରେ ଏଫଏମଟିକୁ ବ୍ୟବଛେଦ ପାଇଁ ପୋଲିସ ପଠାଇଛି ।

## ଯୁବକଙ୍କୁ ହତ୍ୟା ଉଦ୍ୟମ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଅଙ୍କୁଶପୁର ଗାଁରେ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା । ପୋଲିସ ୪ଜଣ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ରାମକୃଷ୍ଣ ସାହୁ (୨୦), ରବିନ ପାଣିଗ୍ରାହୀ (୨୦), କିରଣ ସାହୁ (୨୦) ଏବଂ ଶ୍ରୀକିଶନ ସେଠୀ (୨୦) । ତଦନ୍ତ ସମୟରେ ପୋଲିସ ଅଭିଯୁକ୍ତ ରବିନ ପାଣିଗ୍ରାହୀଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଏକ ଲୁହା ରଡ୍ ଜବତ କରିଛି । ମାମଲା ନଂ ୪୪୧/୨୬ ରେ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଗତ ୮ ତାରିଖ ରାତ୍ର ସନ୍ତୋଷ ଶିବାନନ୍ଦ ସାହୁ (୨୨) ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଉପରୋକ୍ତ ଅଭିଯୁକ୍ତ ମାନେ ମଧ୍ୟ ସେଠାକୁ ଯାଇଥିଲେ । ଅଭିଯୁକ୍ତମାନେ ସନ୍ତୋଷଙ୍କୁ ମଦ ଆଣିବାକୁ କହିଥିଲେ । ସେ ଏଥିରେ ଅସମ୍ମତି ପ୍ରକାଶ କରିବାରୁ ଅଭିଯୁକ୍ତ ମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚାପୁଡ଼ା, ଠେଙ୍ଗା ଓ ଗୋଇଠା ମାରି ସେଠାରେ ହତ୍ୟା ଉଦ୍ୟମ କରିଥିଲେ । ଏପରିକି ଜଣେ ଅଭିଯୁକ୍ତ ତାଙ୍କ ବେକକୁ ଚିପି ହତ୍ୟା ଉଦ୍ୟମ କରିଥିବା ବେଳେ ଅନ୍ୟ ଜଣେ ଲୁହା ରଡରେ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପରେ ସେ କୌଣସି ପ୍ରକାରେ ସେଠାରୁ ଖସି ପଳାଇ ଜୀବନ ବଞ୍ଚାଇଥିଲେ । ଯିବାବେଳେ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ପ୍ରାଣରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ଆହତ ଜଣଙ୍କ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# କେଡିପି ଆନୁକୂଲ୍ୟରେ ରକ୍ତଦାନ ଶିବିର, ୫୦ୟୁନିଟ ସଂଗ୍ରହ



ବାରିପଦା, (ସବ୍ୟୁ) : ବାରିପଦା ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଉପଲକ୍ଷି କରି ବାରିପଦାର ପ୍ରତିଷ୍ଠିତ ବ୍ୟବସାୟୀ ପ୍ରତିଷ୍ଠାନ କାଲୁରାମ ଦୁର୍ଗା ପ୍ରସାଦ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ପ୍ରସାଦ ମୋଦିଙ୍କ ନେତୃତ୍ୱରେ ଏବଂ ସୁମନ ମୋଦି ଓ ଖୁସୁବୁ ମୋଦିଙ୍କ ସହାୟତାରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଉଦଘାଟନ କରିବା ସହ ଦୀର୍ଘବର୍ଷ ଧରି ଶିବିର ଆୟୋଜନ କରିଆସୁଥିବାରୁ ମୋଦି ପରିବାରର ପ୍ରଶଂସା କରିଥିଲେ।

ସମ୍ମାନିତ ଅତିଥି ଭାବେ ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ପୂର୍ବତନ କାଉନ୍‌ସିଲର ପ୍ରଭାତ ମହାନ୍ତି, ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ, ସାମ୍ବାଦିକ ସତ୍ୟଜିତ ସୋମ, ମୟୂରଭଞ୍ଜ କେମିଷ୍ଟ ଏଣ୍ଡ ଡ୍ରାଗିଷ୍ଟ ଏସୋସିଏସନର ଉପଦେଷ୍ଟା ନିରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଗୌରବ ମୋଦିଙ୍କ ସମେତ ମୋଟ ୫୦ଜଣ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକ ଓ ମେଡିକାଲ ଅଫିସର ଡା. ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ବବିତା ଦାସ, କରୁଣାକର ଜେନା ଓ ଧିରେନମୁଖି ରକ୍ତସଂଗ୍ରହକରିଥିଲେ। ପୂର୍ଣ୍ଣଚନ୍ଦ୍ର ଦେହୁରୀ, ବିଶ୍ୱନାଥ ପଟ୍ଟନାୟକ, ସୌମ୍ୟରଞ୍ଜନ ଦାସ, ଅନିଲ ପରିଡା, ରାକେଶ ସିଂହ, ଜୟନ୍ତ ସାହୁ, ପ୍ରସନ୍ନ ପୃଷ୍ଟି, ଚନ୍ଦ୍ରଶେଖର ସାହୁ, ବିଜୟ ମାଣ୍ଡୋଇ ଓ ସାମଶେର ଆଲାମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବାରିପଦା ରଥଯାତ୍ରା ଗୁଜବ୍ ଉପରେ ସ୍ପଷ୍ଟୀକରଣ

# ରଥରୁ ହିଁ ହେବ ଗୁଡଲଡୁ ବଣ୍ଟନ : ଉପଜିଲ୍ଲାପାଳ

ବାରିପଦା, (ସବ୍ୟୁ) : ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ଲଡୁ ପ୍ରସାଦ ବଣ୍ଟନ ସମ୍ପର୍କରେ ସଠିକ୍ ସୂଚନା ସାଧାରଣ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏ ସମ୍ପର୍କରେ ସୃଷ୍ଟି ହୋଇଥିବା ବିଭ୍ରାନ୍ତିର ଅବସାନ ଘଟାଇବା ଉଦ୍ଦେଶ୍ୟରେ ଆଜି ଉପଜିଲ୍ଲାପାଳ, ବାରିପଦା କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ବାରିପଦା ରଥଯାତ୍ରାର ପାରମ୍ପରିକ ନୀତିକାନ୍ତି ଏବଂ ଲଡୁ ପ୍ରସାଦ ବଣ୍ଟନ ପ୍ରଥାରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ପୂର୍ବବର୍ଷ ଗୁଡ଼ିକ ପରି ଚଳିତ ବର୍ଷ ମଧ୍ୟ ରଥରୁ ହିଁ ଭକ୍ତମାନଙ୍କ ମଧ୍ୟରେ ମହାପ୍ରଭୁଙ୍କ ଲଡୁ ପ୍ରସାଦ ବଣ୍ଟନ କରାଯିବ । ସେ କହିଥିଲେ ଯେ, ରଥଯାତ୍ରାରେ ପ୍ରତିବର୍ଷ ବୃଦ୍ଧି ପାଉଥିବା ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରସାଦ ବଣ୍ଟନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ, ସୁବ୍ୟବସ୍ଥିତ ଓ ସୁରକ୍ଷିତ କରିବା ପାଇଁ ଆବଶ୍ୟକ ପ୍ରଶାସନିକ ବ୍ୟବସ୍ଥା କରାଯାଇଛି ।

ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ କେବଳ ଭିଡ଼ ପରିଚାଳନା, ଭକ୍ତମାନଙ୍କ ସୁବିଧା ଏବଂ ସୁରକ୍ଷା ସୁନିଶ୍ଚିତ କରିବା । ତେଣୁ ରଥଯାତ୍ରାର ପାରମ୍ପରିକ ନୀତିକାନ୍ତି କିମ୍ବା ଲଡୁ ପ୍ରସାଦ ବଣ୍ଟନ ପ୍ରଥାରେ କୌଣସି ବ୍ୟତିକ୍ରମ ଘଟିନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ । ଉପଜିଲ୍ଲାପାଳ ସାଧାରଣ ଜନସାଧାରଣଙ୍କୁ ଲଡୁ ପ୍ରସାଦ ବଣ୍ଟନ ସମ୍ପର୍କରେ ପ୍ରଚାରିତ କୌଣସି ଅପ୍ରମାଣିତ ସୂଚନା କିମ୍ବା ଗୁଜବକୁ ବିଶ୍ୱାସ ନକରି କେବଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ଆଧିକାରିକ ସୂଚନା ଉପରେ ବିଶ୍ୱାସ ରଖିବାକୁ ଅନୁରୋଧ କରିଥିଲେ । ସେହିପରି ରଥଯାତ୍ରା ସମୟରେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥାରେ ସହଯୋଗ କରି ଶୃଙ୍ଖଳା ବଜାୟ ରଖିବାକୁ ଏବଂ ଏକ ସୁରକ୍ଷିତ ଓ ସୁଚାରୁ ରଥଯାତ୍ରା ଆୟୋଜନରେ ସହଭାଗୀ ହେବାକୁ ସମସ୍ତ ଭକ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବାରିପଦା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଭାତ ମଲ୍ଲିକ, ବାରିପଦା ମ୍ୟୁନିସିପାଲଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଯାଙ୍କ ସମେତ ମନ୍ଦିର ସେବାୟତଗଣ ଉପସ୍ଥିତ ଥିଲେ ।

## ହତ୍ୟା ମାମଲା : ବିଧାୟକ ରମେଶ ଜେନାଙ୍କ ସମେତ ୬ ନିର୍ଦ୍ଦୋଷ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ-୩ ବିବସ୍ୱତ ଗୌତମ ଏକ ହତ୍ୟା ମାମଲାର ଶୁଣାଣି କରିଛନ୍ତି । ଅଭିଯୁକ୍ତ ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସମେତ ୬ ଜଣଙ୍କୁ ଜଜ ଶୁକ୍ରବାର ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ପ୍ରକାଶ ଯେ, କୁନି ଦାସ ନାମକ ଜଣେ ମହିଳାଙ୍କ ଅଭିଯୋଗ ଅନୁଯାଇ ୨୦୧୬ ଜାନୁଆରୀ ୧୨ ରାତ୍ର ୧୦ରେ ତାଙ୍କ ପୁଅ ଅର୍ଜୁନ ଦାସଙ୍କୁ କିଛି ଯୁବକ ଘର ପାଖରୁ ଡାକି ନେଇଥିଲେ । ବିଳମ୍ବିତ ରାତ୍ରରେ ଜଣେ ଅଜଣା ଯୁବକ ଘରକୁ ବାଇକରେ ଆସି ତୁମ ପୁଅ ଗେଟବଜାର କେନାଲ ସାହିରେ ରକ୍ତାକ୍ତ ହୋଇପଡିଥିବା ବେଳେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି ବୋଲି କହିଥିଲେ । ପରେ କୁନି ଦାସ ସେଠାରେ ପହଞ୍ଚିଥିଲେ । ଅର୍ଜୁନ ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନନ୍ତର କରାଯାଇଥିଲା । ଏନେଇ ଆହତଙ୍କ ମା' ଟାଉନ ଥାନାରେ ଅଭିଯୋଗ କରିଥିଲେ ।

ଟାଉନଥାନା ପୋଲିସ ୨୯/୧୬ ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା । ଗୁରୁତର ଅର୍ଜୁନ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ଉକ୍ତ ମାମଲା ହତ୍ୟା ମାମଲାରେ ରୂପାନ୍ତରିତ ହୋଇଥିଲା । ଏହି ମାମଲାରେ ବିଧାୟକ ରମେଶ ଜେନା ସମେତ ୬ଜଣଙ୍କୁ ଅଭିଯୁକ୍ତ ଦର୍ଶାଇ ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲା । ମାମଲାର ବିଚାରଣା ବେଳେ ୧୩ ଜଣ ସାକ୍ଷୀ କୋର୍ଟରେ ହାଜର ହୋଇଥିଲେ । ଆଜି ରାୟ ପ୍ରକାଶ ବେଳେ ବିଧାୟକ ରମେଶ ଜେନା, ପିଣ୍ଟୁ ଜେନା, ରାମକୃଷ୍ଣ ପାଢ଼ୀ ଓରଫ ଜାକି, ଦଣ୍ଡ ମହାରଣା, ପ୍ରେମଚାନ୍ଦ ପଣ୍ଡା ଓରଫ ବାପି ଓ ଜଗତ ବେହେରା କୋର୍ଟରେ ହାଜର ହୋଇଥିଲେ ।

ସମସ୍ତ ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦଲାଙ୍କ ପକ୍ଷରୁ କିଶୋର ବିଷୋୟୀ, ବିରେନ ମହାପାତ୍ର, ଦୀପକ ପଟ୍ଟନାୟକ ପ୍ରମୁଖ ମାମଲା ପରିଚାଳନା କରୁଥିଲେ ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ସଫଳତା ପାଇଁ ଏବେ ନୁହେଁ ତ କେବେ ନୁହେଁ ନୀତି ଜରୁରୀ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ମାଟିର ଗୌରବମୟ ଉଚ୍ଚଶିକ୍ଷା ଅନୁଷ୍ଠାନ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ୭୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅତିଥିମାନେ ପ୍ରାରମ୍ଭରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଆନୁଷ୍ଠାନିକ ସଭାରେ ମୁଖ୍ୟଅତିଥି ଭାବେ ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନିଜର ବକ୍ତବ୍ୟରେ ସମୟର ସଦୁପଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ ।

ସମୟାନୁବର୍ତ୍ତୀ ନହେଲେ ଜୀବନରେ କେବେ ବି ସଫଳତା ମିଳେ ନାହିଁ । ଛାତ୍ରଛାତ୍ରୀମାନେ ଏବେ ନୁହେଁ ତ କେବେ ନୁହେଁ




' ନୀତିକୁ ଅନୁପାଳନ କରିବାର ଆବଶ୍ୟକତା ରହିଛି ବୋଲି ସେ ନିଜର ବକ୍ତବ୍ୟରେ ମତପୋଷଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରସାଦ ବେହେରା କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅତିଥିଭାବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ନିଜ ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟ ଓ ଏମପିସି ମହାବିଦ୍ୟାଳୟର ମିଳିତ ସହଭାଗିତାରେ ଶିକ୍ଷା ଏବଂ ଗବେଷଣା କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମଞ୍ଚାସୀନ ଅନ୍ୟତମ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ ଓ କଲେଜ ପରିଚାଳନା କମିଟିର ଅଧ୍ୟକ୍ଷା ମେଜର୍ ଡ. କଳ୍ପନା ଦାସ ନିଜର ବକ୍ତବ୍ୟରେ ମୟୂରଭଞ୍ଜ ମାଟିର ମହତ୍ତ୍ୱ ଓ ଗୌରବକୁ ପ୍ରକାଶ କରିବା ସହ ଏହି ଗୌରବ ଧାରାକୁ ବଜାୟ ରଖିବାକୁ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କଲେଜର ଦ୍ୱିତୀୟ ମୁଖ୍ୟ ଡଃ ଆଶୁତୋଷ ପ୍ରୟାସ ଦାଶ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ । ପରିଶେଷରେ ମହାବିଦ୍ୟାଳୟର ଶୈକ୍ଷିକ ମୁଖ୍ୟ ଡଃ ଆଲବର୍ଟିନା ଟିର୍କୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘୁଞ୍ଚିଲାନି ଦୁଃଖ, ଦାଦନ ଖଟି କଟାହେଲା ଗୋଡ

# ପୁଅକୁ ବଞ୍ଚାଇବା ପାଇଁ ବୃଦ୍ଧା ମା' କରୁଛନ୍ତି ସଂଗ୍ରାମ



ଆଠମଲ୍ଲିକ, (ସବ୍ୟୁ) : ସରକାର ବଦଳୁଛି ହେଲେ ବଦଳୁନି ଅଭାବଗ୍ରସ୍ତ ଲୋକଙ୍କ ଦୁର୍ଦ୍ଦଶା । ବଞ୍ଚିବା ପାଇଁ ଦାଦନ ଖଟିବା ଏକମାତ୍ର ପନ୍ଥା ହୋଇଥିବାବେଳେ ତାହା ପାଲଟିଛି ଅଭିଶାପ ।

ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ପୁରୁଣାମାଣତ୍ରୀ ଗ୍ରାମପଞ୍ଚାୟତର ବାସିନ୍ଦା ଗଜାନନ ଦେହୁରୀ (୨୬) ଙ୍କ ଦୁଃଖ କହିଲେ ନସରେ । ମୁଣ୍ଡ ଗୁଞ୍ଜିବା ପାଇଁ ନାଅଛି ଚାଳ ନା ଦୁଃଖ ଶୁଣିବା ପାଇଁ ଅଛନ୍ତି କିଏ । ଗଜାନନ କିଛି ଦୁନିଆକୁ ଜାଣିବା ପୂର୍ବରୁ ବାପାଙ୍କୁ ହରାଇଥିଲେ । ବିଧବା ମା' ଦୁଃଖ କଷ୍ଟରେ ଚଳି ପୁଅକୁ ବଞ୍ଚାଇ ଯୁବକ କରିଥିଲେ। ଯୁବକ ସମୟରେ ପୁଅଠୁ ସାହାରା ପାଇ ନିଜେ ବଞ୍ଚିଯିବି ବୋଲି ଭାବିଥିବା ବେଳେ ବିଧିର ବିଧାନ କିନ୍ତୁ ଥିଲା ଅଲଗା । ଗଜାନନଙ୍କ କହିବା ଅନୁଯାୟୀ ୨୦୨୪ ମସିହାରେ ପରିବାର ପୋଷିବା ପାଇଁ ମହାରାଷ୍ଟ୍ରର ଇସଲାମପୁର ସୁତା ମିଲକୁ ଦାଦନ ଖଟିବାକୁ ଯାଇଥିଲେ । ସେଇଠୁ ହିଁ ଆରମ୍ଭ ହେଲା ଦୁଃଖର କାହାଣୀ । ପାଣିରେ ଗୋଡ଼ ଖସି ଯିବାରୁ ଗୋଡ଼ ଭାଙ୍ଗି ଯାଇଥିଲା । ସୁତା ମିଲ ମାଲିକ ବ୍ୟାଣ୍ଡେଜ ଭିଡି ଘରକୁ ପଠାଇ ଦେଇଥିଲେ । ହେଲେ କିଛିଦିନ ଗଲା ପରେ ଗୋଡ଼ ଖୁବ ଜୋରରେ ବିନ୍ଧା ହୋଇଥିଲା । ମା ପୁଅ କଟକ ବଡ଼ମେଡିକାଲକୁ ଚିକିତ୍ସା ନିମନ୍ତେ ନେଇଥିଲେ ମଧ ଗୋଡ଼ର ଚିକିତ୍ସାରେ ସୁଫଳ ମିଳି ପାରିନଥିଲା । ପରେ ଭୁବନେଶ୍ୱର ସ୍ଥିତ ଏକ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିଲେ । ଭୁବନେଶ୍ୱରରେ ଚିକିତ୍ସା ଆରମ୍ଭ କଲା ପରେ ଗୋଡ଼ କାଟିବାକୁ ଡାକ୍ତର ମାନେ କହିଥିଲେ । କିଛିଦିନ ପରେ ଡାହାଣ ପାଖର୍ ଗୋଡ଼ଟିକୁ କାଟି ଦିଆ ଯାଇଥିଲା । ଗୋଟିଏ ଗୋଡ଼ଥିବା ଦିବ୍ୟାଙ୍ଗ ପୁଅକୁ ମା ସାଙ୍ଗରେ ଆଣି ଘରେ ରଖିଥିଲେ । ଦିବ୍ୟାଙ୍ଗ ପୁଅକୁ ଖାଦ୍ୟ ଗଣ୍ଡିଏ ଦେଇ ବଂଚେଇବା ପାଇଁ ମା ମୂଳ ମଜୁରୀ ଲାଗିଥିଲେ। ମା ଙ୍କର ବର୍ତ୍ତମାନ ବୟସ ୬୦ ବର୍ଷ ହୋଇ ଦୁର୍ବଳ ଅବସ୍ଥାରେ ଥିବାରୁ ଦୈନନ୍ଦିନ ମୂଳ ମଜୁରୀ ଲାଗି ପାରୁନାହାନ୍ତି ।

ମା ଶୋଭାଗିନୀ ଦେହୁରୀଙ୍କ କହିବା ଅନୁଯାୟୀ ରାସନ କାର୍ଡରେ ଚାଉଳ ଦଶ କିଲୋ ଓ ଭତ୍ତା ପାଇବା ବ୍ୟତୀତ ଆଉ କୌଣସି ପ୍ରକାର ସରକାରୀ ସହାୟତା ମିଳି ପାରି ନାହିଁ । ମୁଣ୍ଡ ଗୁଞ୍ଜିବା ପାଇଁ ୧୩/୧୦/୨୦୨୫ ରିଖରେ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲେ ସୁଦ୍ଧା ଅର୍ଥ ଅଭାବରୁ ବର୍ତ୍ତମାନ ସୁଦ୍ଧା ଘର ତିଆରି କରି ପାରି ନାହାନ୍ତି । ଫଳରେ ଏକ ଭଙ୍ଗା କୁଡ଼ିଆରେ ଜୀବନକୁ ଦୁର୍ବିସହ କରି ମା ଓ ପୁଅ ରହୁଛନ୍ତି।

ଦୁଇ ବର୍ଷ ହେଲା ଜନପ୍ରତିନିଧି ମାନଙ୍କୁ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କିଛି ସରକାରୀ ଯୋଜନା ପାଇ ପାରି ନାହାନ୍ତି । ତାଙ୍କ ଚଳିବା ପାଇଁ ଘର ଡିହକୁ ଛାଡିଦେଲେ ନିଜ ନାମରେ ଚାଷ ଜମି କିଛି ନାହିଁ । ତେଣୁ ପ୍ରଶାସନ ଅତିଶୀଘ୍ର ଘରକୁ ଯାଇ ବାସ୍ତବତାକୁ ଲକ୍ଷ କରି ସରକାରୀ ସାହାଯ୍ୟ ଓ କିପରି ଭାବରେ ଆବାସ ଗୃହ ନିର୍ମାଣ ହୋଇପାରିବ ତାର ବନ୍ଦୋବସ୍ତ କରିବାକୁ ମା' ପୁଅ ଆକୁଳ ନିବେଦନ କରିଛନ୍ତି ।

## ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ଚିକିତ୍ସା ନକରି ଜୀବିତ ରୋଗୀଙ୍କୁ ମୃତ ଘୋଷଣା !



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜୀବିତ ରୋଗୀଙ୍କୁ ଚିକିତ୍ସା ନକରି ମୃତ ଘୋଷଣା କରିଛନ୍ତି । ଅଭିଯୋଗ ପରେ ରୋଗୀଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ପରଜଙ୍ଗ ଥାନା ବସୁଲେଇ ଗ୍ରାମର ଚୈତନ୍ୟ କୁମାର ପରିଡା ଜାମୁକୋଳି ଗଛରେ ଚଢି କୋଳି ତୋଳୁଥିବା ବେଳେ ଅସାବଧାନତା କାରଣରୁ ଗଛରୁ ଖସି ପଡ଼ିଥିଲେ । ସେ ଗୁରୁତର ଅବସ୍ଥାରେ ଗଛ ତଳେ ପଡ଼ିଥିବା ଦେଖି କିଛି ସ୍ଥାନୀୟ ଲୋକ ପରିବାର ଲୋକଙ୍କୁ ଖବର ଦେବାସହ ପ୍ରାଥମିକ ଚିକିତ୍ସା ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କାମାକ୍ଷାନଗର ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକ ଚୈତନ୍ୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ସେଠାରେ ଡିୟୁଟିରେ ଥିବା ଡାକ୍ତର ରୋଗୀଙ୍କୁ ଚିକିତ୍ସା ନକରି ହଠାତ ମୃତ ଘୋଷଣା କରିଥିଲେ ।

ରୋଗୀଙ୍କ ପଲସ ଚାଲୁଥିବା ବେଳେ ଚିକିତ୍ସା ନକରି ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିବା ନେଇ ରୋଗୀଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଥିଲା । ପରେ ଡାକ୍ତର ଜଣକ ରୋଗୀଙ୍କୁ ଚିକିତ୍ସା କରିବା ସହିତ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲେ । ତେବେ ଘଟଣାକୁ ନେଇ ଡିୟୁଟିରେ ଥିବା ଡାକ୍ତରଙ୍କୁ ପଚାରିବାରୁ ସେ ରୋଗୀଙ୍କୁ ତିନି, ଚାରି ଥର ଦେଖିଥିବା କହିଥିବା ବେଳେ ସେ ମୃତ ଘୋଷଣା କରିନଥିବା କହିଛନ୍ତି ।

ତେବେ ଘଟଣା ସମ୍ପର୍କରେ ଜାଣିବା ପରେ ତଦନ୍ତ କରାଯିବା ନେଇ କାମାକ୍ଷାନଗର ଉପଖଣ୍ଡ ମୁଖ୍ୟ ଚିକିତ୍ସାଧାରୀ ସୂଚନା ଦେଇଛନ୍ତି । ତେବେ ରୋଗୀ ଜଣକ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏ ସଂକ୍ରାନ୍ତେର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ସେ ଫୋନଟିକୁ ଉଠାଇ ନଥିଲେ ।

# ଘର ସମ୍ମୁଖରୁ ନାବାଳକ ନିଖୋଜ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହର ସ୍ଥିତ କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନାରେ ଥିବା କଲୋନୀ ଘର ସମ୍ମୁଖରୁ ଜଣେ ନାବାଳକ ଛାତ୍ର ନିଖୋଜ ହୋଇଯାଇଥିବାର ଅଭିଯୋଗ ହୋଇଛି ।



ନିଖୋଜ ଛାତ୍ର ଜଣକ ପ୍ରକାଶ ବରାଳଙ୍କ ପୁଅ ବିଷ୍ଣୁ ପ୍ରସାଦ ବରାଳ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ନାବାଳକର କୌଣସି ସନ୍ଧାନ ମିଳିପାରୁନାହିଁ । ସୂଚନା ଅନୁସାରେ ନାବାଳକ ଜଣକ ଆଜି ସକାଳୁ ଟିୟୁସନ ଯିବାପାଇଁ ଘର ସାମ୍ନାରେ ଛିଡା ହୋଇ ନିଜ ନିତ୍ୟକର୍ମ କରୁଥିଲେ । ପରେ ସେ ସେହିଠାରୁ ନିଖୋଜ ହୋଇ ଯାଇଛନ୍ତି । ଏନେଇ ପରିବାର ଲୋକ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ନାବାଳକ ଛାତ୍ରଙ୍କ କୌଣସି ପତ୍ତା ମିଳିପାରିନାହିଁ । ନାବାଳକ ଜଣକ ପଢ଼ୁଥିବା ସ୍କୁଲରେ କୌଣସି ଭୁଲ କରିଥିବା ବେଳେ ଏହାକୁ ନେଇ ଗୁରୁଜୀଙ୍କୁ ଭୁଲ ମାଗିବା ପାଇଁ ଛାତ୍ର ଜଣକୁ ତାଙ୍କ ମା ତାଗିଦ କରିଥିଲେ । ଯାହାକୁ ନେଇ ନାବାଳକ ଜଣକ ଭୁଲ କରିନାହାନ୍ତି ତେଣୁ ଗୁରୁଜୀଙ୍କୁ ଭୁଲ ମାଗିବେନି ବୋଲି ମା'ଙ୍କୁ କହିଥିଲେ । ତେବେ ହଠାତ ଆଜି ସକାଳୁ ନାବାଳକ ଜଣକ ଘର ସାମ୍ନାରୁ ନିଖୋଜ ହୋଇଛନ୍ତି । ଏନେଇ ଖବର ପାଇବା ପରେ କାମାକ୍ଷାନଗର ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଖବର ଲେଖାଯିବା ସମୟ ଯାଏଁ ପ୍ରାୟ ସାତରୁ ଆଠ ଘଣ୍ଟା ବିତିଯାଇଥିଲେ ମଧ ପିଲାଟିର କୌଣସି ସନ୍ଧାନ ମିଳିପାରିନାହିଁ ।

# ଅଯୋଧ୍ୟା ରାମମନ୍ଦିର ଅର୍ଥ ଓ ମୂଲ୍ୟବାନ ଅଳଙ୍କାର ଲୁଟର ତଦନ୍ତ ଦାବି

ତାଳଚେର, (ସବ୍ୟୁ) : ଅଯୋଧ୍ୟା ପ୍ରଭୁ ରାମମନ୍ଦିରରେ ଅଗଣିତ ଶ୍ରଦ୍ଧାଳୁଙ୍କ ଦାନଅର୍ଥକୁ ଲୁଟ ଘୁଟଣା ସମଗ୍ର ଭାରତବାସୀଙ୍କ ମନରେ ଆଘାତ ସୃଷ୍ଟି କରିଛି । ବିଶେଷ କରି ରକ୍ଷକ ହୋଇ ତଦାରଖ ଦାୟୀତ୍ୱରେ ଥିବା ଲୋକଙ୍କ ଉପରକୁ ଆଙ୍ଗୁଳି ନିର୍ଦ୍ଦେଶ ହେବା ଅଧିକ ଦୁଃଖ ଦେଇଥିବା ପୂର୍ବତନ ସାଂସଦ ମହେଶ ସାହୁ ପ୍ରକାଶ କରିଛନ୍ତି । ଯେଉଁଭଳି ଭାବେ ସିସିଟିଭିରେ ୭୦ଥର ଚୋରି ଘଟଣା ଦୃଶ୍ୟମାନ ହେଉଛି ତାହା ନିନ୍ଦନୀୟ ଅଟେ । ଧର୍ମ ସ୍ଥାନରେ ଚୋରି ହେବା ଏବଂ ଟ୍ରଷ୍ଟବୋର୍ଡ଼ ଥାଇ ମୂଲ୍ୟବାନ୍, ସୁନା, ରୂପା କୋଟି କୋଟିଟଙ୍କାର ରାମଚରିତ ମାନସର ପତା ନମିଳିବା ଏହା ଏକ ଦୁର୍ଭାଗ୍ୟଜନକ । ତରବରିଆ ଭାବେ ଟ୍ରଷ୍ଟର ମୁଖ୍ୟ ଚମ୍ପତରାଏ ଇସ୍ତଫା ଦେବା ଓ ପରେ ତାଙ୍କୁ କ୍ଲିନଚିଟ୍ ଦେବା ତାହା ଭଚ୍ଛମାନେ ଗ୍ରହଣ କରିପାରିନାହନ୍ତି । ସେଥିପାଇଁ ସ୍ୱତନ୍ତ୍ର କରିବା ସହ ଲୋକଙ୍କ ଦାନଅର୍ଥକୁ ସାର୍ବଜନିନ କରାଯାଉ ଓ ଜଗାରଖା ଦାୟୀତ୍ୱରେ ଥିବା ସମସ୍ତ ଟ୍ରଷ୍ଟବୋର୍ଡ଼ ସଦସ୍ୟଙ୍କୁ ଗିରଫ କରାଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି ।

# ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅରାଜକତା -ରୋଶନ ଲାଲ ବିଟ୍ଟୁ




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟିର ପ୍ରୋଗ୍ରାମ କୋଅର୍ଡିନେଟର ରୋଶନ ଲାଲ ବିଟ୍ଟୁ ଯୋଗଦେଇ କଂଗ୍ରେସ ଦଳର ସର୍ବମାନ୍ୟ ନେତା ତଥା ଲୋକସଭାର ବିରୋଧୀ ଦଳର ନେତା ରାହୁଳ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସାରା ଭାରତ ବର୍ଷରେ ଦେଶର ଶିକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ନଷ୍ଟ କରି ଏକ ଶିକ୍ଷା ଅରାଜକତା ସୃଷ୍ଟି କରିଛନ୍ତ । ତାର ଦୃଢ ପ୍ରତିବାଦ କରିବା ପାଇଁ ପ୍ରତ୍ୟେକ ଛାତ୍ର ଛାତ୍ରୀ ତଥା ଅଭିଭାବକମାନଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଛାତ୍ରୋଙ୍କି ଗୁଞ୍ଜି ଡାକରା ଦିଆଯାଇଛି । ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ହାତକୁ କଂଗ୍ରେସ ନେବ ବୋଲି ଆଲୋକପାତ କରିଥିଲେ । ନୀଟ ପରୀକ୍ଷାରେ ଦେଶର ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣଭାବେ ନଷ୍ଟଭ୍ରଷ୍ଟ କରି ଯେଭଳି ଭାବେ ପ୍ରଶ୍ନପତ୍ର ବିକ୍ରି କରାଗଲା ଓ ଭାରତର ନାକନୀଶକୁ ନିଲାମ କରାଗଲା, ତାହା ଦେଶବାସୀଙ୍କ ମୁଣ୍ଡକୁ ତଳକୁ କରିଦେଇଛି । ସାମାନ୍ୟତମ ନିଜ ମୁଣ୍ଡକୁ ଦୋଷ ନେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚାହୁଁ ନାହାଁନ୍ତି । ସେ ତୁରନ୍ତ ଇସ୍ତଫା ଦେବା ଆବଶ୍ୟକ ଥିଲା । ହେଲେ ସେ ତାହା କଲେନାହିଁ ।

ଏଣୁ ଯଥାଶୀଘ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବାକୁ ଦାବି କରିବା ସହ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଉତ୍ତମରୂପେ ପରୀକ୍ଷା ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ରାଜ୍ୟର ମଧ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି, କୋମଳମତି ଛାତ୍ରଛାତ୍ରୀଙ୍କ ଶିକ୍ଷା ପୁସ୍ତକର ସଠିକ ଭାବେ ଯୋଗାଇ ଦେବାକୁ ରାଜ୍ୟ ସରକାର ଅସମର୍ଥ । କମିସନ ସର୍ବସ୍ୱ ବିଜେପି ସରକାର ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ସହିତ ଖେଳୁଛନ୍ତି, ଏଣୁ ଶିକ୍ଷାର ସୁଧାର ଆଣିବା ପାଇଁ ଏ ସରକାରର ଆନ୍ତରିକତାର ଅଭାବ । ଜଣେ ମୁର୍ଖ ଲୋକ ସହଜରେ ଯଦି ଭୁଲକୁ ଧରି ପାରୁଛି, କିଭଳି ଏଭଳି ଅକ୍ଷମଣୀୟ ତ୍ରୁଟି ପୁସ୍ତକରେ ରହିଲା, ତାର ଟେର ରାଜ୍ୟ ସରକାର ପାଇପାରୁ ନଥିବା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦେଶ ଆଦିବାସୀ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନ, ଜିଲ୍ଲା କଂଗ୍ରେସ ଉପସଭାପତି ଗୋପାଳ ଚନ୍ଦ୍ର ନାଥ, ଗୋବିନ୍ଦ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଅବିନାଶ ଦଳବେହେରା, ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମାନବ ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାପ କାମୁଡା ସଚେତନତା

ଆଠମଲ୍ଲିକ/ବଥଁରପାଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲାର ମାଧପୁର ଅନ୍ତର୍ଗତ କୁଦଗାଁ ପଂଚାୟତର ପୀତବାସପୁରରେ ମାନବ ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚିନ୍ମୟୀ ଦାସଙ୍କ ନେତୃତ୍ୱରେ ଏକ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ଅତନୁ ପଟ୍ଟନାୟକ ଯୋଗଦେଇ ସାପ କାମୁଡ଼ା ପରେ ତୁରନ୍ତ ବୈଜ୍ଞାନିକ ଚିକିତ୍ସାର ଆବଶ୍ୟକତା, ଆଣ୍ଟି ସ୍ନେକ୍ ଭେନମର ଗୁରୁତ୍ୱ ଏବଂ ଅନ୍ଧବିଶ୍ୱାସରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଫରେଷ୍ଟର ଦୀପକ ମିଶ୍ର, ପ୍ରବୀଣ ସାହୁ, ଲିଙ୍କି ସାହୁ, ମଧୁସୂଦନ ପ୍ରଧାନ ଏବଂ ସଂଗ୍ରାମ କର୍ଣ୍ଣ ଉପସ୍ଥିତ ରହି ସାପ ପରିବେଶର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କହିଥିଲେ । ସେମାନେ ସାପକୁ ଅନାବଶ୍ୟକ ଭାବେ ନମାରି, ସୁରକ୍ଷିତ ଉଦ୍ଧାର ଓ ସଂରକ୍ଷଣ ପ୍ରତି ସମସ୍ତଙ୍କୁ ସଚେତନ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଏକ ଶପଥ ପାଠ ଏବଂ ରାଲି କରାଯାଇ ସଚେତନତା କରାଯାଇଛି । କାର୍ଯ୍ୟକ୍ରମରେ ପୀତବାସପୁର ଗ୍ରାମବାସୀଙ୍କୁ ସାପ କାମୁଡ଼ାରୁ ବଞ୍ଚିବାର ଉପାୟ, କାମୁଡ଼ା ପରେ କ'ଣ କରିବା ଓ କ'ଣ ନକରିବା ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । ସମସ୍ତଙ୍କୁ ସାପ କାମୁଡ଼ା ସଚେତନତା ଶପଥ ମଧ ପାଠ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମ ଚିନ୍ମୟୀ ଦାସଙ୍କ ତ%ାବଧାନରେ ସୁଚାରୁ ଭାବେ ପରିଚାଳିତ ହୋଇଥିଲା । ମାନବ ସେବା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉପସ୍ଥିତ ଅତିଥିବୃନ୍ଦ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଯାଇଥିଲା ।

# ପୂର୍ବତନ ସୈନିକଙ୍କ ପକ୍ଷରୁ ବୃକ୍ଷରୋପଣ

ଠାକୁରଗଡ,(ସବ୍ୟୁ): କିଶୋରନଗର ବ୍ଲକ ନୂନୁକାପସି ପଞ୍ଚାୟତର ବଇଣ୍ଡା ସ୍ଥାନୀୟ ବିଏସଏନଏଲ ଏକ୍ସଚେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚଧାରା ଭେଟରାନସ ଆସୋସିଏସନର ପୂର୍ବତନ ସୈନିକ ସଦସ୍ୟଙ୍କ ପକ୍ଷରୁ ବୁଧବାର ଦିନ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶର ସୁରକ୍ଷା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ଗଠନର ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ବହୁ ପୂର୍ବତନ ସୈନିକ ସଦସ୍ୟ ଉତ୍ସାହର ସହ ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ ।

ଏହି ଅବସରରେ ବକ୍ତାମାନେ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରି ସମସ୍ତଙ୍କୁ ପ୍ରତିବର୍ଷ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଜଣାଇଥିଲେ । ଉପସ୍ଥିତ ସଦସ୍ୟମାନେ ପରିବେଶ ସୁରକ୍ଷା ପ୍ରତି ନିଜର ଦାୟିତ୍ୱ ପାଳନ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସୁକାନ୍ତ କୁମାର ରଣା, ସଦସ୍ୟ ପବିତ୍ର ମୋହନ ରଣା, ଲକ୍ଷ୍ମୀଧର ବେହେରା, ରଜତ କୁମାର ସାହୁ, ଈଶ୍ୱର ଚନ୍ଦ୍ର ସାହୁ, ବାବୁଲାଲ ସାହୁ, ବିଜୟ କୁମାର ପ୍ରଧାନ, ସୁବଳ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ପରଜଙ୍ଗ ବ୍ଲକରେ ନବମ ସାଧାରଣ ବୈଠକ

ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ନବମ ସାଧାରଣ ପଞ୍ଚାୟତ ସମିତି ବୈଠକ, ସମିତି କାର୍ଯ୍ୟାଳୟରେ ଥିବା ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦାନ କରିଥିଲେ । ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ବୈଠକରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜସ୍ୱିନୀ ରାଉତ , ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଯୋଗଦାନ କରିଥିଲେ । ଏତଦ୍ ଭିନ୍ନ ବ୍ଲକର ୨୯ଟି ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମତ୍ସ୍ୟ ବିଦ୍ୟୁତ, ପଶୁଚିକିତ୍ସା ବିଭାଗର କର୍ମଚାରୀ ମାନେ ଏହି ବୈଠକରେ ଯୋଗଦାନ କରିଥିଲେ । ଗୋଷ୍ଠି ଉନ୍ନୟନ ଅଧିକାରି ସୌଭାଗ୍ୟ ବେହେରା ମଞ୍ଚ ପରିଚାଳନା କରିଥିଲେ । ଅଷ୍ଟମ ସମିତି ବୈଠକ ଠାରୁ ନବମ ସମିତି ବୈଠକ ବ୍ୟବଧାନ ୬ ମାସ ଅଟେ । ଏହି ୬ ମାସ ମଧ୍ୟରେ ବ୍ଲକର ୨୯ ଟି ପଞ୍ଚାୟତରେ ବିଭିନ୍ନ ବିଭାଗର ଅନେକ ମନମୁଖି ତୃଟି ବିଖୁଡ଼ି କାର୍ଯ୍ୟ ରହିଅଛି । ବିଭାଗୀୟ କର୍ମଚାରୀମାନେ କେତେକ ସ୍ଥାନରେ ମନ ମୁଖି କାର୍ଯ୍ୟ କରିବା ସହ ନିଜ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଗରିବ ଜନଧାରଣ ଅସୁବିଧା ଭୋଗି ପଞ୍ଚାୟତର ସରପଞ୍ଚଓ ସମିତି ସଭ୍ୟ ମାନଙ୍କୁ ଅଭିଯୋଗ କରିଥିଲେ । ସେହି ବିଷୟ ଗୁଡିକ ଏହି ବୈଠକରେ ଆଲୋଚନା କରାଯିବା ସହ ବିଭାଗୀୟ କର୍ମଚାରୀଙ୍କୁ ପ୍ରଶ୍ନ କରାଯାଇଥିଲା । ଏହାର ସମାଧାନ ତୁରନ୍ତ କରାଯିବ ବୋଲି ବିଭିନ୍ନ ଅଭିଯୋଗର କର୍ମଚାରୀ ମାନେ ବୈଠକରେ ପ୍ରକାଶ କରିଥିଲେ ଏବଂ ଭବିଷ୍ୟତରେ ଏଭଳି ଭୁଲ୍ ହେବ ନାହିଁ ବୋଲି କହିଥିଲେ । ଶେଷରେ ଗ୍ରାମ ପଞ୍ଚାୟତ ଅଫିସର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ବୈଠକ ସାଙ୍ଗ କରିଥିଲେ ।

# ଡିଏଭି ପବ୍ଲିକ ସ୍କୁଲରେ ୩୧ତମ ପ୍ରତିଷ୍ଠା ଦିବସ




ତାଳଚେର, (ସବ୍ୟୁ) : ଡ଼ିଏଭି ପବ୍ଲିକ ସ୍କୁଲ କଳିଙ୍ଗକ୍ଷେତ୍ରର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ବୈଦିକ ହୋମଯଜ୍ଞର ଆୟୋଜନ କରାଯାଇଥିଲା । ଉତ୍ସବର ମୁଖ୍ୟଅତିଥି ପଦ୍ମଶ୍ରୀ ଡ଼ଃ ଅଦୈତ୍ୟ ଚରଣ ଗଡ଼ନାୟକ ବିଶିଷ୍ଟ ଅତିଥିରୂପେ ପ୍ରତିଭା ମହିଳାମଣ୍ଡଳର ସଭାପତି ଅସ୍ମିତା ଯୋଶୀ ଯୋଗଦାନ କରିଥିଲେ । ବିଦ୍ୟାଳୟର ପୂର୍ବତନ ଛାତ୍ରୀ ୨୦୨୫ ମସିହାରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁଶ୍ରୀ ଏସ ମିନାକ୍ଷ ଅତିଥିରୂପେ ଯୋଗଦାନ କରିଥିଲେ । ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନୀତ କରାଯାଇଥିଲା । ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ସିବିଏସଇରେ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା ।

୨୦୨୫-୨୬ ଶିକ୍ଷାବର୍ଷର ୧୦ମର ୬୦ଜଣ ଏବଂ ଦ୍ୱାଦଶ ଶ୍ରେଣୀର ୧୯ଜଣଙ୍କୁ ସମ୍ମାନୀତ କରାଯାଇଥିଲା । ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଏବଂ ଉନ୍ନତିରେ ସନ୍ତୋଷ ପ୍ରକାଶ କରି ସେମାନଙ୍କର ଉତରଉତର କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମସିଏଲର ଅଧିକାରୀ ଗଣ ଏବଂ ବିଭିନ୍ନ ଶ୍ରମିକସଂଗଠନର ନେତୃବର୍ଗ ଯୋଗଦାନ କରିଥିଲେ ।

ବିଦ୍ୟାଳୟର ଅଧ୍ୟକ୍ଷ ତଥା ଡ଼ିଏଭି ଜୋନ ବି ର ସହକାରୀ ଆଂଚଳିକ ଅଧିକାରୀ ପ୍ରଶାନ୍ତ ପଣ୍ଡା ତାଙ୍କ ମତାମତରେ ଉଲ୍ଲେଖନୀୟ ସଫଳତା ଲାଗ କରିଥିବା ଛାତ୍ରଛାତ୍ରୀଙ୍କ ସଫଳ କାମନା କରିଥିଲେ । ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଶଣ କରାଯାଇଥିଲା । ସର୍ବଶେଷରେ ଶିକ୍ଷୟତ୍ରୀ ଇତିଶ୍ରୀ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଜ୍ଞାନସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ

# ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ପୁରୁଣା ବହିରେ ଶିକ୍ଷାଦାନ ଦାବି

ଅନୁଗୋଳ, (ସବ୍ୟୁ) : ବିଜ୍ଞାନସମ୍ମତ ଓ ଯୁକ୍ତିସଙ୍ଗତ ଏବଂ ମୌଳିକ ଧାରଣାଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନହେବା ଯାଏଁ ଗତବର୍ଷ ବହିରେ ଶିକ୍ଷାଦାନ କରିବା, ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଂପୂର୍ଣ୍ଣ ବାତିଲ କରିବା, ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସଂପୃକ୍ତ ଥିବା ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା, ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ନୂତନ ବହି ମୁଦ୍ରଣ କରିବା ଆଦି ଦାବିରେ ଏଆଇଡିଏସଓ ଅନୁଗୋଳ ଆଞ୍ଚଳିକ କମିଟି ଉଦ୍ୟୋଗରେ ଗୋପବନ୍ଧୁ ପାର୍କ ଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ବିଭିନ୍ନ ସ୍ଲୋଗାନମାନ ଦେଇ ଅନୁଗୋଳ ଗୋଷ୍ଠି ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଏଆଇଡିଏସଓ ଜିଲ୍ଲା ଉପସଭାପତି ସରୋଜିନୀ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ ପ୍ରମୁଖ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଛନ୍ତି ଯେ, ଜାତୀୟ ଶିକ୍ଷାନୀତି (ଏନଇପି) ୨୦୨୦ ଆଧାରରେ ରାଜ୍ୟ ବିଜେପି ସରକାର ଚଳିତ ବର୍ଷ ବ୍ୟାପକ ପ୍ରସ୍ତୁତି ନନେଇ ତରବରିଆ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ନୂତନ ପାଠ୍ୟପୁସ୍ତକ ଛାପିଛନ୍ତି, ତାହା ଭୁଲରେ ଭର୍ତ୍ତି ।




ବର୍ତ୍ତମାନ ସୁଦ୍ଧା ୨୬୦୦ ରୁ ଅଧିକ ତଥ୍ୟଗତ ଓ ବନାନଗତ ତ୍ରୁଟି ଧରାପଡ଼ି ସାରିଥିବା ବେଳେ ଏହି ନିରୀକ୍ଷଣ ପ୍ରକ୍ରିୟା ଜାରି ରହିଛି । ଆଗକୁ ଆହୁରି ହଜାର ହଜାର ଭୁଲ ବାହାରିବାର ସମ୍ଭାବନା ରହିଛି । ତ୍ରୁଟିକୁ ସୁଧାରିବା ପାଇଁ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ "ସଂଶୋଧନ ଦଲିଲ' ପ୍ରସ୍ତୁତ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ସଂଶୋଧନ ଦଲିଲରେ ମଧ ବ୍ୟାପକ ତ୍ରୁଟି ରହିଛି । ସଂଶୋଧନ ଦଲିଲରେ ଯେତିକି ଭୁଲ୍ ଦର୍ଶାଯାଇଛି ତା' ଠାରୁ ବହୁ ଅଧିକ ଭୁଲ୍ ସାମ୍ନାକୁ ଆସୁଛି । ଯେଉଁ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ ।

ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ ବିକୃତ ଶିକ୍ଷା ପାଇବେ । ଯଦ୍ୱାରା ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ ତାହା ନୁହେଁ ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ ଶୀକାର ହେବେ । ଏହା ଦ୍ୱାରା ବିଜ୍ଞାନ ସମ୍ମତ ଶିକ୍ଷା ବାଧାପ୍ରାପ୍ତ ହେବ । ବର୍ତ୍ତମାନ ଜୁଲାଇ ମାସ ଶେଷ ହେବାକୁ ଯାଉଛି, ଏପ୍ରିଲ ମାସରୁ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଛି ।

ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଯୋଗୁଁ ବିଦ୍ୟାଳୟ ଗୁଡ଼ିକରେ ଏପର୍ଯ୍ୟନ୍ତ ପଢା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ତେଣୁ ବିଜ୍ଞାନସମ୍ମତ ଓ ଯୁକ୍ତିଭିତ୍ତିକ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇ ବଣ୍ଟନ ନହେବା ପର୍ଯ୍ୟନ୍ତ ଗତବର୍ଷ ବହିରେ ଶିକ୍ଷାଦାନ କରିବା ପାଇଁ ଏ.ଆଇ.ଡି.ଏସ.ଓ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଗୋଷ୍ଠି ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଅବିଳମ୍ବେ ଏହି ସମସ୍ୟାର ସମାଧାନ ଯଦି ସରକାର ନକରନ୍ତି ତେବେ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ଆନ୍ଦୋଳନ ହେବ ବୋଲି ବକ୍ତାମାନେ ଚେତାବନୀ ଦେଇଛନ୍ତି ।

### ଭ୍ରୁଣ ଲିଙ୍ଗ ନିର୍ଣ୍ଣୟ ଅଭିଯୋଗରେ ୬ ଜଣିଆ ଟିମ୍‌ର ଯାଞ୍ଚ

# ନର୍ସିଂହୋମ ମାଲିକ ଓ ସହଯୋଗୀ ଗିରଫ

ସୋର, (ସବ୍ୟୁ) : ଗତକାଲି ସୋରର ମହାପାତ୍ର ହେଲ୍‌ଥ କେୟାର ଓ ନର୍ସିଂହୋମରେ ଭ୍ରୁଣ ଲିଙ୍ଗ ନିରୂପଣ ଅଭିଯୋଗରେ ବାଲେଶ୍ୱର ଜିଲ୍ଲାପାଳ ତଦନ୍ତ ଓ କାଗଜପତ୍ର ଜବତ କରିବା ସହିତ ଏହାକୁ ସିଲ କରିଥିବା ବେଳେ ଏହାର ମାଲିକ ଏବଂ ସହଯୋଗୀଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଆଜି ଏହି ୬ ଜଣିଆ ରାଜ୍ୟ ସ୍ୱାସ୍ଥ୍ୟ ତଦନ୍ତ ଟିମ୍ ସୋରରେ ପହଞ୍ଚି ସଂପୃକ୍ତ ନର୍ସିଂହୋମ ଏବଂ ହେଲଥ କେୟାରର ସମସ୍ତ କାଗଜପତ୍ର ଏବଂ ଯନ୍ତ୍ରପାତି ଯାଞ୍ଚ କରିଥିବା ବେଳେ ଡ଼.ଗିରିଜାଶଙ୍କର ଦାସଙ୍କ ଅଭିଯୋଗ ମୂଳେ ସୋର ପୁଲିସ ଏକ ମକଦ୍ଦମା ରୁଜୁ କରି ଏହାର ମାଲିକ ସତ୍ୟ ରଂଜନ ମହାପାତ୍ର ଏବଂ ସହଯୋଗୀ ବାସୁଦେବ ଦାସଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପ୍ରକାଶ ଥାଉକି ଏହି ନର୍ସିଂହୋମରେ ଗତ କିଛିଦିନ ଧରି ଉଲ୍‌ଟ୍ରାସାଉଣ୍ଡ ସୋନୋଗ୍ରାଫିକ୍ ମାଧ୍ୟମରେ ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ କରିବା ପରେ କନ୍ୟା ଭ୍ରୁଣ ଥିଲେ ଗର୍ଭପାତ କରାଇ ପ୍ରଚୁର ଅର୍ଥ ନେଉଥିବା ସଂପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ସହିତ ଏକ ଟିମ୍ ସୋର ତହସିଲଦାର ବୃନ୍ଦାମୋହନ ସିଂହ, ବାହାନଗା ତହସିଲଦାର ଅସିତ ଭୂୟାଁ, ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ କାଶୀନାଥ ପଣ୍ଡା ମିଳିତ ଭାବେ ତଦନ୍ତ କରିଥିଲେ। ଏହି ସମୟରେ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ ହେବା ସହିତ, କାଗଜପତ୍ର ଓ କର୍ମଚାରୀ ମାନଙ୍କ ଶିକ୍ଷାଗତ ଯୋଗ୍ୟତା ବାବଦରେ ଯାଞ୍ଚ କରାଯାଇଥିଲା। ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇ ବଡ଼ଖୁଣ୍ଟା ଛକରେ ଥିବା ମହାପାତ୍ର ହେଲଥକେୟାର ଓ ଉଭରେଣ୍ଟ ବସନ୍ତ ଷଣ୍ଡ ନିକଟରେ ଥିବା ମହାପାତ୍ର ନର୍ସିଂ ହୋମକୁ ସିଲ କରାଯାଇ ଏହାର ମାଲିକ ଶ୍ରୀ ମହାପାତ୍ର ଓ କର୍ମଚାରୀ ମାନଙ୍କୁ ଅଟକ ରଖାଯାଇଥିଲା। ଆଜି ସଂଧ୍ୟାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରୀୟ ଅଧିକାରୀ




କେନ୍ଦୁଝର, (ବିଜ୍ଞ) : କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓଏଡ଼ିଏନ ହଲ ଠାରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଥିଲା । ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାନିଧି ଯୋଜନାର ଉପସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡ଼ . ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି । କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବରେ କେନ୍ଦୁଝର ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ । ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝରର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକକୁ ସାମିଲ କରାଯାଇଥିଲା । ପରବର୍ତ୍ତୀ ସମୟରେ ନୀତି ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଉ ୫ ଟି ବ୍ଲକ ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଫଳରେ ଜିଲ୍ଲାରେ ମୋଟ ଆକାଂକ୍ଷୀ ବ୍ଲକ ସଂଖ୍ୟା ୭ କୁ ବୃଦ୍ଧି ପାଇଛି । ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା 'ସମ୍ପୂର୍ଣ୍ଣତା ଅଭିଯାନ ୧.୦' ଅନ୍ତର୍ଗତ ୬ ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ ୩ ଟି ରେ ଏବଂ ବାଂଶପାଳ ବ୍ଲକ ୨ ଟି ରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି । 'ସମ୍ପୂର୍ଣ୍ଣତା ଅଭିଯାନ ୨.୦' ଦ୍ୱିତୀୟ:୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ ଟି ବ୍ଲକ ରେ ଶୁଭାରମ୍ଭ କରାଯାଇଥିଲା । ସେହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିଥିଲା । ଯେଉଁଥିରେ ଶିଶୁଙ୍କ ପୁଷ୍ଟିକର ଖାଦ୍ୟ, ଅଙ୍ଗନବାଡ଼ି କେନ୍ଦ୍ର ରେ ପାନୀୟ ଜଳ ଓ ଶୌଚାଳୟ ସୁବିଧା, ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ ଗୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଶିକ୍ଷା ସ୍ୱାସ୍ଥ୍ୟ ମୌଳିକ ଭିତ୍ତିଭୂମିର ସୁଧାର ପାଇଁ ଏହି କାର୍ଯ୍ୟକ୍ରମ ବେଶ ସହାୟକ ହେଉଛି । ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକ୍‌ମାନଙ୍କ ମଧ୍ୟରେ ଜିଲ୍ଲାର ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି । ଏହା ଦ୍ୱାରା ଏହି ଅଂଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି । ପରେ ପରେ କେନ୍ଦୁଝର ଆକାଂକ୍ଷୀ ବ୍ଲକ ର ବିଭିନ୍ନ ପ୍ରକଳ୍ପ ଓ ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗରତ୍ନଶ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ରଜେନ୍ଦ୍ର କୁମାର ଦେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ୭ ଗୋଟି ବ୍ଲକ ର ବିଡ଼ିଓ ଓ ଅନ୍ୟ ବ୍ଲକ ଅଧିକାରୀ ମାନଙ୍କ ସମେତ ଯୋଗ ଦେଇଥିଲେ ।

## ଖଇରା ବ୍ଲକ୍‌ରେ ଉତ୍କଟ ହେଉଛି ଶିକ୍ଷକ ସମସ୍ୟା

# ଦୁଇଶହ ସ୍କୁଲରେ ଛାତ୍ର ଅନୁପାତରେ ନାହାଁନ୍ତି ଶିକ୍ଷକ



ଖଇରା, (ସବ୍ୟୁ) : ଶିକ୍ଷାବର୍ଷ ଆରମ୍ଭକୁ ୨୦ଦିନ ବିତିଗଲାଣି । ହେଲେ ଏବେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ଶିକ୍ଷକ ସମସ୍ୟା ଜଟିଳ ହେବାରେ ଲାଗିଛି । ପାଖାପାଖି ୨୦୦ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ନଥିବା ବେଳେ ୧୧ ସରକାରୀ ଓ ୧୪ ଅନୁଦାନ ପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଚାଲିଛି । ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାର କରୁଣଚିତ୍ରକୁ ପ୍ରତିଫଳିତ କରୁଛି । ସରକାର ସୁରକ୍ଷାଜନିତ ଭିତ୍ତିରେ ଶିକ୍ଷକ ନିଯୁକ୍ତି ପାଇଁ ବ୍ୟବସ୍ଥା ନକଲେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ବିଭିନ୍ନ ବିଦ୍ୟାଳୟର ପରିଚାଳନା କମିଟି ତଥା ଅଭିଭାବକ ମାନେ ପ୍ରକାଶ କରିଛନ୍ତି । ଖଇରା ବ୍ଲକରେ ମୋଟ ୨୫୮ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ପାଖାପାଖି ୨୫୬ ବିଦ୍ୟାଳୟରେ ପିଲା ଅନୁପାତରେ ଶିକ୍ଷକ ଯଥେଷ୍ଟ କମ୍ ଥିବାବେଳେ ୧୧ ସରକାରୀ ବିଦ୍ୟାଳୟ ଜଣେ ଲେଖାଏଁ ଶିକ୍ଷକଙ୍କୁ ନେଇ ଚାଲିଛି । ଏହି ବିଦ୍ୟାଳୟ ଗୁଡିକ ହେଲା କଡମିଆଁ, ଗଡ, ରୁଢିଙ୍ଗିଆ, ମାଟିଆଳପଦା, ପାଇକାଳପୁର, ମଙ୍ଗଳପଡା, ରାଣୀଗଡିଆ, କଣ୍ଟାବଣିଆ, ସୋଜାଗଡ ଓ ନୟାଖଣ୍ଡି ପ୍ରାଥମିକ ବିଦ୍ୟାଳୟ ଏବଂ ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଉପରୋକ୍ତ ୧୧ ବିଦ୍ୟାଳୟରେ ପଢୁଥିବା ମୋଟ ୫୧୨ଜଣ ପିଲାଙ୍କ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କୁ ଟିସି ନେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଲେଣି ଏଣୁ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ସରକାରଙ୍କ ଏହା ଏକ ଷଡଯନ୍ତ୍ର ବୋଲି ବହୁ ଅଭିଭାବକ ଅଭିଯୋଗ କରିଛନ୍ତି । ଘଟଣାକ୍ରମେ ଉଦୟପୁର ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ନହେଲେ ଅଭିଭାବକ ମାନେ ଆନ୍ଦୋଳନରେ ବସିବାକୁ ଗ୍ରାମବାସୀଙ୍କ ତରଫରୁ ଲିଖିତ ଭାବେ ଚେତାବନୀ ଦିଆଯାଇଛି । ସରକାରୀ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଅଭାବ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ନେଇ ଖଇରା ଏବିଇଓ ଲକ୍ଷ୍ମୀଧର ସିଂ ପ୍ରତିକ୍ରିୟାରେ କହିଛନ୍ତି । ସେହିଭଳି ଖଇରା ବ୍ଲକରେ ମୋଟ ୧୧ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମଧ୍ୟରୁ ୧୪ବିଦ୍ୟାଳୟରେ ଶିକ୍ଷୟତ୍ରୀଶିକ୍ଷକଙ୍କ ଅବସର ପରେ ଏବେ ଜଣେ ଲେଖାଏଁ ଶିକ୍ଷକଶିକ୍ଷୟତ୍ରୀଙ୍କୁ ନେଇ ବିଦ୍ୟାଳୟ ଚାଲିଛି । ବାରମ୍ବାର ଦାବି ପରେ ସରକାରଙ୍କ ତରଫରୁ କୌଣସି ନିଯୁକ୍ତି ପ୍ରଦାନ କରାଯାଉନଥିବାରୁ ବର୍ଷକୁ ବର୍ଷ ପିଲା କମୁଥିବା ନେଇ ଅଭିଯୋଗ କରାଯାଉଛି । ଏ ସମ୍ପର୍କରେ ଏବିଇଓଙ୍କୁ ପଚାରିବାରେ ଅନୁଦାନପ୍ରାପ୍ତ ସ୍କୁଲ ଗୁଡିକରେ ଶିକ୍ଷକ ନିଯୁକ୍ତି ପାଇଁ ସରକାରୀସ୍ତରରେ ଗାଇଡଲାଇନ ଆସିବା ପରେ ଏଗୁଡିକ ପୂରଣ ହୋଇ ପାରିବ ବୋଲି କହିଛନ୍ତି ।

## କଣ୍ଡିଆରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ

ଅସୁରାଳ, (ସବ୍ୟୁ) : ଶୁକ୍ରବାର କଣ୍ଡିଆ ନଦୀରେ ବୁଡ଼ିଯାଇ ଧାମନଗର ବ୍ଲକ ଭଟ୍ଟାସାହି ପଞ୍ଚାୟତସ୍ଥିତ ବାମଦେବପୁର ଗ୍ରାମର ଶିଶୁ ରୋହନ କୁମାର ପଣ୍ଡା(୫)ଙ୍କର ମୃତ୍ୟୁ ଘଟିଛି।ଆଜି ସକାଳ ସମୟରେ ବାମଦେବପୁରର ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଶିଶୁପୁତ୍ର ରୋହନ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଜାଣତରେ ନଦୀ ନିକଟକୁ ଚାଲି ଯାଇଥିଲା।ଅସାବଧାନତା କାରଣରୁ ପିଲାଟି ନଦୀରେ ବୁଡ଼ି ଯାଇଥିଲା।ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ କଣ୍ଡିଆ ନଦୀରୁ ତାକୁ ଉଦ୍ଧାର କରାଯାଇଥିଲା।ତୁରନ୍ତ ତାକୁ ଧୁସୁରୀ ଏଠାରେ ଡାକ୍ତର ରୋହନଙ୍କୁ ମୃତ ଘୋଷଣା କରିଥିଲେ। ଧୁସୁରୀ ଥାନା ଅଧିକାରୀ ଅଭୟ ସୁଦର୍ଶନ ବାରେଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ମୃତ ଶିଶୁ ପୁତ୍ରର ଶବ ଜବତ କରିବା ସହ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।ଏନେଇ ଅପମୃତ୍ୟୁ ମାମଲା ସଂଖ୍ୟା–୧୫/୨୬ରୁଜୁ କରାଯାଇଛି।ଏହି ଦୁଃଖଦ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୋକ ପ୍ରକାଶ କରିଛନ୍ତି।ବିଜେଡ଼ି ନେତା ଡାକ୍ତର ସଞ୍ଜୟ ଦାସ,ପ୍ରାକ୍ତନ ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ମୃତ ଶିଶୁର ଘରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ବାଳିକା ହାଇସ୍କୁଲ ନୂତନ ପରିଚାଳନା କମିଟି ଗଠନ

ଆଗରପଡ଼ା, (ସବ୍ୟୁ) : ରାଜ୍ୟ ବିଜେପି ସରକାର ପ୍ରଥମ ଥର ପାଇଁ ନୂତନ ସ୍କୁଲ ପରିଚାଳନା କମିଟି ବା ଏସଏମସି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସରକାରୀ ନିର୍ଦ୍ଦେଶ ଓ ସମସ୍ତ ଗାଇଡଲାଇନ ଅନୁସାରେ ଶୁକ୍ରବାର ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ ନିର୍ବାହ କରୁଥିବା ଚିତ୍ତରଂଜନ ମହାନ୍ତି,ବରିଷ୍ଠ ଶିକ୍ଷକ ଅଜିତ ରାଉଳ,ଅଧ୍ୟାପକ ବ୍ରଜ ମୋହନ ପତିଙ୍କ ସମେତ ୨୧୦ ଜଣ ଅଭିଭାବକ ଓ ଅଭିଭାବିକାଙ୍କ ଉପସ୍ଥିତରେ ସର୍ବସମ୍ମତି କ୍ରମେ ୧୫ ଜଣିଆ କମିଟି ଗଠନ କରାଯାଇଥିଲା । ମନମୋହନ ରାଉତ,ଅଶୋକ ସିଂହ,ବର୍ଷାରାଣୀ ମଲ୍ଲିକ,ସସ୍ମିତା ନାଥ ପ୍ରମୁଖ ସଭ୍ୟ,ସଭ୍ୟା ଭାବେ ମନୋନୀତ ହୋଇଥିଲେ । କମିଟିର ମନୋନୀତ ନୂତନ ସଭ୍ୟ,ସଭ୍ୟାମାନଙ୍କୁ ସ୍କୁଲ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

## ବିନା ଟେଣ୍ଡରରେ ଭିତ୍ତିପ୍ରସ୍ତର ସ୍ଥାପନକୁ ବିରୋଧ

ଭଦ୍ରକ, (ସବ୍ୟୁ) : ଟେଣ୍ଡରରେ ଭିତ୍ତିପ୍ରସ୍ତର ସ୍ଥାପନକୁ ବିରୋଧ । ବର୍ଜନ କଲେ ପୌରାଧକ୍ଷା ଓ କାଉନସିଲର । ଶୁଭ ଭିତ୍ତପ୍ରସ୍ତର ସ୍ଥାପନ ପୂର୍ବରୁ ପୁଣି ଭଦ୍ରକ ପୌରପାଳିକାରେ ଦେଖିବାକୁ ମିଳିଛି ବିବାଦ । ହେବାକୁ ଥିବା ୬ଟି ପ୍ରକଳ୍ପରୁ ୫ଟି ପ୍ରକଳ୍ପର ଟେଣ୍ଡର ହୋଇନଥିବା ଅଭିଯୋଗ ଆଣିଲେ କେତେକ କାଉନସିଲର । ଏମିତି କି ପୌରାଧକ୍ଷାଙ୍କ ଅନୁପସ୍ଥିତିରେ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନକୁ ବର୍ଜନ କଲେ ପୌରାଧକ୍ଷା ଓ କାଉନ୍ସିଲର୍ । ସୂଚନା ଅନୁଯାୟୀ ଭଦ୍ରକ ପୌରପାଳିକା ଅଧିନରେ ୧୦ ତାରିଖ ଦିନ ୬ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ପାଇଁ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭଦ୍ରକର ଉପଜିଲ୍ଲାପାଳ ପୌରପାଳିକାର ପୌରାଧକ୍ଷାଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ । କିନ୍ତୁ ଚିଠି ପାଇବା ପରେ ଭଦ୍ରକ ପୌରପାଳିକାର ପୌରାଧକ୍ଷା ଗୁଲମକ୍କି ହବିବ ଭଦ୍ରକ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି ଯେ ହେଉଥିବା ୬ଟି ପ୍ରକଳ୍ପରୁ ୫ଟିର ଟେଣ୍ଡର ହୋଇନାହିଁ ଏବଂ ଏହି ବିଷୟରେ କୌଣସି ସ୍ତରରେ କିଛି ବି ଆଲୋଚନା ହୋଇନାହିଁ । ତେବେ କେଉଁ ପରିସ୍ଥିତିରେ ଏ ଭିତ୍ତିପ୍ରସ୍ତରର ଶୁଭ ଉଦଘାଟନ ହେବ ଏବଂ ବ୍ୟକ୍ତିଗତ କାରଣ ପାଇଁ ସେହି ଦିନ ସେ ଅନୁପସ୍ଥିତ ରହୁଥିବାରୁ ଅନ୍ୟ କୌଣସି ତାରିଖ ଧାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ କୌଣସି ଉତ୍ତର ନମିଳିବା ପରେ ଭଦ୍ରକ ପୌରପାଳିକାର କାଉନସିଲରମାନେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମକୁ ଖୁଲମଖୁଲା ବିରୋଧ କରିଛନ୍ତି ଏବଂ କହିଛନ୍ତି ଯେ ପ୍ରକଳ୍ପକୁ ଆମେ ବିରୋଧ କରୁନାହୁଁ । ଏଥିସହ ଜିଲ୍ଲାରେ ହେଉଥିବା ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟକୁ ମଧ୍ୟ ବିରୋଧ କରୁନାହୁଁ କିନ୍ତୁ ଯେପରି ସଭା ପରିଚାଳନା ହେବା କଥା ସେପରି କରାଯାଉ । ସାଂସଦ ଏବଂ ବିଧାୟକ କାର୍ଯ୍ୟକ୍ରମକୁ ଅଣାଯାଇ ବିଧି ବ୍ୟବସ୍ଥା ଅନୁଯାଇ କାର୍ଯ୍ୟକ୍ରମ କରାଯାଉ ବୋଲି କାଉନ୍ସିଲର୍ ଖଗେଶ୍ୱର ବେହେରା ଓ କାଉନସିଲଙ୍କ ପ୍ରତିନିଧି ପଙ୍କଜ ବଳ ସାମ୍ବାଦିକଙ୍କ ଆଗରେ କହିଛନ୍ତି ।

## ଗଛକୁ ଧକ୍କା ଦେଇ ଓଲଟିଲା ପରିବା ବୋଝେଇ ପିକ୍‌ଅପ୍

ଠାକୁରମୁଣ୍ଡା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜୋଡାମ୍ବଘାଟି ତଳେ ଏକ ପିକଅପ ଶୁଖିଲା ଶାଳଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା ବେଳେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ଡ୍ରାଇଭର ଇଶର ଚନ୍ଦ୍ର ସାହୁ। ଘଟଣାରୁ ପ୍ରକାଶ ଆନନ୍ଦପୁର ଥାନା ପଦ୍ମପୁର ଗ୍ରାମରୁ ପରିବା ବୋଝେଇ କରି ପିକଅପ ନଂ ଓଡି ୦୯ଇ୮୩୪୫ କରଞ୍ଜିଆ ଅଭିମୁଖେ ଯାଉଥିବା ବେଳେ ଶୁକ୍ରବାର ସକାଳ ୬.୩୦ ମିନିଟ ସମୟରେ ଯୋଡାମ୍ବ ଘାଟିତଳେ ବାମପଟ ପଛଚକା ଫାଟିଯିବାରୁ ଭାରସାମ୍ୟ ହରାଇ ଏକ ଶୁଖିଲା ଶାଳଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ଖବର ପାଇ ଠାକୁରମୁଣ୍ଡା ପୋଲିସ ଘଟଣାସ୍ଥଳରୁ ଏକ ଜେସିପି ସହାୟତାରେ ଗାଡ଼ିକୁ ଉଠାଇ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛନ୍ତି। ଗାଡ଼ିରେ ଥିବା ବିଲାତି ଓ ଅନ୍ୟାନ୍ୟ ପରିବା ସବୁ ବିଛାଡି ହୋଇ ପଡିଥିବାରୁ ଅନେକ ପରିବା ସ୍ଥାନୀୟ ଲୋକ ସଂଗ୍ରହ କରିଥିବା ଦେଖିବାକୁ ମିଳିଛି ।

## ରଥଯାତ୍ରା ନିମନ୍ତେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ବାଲେଶ୍ୱର/ନୀଳଗିରି, (ସବ୍ୟୁ) : ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପବିତ୍ର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ତଥା ଦଣ୍ଡାଧିକାରୀ ସୂର୍ଯ୍ୟ ବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଥିବା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର,ସାଂସଦ ଙ୍କ ପ୍ରତିନିଧି ବସନ୍ତ ରାଉଳ,ଉପ–ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଅତିରିକ୍ତ ଆରକ୍ଷୀ ଅଧିକ୍ଷ ଦିବ୍ୟ ଜେୟାତି ଦାଶ,ଏନ୍ଏସି ନିର୍ବାହୀ ଅଧକାରୀ ଅଂଶୁମାନ ପରିଡ଼ା, ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଏନ୍ଏସି.କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେନ୍ଦ୍ର ନାଥ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ।ଏହି ବୈଠକରେ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟ/ସଦସ୍ୟ ମାନଙ୍କୁ ଉଭୟ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଆନୁଷ୍ଠାନିକ ଭାବେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ପରେ ଏହି ପବିତ୍ର ଘୋଷ ଯାତ୍ରାକୁ ଶାନ୍ତି, ଶୃଙ୍ଖଳା ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଅଧକ୍ଷ ଶ୍ରୀମତୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା/ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଓ ପରିମାର୍ଜନ କ୍ରମେ ବହୁବିଧ ନିଷ୍ପତି ମାନ ଗ୍ରହଣ କରାଯାଇଥିଲା। ପବିତ୍ର ଘୋଷ ଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତଙ୍କ ସୁରକ୍ଷା ଓ ସେବାକୁ ସୁନିଶ୍ଚିତ କରିବା ପାଇଁ ପ୍ରଶାସନ,ପୋଲିସ ପ୍ରଶାସନ ଓ ପୌର ପରିଷଦଙ୍କ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସୂର୍ଯ୍ୟ ବଂଶୀ ମୟୂର ବିକାଶ ପରାମର୍ଶ ଦେଇଥିଲେ।ଏହି ମହାପ୍ରଭୁଙ୍କ ମହାନ ପବିତ୍ର ଘୋଷ ଯାତ୍ରା ପାଇଁ ଦ୍ୱିତୀୟ ତଥା ଚୂଡ଼ାନ୍ତ ବୈଠକରେ ନୀଳଗିରି ସହରର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ,ସମାଜସେବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା,ଆଇନଜୀବୀ,ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ସମେତ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବୈଠକର ସଫଳତା ନିମନ୍ତେ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନ ଓ ଲୋକସଂପର୍କ ଅଧିକାରୀ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ଜିଲ୍ଲାକୁ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ : ମନ୍ତ୍ରୀ

ବାଲେଶ୍ୱର, (ସବ୍ୟୁ) : ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂଯ୍ୟବଂଶୀ ସୁରଜ ବାଲେଶ୍ୱର ଜିଲ୍ଲା ପରିଦର୍ଶନରେ ଆସି କଲେକ୍ଟରେଟ୍ ସଭାଗୃହରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ବିଶେଷକରି କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି କ୍ଷେତ୍ରର ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ।ଏହି ସମୀକ୍ଷା ବୈଠକରେ ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ, ଓଡିଶ କାଳୀ ପ୍ରସନ୍ନ ମହାପାତ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଆଞ୍ଚଳିକ ନିର୍ଦ୍ଦେଶକ, ଶିକ୍ଷା ବିଭାଗ ହେମନ୍ତ କୁମାର ଘୋଡେଇ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ପ୍ରମୁଖ ମଂଚାସୀନ ଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ କଲେଜର ଭିତ୍ତିଭୂମି ସୁଦୃଢ଼ୀକରଣ, ନୂତନ ଏକାଡେମିକ୍ ସୁବିଧା, କ୍ରୀଡ଼ା ଷ୍ଟାଡିୟମ୍, ଖେଳ ପଡ଼ିଆ, ଇନଡୋର ହଲ୍ ଓ ଯୁବ ବିକାଶ ସମ୍ବନ୍ଧୀୟ ପ୍ରକଳ୍ପ ସହ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ସଂସ୍କୃତି ଭିତ୍ତିଭୂମିର ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମନ୍ତ୍ରୀ ଶ୍ରୀ ସୁରଜ ସମସ୍ତ ପ୍ରକଳ୍ପକୁ ଗୁଣାତ୍ମକ ମାନ ବଜାୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ସହ ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ ଜନସାଧାରଣଙ୍କୁ ଶୀଘ୍ର ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ବାଲେଶ୍ୱର ଜିଲ୍ଲାକୁ କ୍ରୀଡ଼ା, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ମନ୍ତ୍ରୀ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଲୋକମାନଙ୍କ ଆଶା ଅନୁରୂପ ଫଳପ୍ରଦ କାର୍ଯ୍ୟ ସୁନିଶ୍ଚିତ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ପ୍ରଶାସର ଅନେକ ଅଧିକାରୀ ମାନଙ୍କ ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କଲେଜର ପ୍ରିନ୍ସିପାଲ ମାନେ ଯୋଗ ଦେଇଥିଲେ।

## ଶିମିଳିପାଳ ସୁରକ୍ଷା ଓ ଦାଦନ ହଟିବା ଦାବିରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା

ଠାକୁରମୁଣ୍ଡା, (ସବ୍ୟୁ) : ଭଞ୍ଜସେନା ପକ୍ଷରୁ ଠାକୁରମୁଣ୍ଡାରେ ସଚେତନତାମୂଳକ ଏକ ମଶାଲ ଶୋଭାଯାତ୍ରା ୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଏହାରୁ ଲକ୍ଷ୍ୟ । ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲା ବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ ଦାଦନ ହଟିବ ମୟୂରଭଞ୍ଜ ହସିବ ସ୍ଲୋଗାନ ନେଇ ଚଳିତ ମାସ ଜୁନ ୧୭ ତାରିଖରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ(ସମସ୍ତ ବ୍ଲକ/ମ୍ୟୁନିସିପାଲିଟି /ଏନଏସି) ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂ ସ୍ଥିତ ମା କିଚକେଶ୍ୱରୀ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଛି । ଜୁଲାଇ ମାସ ୯ ତାରିଖ ଗୁରୁବାର ଠାକୁରମୁଣ୍ଡା ବ୍ଲକର ମୁଖ୍ୟ ବଜାରରେ ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମଶାଲ ଶୋଭାଯାତ୍ରାରେ ପାଞ୍ଚପୀଢ଼ ଉପଖଣ୍ଡ ସଭାପତି ଶୁଭଜିତ୍ ଦାସ ଅଧିକାରୀଙ୍କ ନେତୃତ୍ୱ ରେ ରରୁଆଁ ବ୍ଲକ ସଭାପତି ବିଶାଳ କୁମାର ସୁଲତାନିଆ, ଶୁକ୍ରୁଳି ବ୍ଲକ କାର୍ଯ୍ୟକାରୀ ସଭାପତି ଦିବ୍ୟଜ୍ୟୋତି ବେହେରା, ଶୁକ୍ରୁଳି ବ୍ଲକ ସଭାପତି ସୁବାଷ ଚନ୍ଦ୍ର ନାୟକ, ଠାକୁରମୁଣ୍ଡା ବ୍ଲକର ଦୀପକ ପୂର୍ତ୍ତି ଏବଂ କାଳିଆ ମହାନ୍ତ ପ୍ରମୁଖଙ୍କ ସହିତ ସଂଗଠନର ଶତାଧିକ ଯୁବ ଛାତ୍ର ସଂଗଠକ ସାମିଲ ଥିଲେ ବୋଲି ଏକ ସୂଚନା ଦିଆଯାଇଛି ।

# କେନ୍ଦୁଝର ସହରରେ ନିଷିଦ୍ଧ ପଲିଥିନ ଚଢାଉ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝରଗଡ ପୌରପାଳିକା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିତ ଭାବେ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢାଉ କରି ୬୫କିଲୋ ନିଷିଦ୍ଧ ପ୍ଲାଷ୍ଟିକ(ଏସୟୁପି) ସାମଗ୍ରୀ ଏବଂ ୧୨୦ ମାଇକ୍ରୋନ ରୁ କମ କ୍ଷମତା ବିଶିଷ୍ଟ ପ୍ଲାଷ୍ଟିକ ବ୍ୟାଗ ଜବତ କରାଯାଇ ନିୟମ ଉଲ୍ଲଘଂନକାରୀଙ୍କ ଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ବ୍ୟବସାୟୀଙ୍କ ଠାରୁ ପ୍ଲାଷ୍ଟିକ ଜରି, ପ୍ଲାଷ୍ଟିକ କ୍ୟାରି ବ୍ୟାଗ, ଚାମଚ, ଗ୍ଲାସ, କପ, ଥର୍ମୋକୁଲ ପ୍ଲେଟ ଆଦି ଜବତ କରାଯାଇଛି । ଏହି ଚଢାଉରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନ,କେମିଷ୍ଟ ସତ୍ୟ ନାରାୟଣ ଦାଶ,କେନ୍ଦୁଝରଗଡ ପୌରପାଳିକାର ସାନିଟେସନ ଏକ୍ସପୋର୍ଟ ସତିଶ ମହାନ୍ତି, ସ୍ୱାସ୍ଥ୍ୟ କର୍ମୀ ବୈକୁଣ୍ଠ ନାଥ ମହାନ୍ତ,ଜୁନିୟର ଆସିଷ୍ଟାଣ୍ଟ ବିଭୂତି ଭୂଷଣ ମହାରଣା,ଟ୍ୟାକ୍ସ କଲେକ୍ଟର ଉମ୍ଭରୁଧର ପାତ୍ର,ଅନ୍ତର୍ଯ୍ୟାମୀ ମହାରଣା ପ୍ରମୁଖ ଚଢାଉ ରେ ସାମିଲ ଥିଲେ । ବ୍ୟବସାୟୀମାନେ ପୁର୍ନବାର ନିଷିଦ୍ଧ ପଲିଥିନ ଏବଂ ପ୍ଲାଷ୍ଟିକ ବିକ୍ରୀ ଏବଂ ବ୍ୟବହାର କଲେ ଦୋକାନୀମାନଙ୍କର ଟ୍ରେଡ ଲାଇସେନ୍ସ ବାତିଲ କରାଯିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି । ଚଢାଉ ବେଳେ ବହୁ ଦୋକାନୀ କଲିକତାରୁ ଏହି ନିଷିଦ୍ଧ ପ୍ଲାଷ୍ଟିକ ଏବଂ ଥର୍ମୋକୁଲ ସାମଗ୍ରୀ ଆଣୁଥିବା କହିଛନ୍ତି । ଆଗାମୀ ଦିନରେ ପୌରପାଳିକା ପକ୍ଷରୁ ଏକ ସ୍କ୍ୱାର୍ଡ ଗଠନ କରାଯାଇ ଗୁପ୍ତ ସୂଚନା ଆଧାରେ ଗୋଦାମ ଘର,ହୋଲସେଲ ବ୍ୟବସାୟ କରୁଥିବା ସ୍ଥାନରେ ଚଢଉ କରାଯିବ । ପୂର୍ବରୁ ଗତ କିଛି ମାସ ତଳେ ଚଢାଉ କରାଯାଇ ବ୍ୟାପକ ପରିମାଣ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଜବତ ପରେ ମଧ୍ୟ ନିଷିଦ୍ଧ ପଲିଥିନ କାରବାର ପୂର୍ବପରି ଚାଲିଛି । ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବିକ୍ରୀ ଏବଂ ବ୍ୟବହାର ସଂପୂର୍ଣ୍ଣ ନିଷିଦ୍ଧ ଥିଲେ ମଧ୍ୟ ଲୁଚାଛପାରେ ଏହାର କାରବାର ହେଉଛି । ଏହାକୁ ରୋକିବା ପାଇଁ ନିୟମିତ ଚଢାଉ ହେଉଥିଲେ ହେଁ କେତେକ ଅସାଧୁ ବ୍ୟବସାୟୀ ବିକ୍ରୀ କରି ଆସୁଛନ୍ତି । ଏହାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଆଗାମୀ ଦିନରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ମିଳିତ ଭାବେ ନିୟମିତ ଚଢାଉ କରାଯିବ ବୋଲି ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି । ସୂଚନାଯୋଗ୍ୟଯେ, ଗତ ୨ଦିନ ହେବ କେନ୍ଦୁଝର ଜିଲ୍ଲାର ବଡବିଲ,ଯୋଡା,ଆନନ୍ଦପୁର ଏବଂ କେନ୍ଦୁଝରଗଡ ପୌରପାଳିକାରେ ଉଭୟ ବିଭାଗ ମିଳିତ ଭାବେ ଚଢାଉ କରି ୬୭୮ କେଜି ନିଷିଦ୍ଧ ପଲିଥିନ ଜବତ୍ କରିବା ସହ ନିୟମ ଉଲ୍ଲଘଂନକାରୀଙ୍କ ଠାରୁ ୮୨ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

## ସାଙ୍ଗର ଶବକୁ ଦେଖି ଶବ ପାଲଟି ଗଲେ ସାଙ୍ଗ

ନୀଳଗିରି, (ସବ୍ୟୁ) :ସାଙ୍ଗର ଶବକୁ ଦେଖି ଶବ ପାଲଟି ଗଲେ ସାଙ୍ଗ। ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ କେଳାପଦା ଅଞ୍ଚଳର ରେ। ଉକ୍ତ ଗାଁ ର ବୃଦ୍ଧା ହେମାଙ୍ଗିନି ଜେନା ଦୀର୍ଘ ଦିନ ଧରି ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିବା ବେଳେ ଗତକାଲି ମଧ୍ୟାହ୍ନ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପ୍ରଘଟ ହେବା ପରେ ତାଙ୍କ ଘର ପାଖର ପଡୋଶି ତଥା ତାଙ୍କ ପିଲା ଦିନର ସାଙ୍ଗ ବୃଦ୍ଧା ମନ୍ଦୋଦରୀ ଜେନା ହେମାଙ୍ଗିନିଙ୍କ ଶବକୁ ଦେଖି ସେଠାରେ ହଠାତ୍ ଟଳି ପଡ଼ିଥିଲେ। ମନ୍ଦୋଦରୀଙ୍କୁ ପରିବାର ଲୋକେ ପ୍ରଥମେ ନୀଳଗିରି ମେଡିକାଲ ଓ ପରେ ବାଲେଶ୍ୱର ମେଡିକାଲରେ ଭର୍ତ୍ତି କରିଥିଲେ ହେଲେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡ଼ାକ୍ତର କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କଟକ ମେଡିକାଲ ପହଞ୍ଚିବା ପରେ ଶୁକ୍ରବାର ସକାଳ ୭ ଟା ସମୟରେ ମନ୍ଦୋଦରୀଙ୍କ ମୃତ୍ୟୁ ଘଟିଛି। ଦୁଇ ସାଙ୍ଗଙ୍କ ଏଭଳି ମୃତ୍ୟୁ ଦେଖି ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଟ୍ରକ୍–ସ୍କର୍ପିଓ ଧକ୍କା, ଦୁଇ ଗୁରୁତର

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ୧୮ନଂ ଜାତୀୟ ରାଜପଥର ବେତନଟୀ ଡାକ୍ତରଖାନା ସମ୍ମୁଖରେ ଶୁକ୍ରବାର ଅପରାହ୍ନ ସାଢେ ପାଞ୍ଚଟାରେ ଟ୍ରକ ଏବଂ ସ୍କର୍ପିଓ ମଧ୍ୟରେ ଦୁର୍ଘଟଣା ଘଟି ସ୍କୋର୍ପିଓ ଚୁରମାର ହୋଇଯାଇଥିବା ବେଳେ ସ୍କୋର୍ପିଓରେ ଥିବା ଦୁଇ ସାଙ୍ଗ ଗୁରୁତର ଆହତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳର ତାପସ ପଣ୍ଡା ଏବଂ ଅରୁଣ ଦାସ ଦୁହେଁ ଓଡି –୦୧ଏଲ –୮୪୮୪ ନମ୍ବର ସ୍କୋର୍ପିଓ ଯୋଗେ ବାରିପଦାରେ ନିଜର ସାଙ୍ଗ ବାହାଘର ଭୋଜିସାରି ଘରକୁ ଫେରୁଥିବା ବେଳେ ୧୮ନଂ ଜାତୀୟ ରାଜପଥ ବେତନଟୀ ଡାକ୍ତରଖାନା ସମ୍ମୁଖରେ ଟ୍ରକ ସହିତ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ସ୍କୋର୍ପିଓ ଭାଙ୍ଗି ଚୁରମାର ହୋଇଯାଇ ଥିଲା । ସ୍ଥାନୀୟଲୋକେ ସଙ୍ଗେସଙ୍ଗେ ଉଭୟଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଅତ୍ୟନ୍ତ ଶଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ପରେ ଗୋଟିଏ ପାର୍ଶ୍ୱରେଯାତାୟାତ ପ୍ରଭାବିତ ହୋଇଥିବା ବେଳେ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୋର୍ପିଓକୁ ଉଦ୍ଧାରକରି ଅପସାରଣ କରିବାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା । ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବେତନଟୀ ପୁଲିସ।

# ମୁନି ଶିରୋମଣି ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୯୧ତମ ଜୟନ୍ତୀ



ବେତନଟୀ, (ସବ୍ୟୁ) : ଓଡ଼ିଶା ମୁନି ସମାଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଜ୍ଞାନ ଦୀପ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ମୁନିଶିରୋମଣି ଯୋଗାଚାର୍ଯ୍ୟ ସୁବାସ ମୁନିଙ୍କ ୯୧ତମ ଜୟନ୍ତୀ ଆଜି ସ୍ଥାନୀୟ ପଣ୍ଡୁଗଡ଼ିଆ ଶିବମୁନି ଯୋଗାଶ୍ରମରେ ପାଳିତ ହୋଇଯାଇଛି । ଯୋଗୀ ସୁବାସ ମୁନି ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ଯୋଗାଚାର୍ଯ୍ୟ ଭାଗବତ ମୁନି ସତ୍ୟ ପତାକା ଉତ୍ତୋଳନ କରିଥିଲେ । ଆୟୋଜିତ ଉକ୍ତ ସଭାରେ ସ୍ମୃତି କମିଟିର ସଭାପତି ମୁନିମତୀ ଚୂଳାମଣି ଭୂୟାଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରାନ୍ତ ମୁନି ସମାଜର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ ଦଶରଥ ମୁନି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଦର୍ଶନ ବିଭାଗର ସେବାନିବୃତ୍ତ ପ୍ରାଧ୍ୟାପକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗଦାନ କରି ସୁବାସ ମୁନିଙ୍କ ଅମର ଲେଖନୀ ଚିରଦିନ ପାଇଁ ଉଜ୍ଜୀବିତ ରହିବ ବୋଲି କହିଥିଲେ । ସମ୍ମାନିତବକ୍ତା ଭାବେ ଓଡ଼ିଶା ପ୍ରାନ୍ତ ମୁନିସମାଜର ସମ୍ପାଦକ ଯୋଗାଚାର୍ଯ୍ୟ ଧ୍ରୁବଚରଣ ମୁନି ସୁବାସ ମୁନି ଓଡ଼ିଶା ମୁନି ସମାଜର ପ୍ରାଣ ପ୍ରତିଷ୍ଠାତା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ସହସମ୍ପାଦକ ଯୋଗୀ ଚିତ୍ତ ମୁନି, ଯୋଗାଚାର୍ଯ୍ୟ ଦାମୋଦର ମୁନି, ଯୋଗାଚାର୍ଯ୍ୟ ଲକ୍ଷ୍ମୀଧର ମୁନି, ଯୋଗୀ ଗୌରାଙ୍ଗ ପଟ୍ଟନାୟକ, ଯୋଗୀ ଜଗବନ୍ଧୁ ଶତପଥୀ, ଯୋଗୀ ମହିମ ମୁନି ପ୍ରମୁଖ ସୁବାସ ମୁନିଙ୍କ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଅନ୍ୟତମ ବକ୍ତା ଭାବେ ମୁନି ଦିଲ୍ଲୀପ କୁମାର ମଲ୍ଲିକ, ଗଦାଧର ମୁନି, କୃପାସିନ୍ଧୁ ମୁନି, ମୁନିମତୀ ସୁମତୀ, ମୁନିମତୀ ସତ୍ୟଭାମା, ମୁନିରାଜ୍ଞୀ ନୟନା, ସଜନୀ ରାଉତ, ମୁନି ଜଳ ଧର ପାଢ଼ୀ, ଯୋଗୀ ମିହିର ମୁନି, ବୀରେନ୍ଦ୍ର ମୁନି, ମୁନିମତୀ କମଳା ନାୟକ, ଯୋଗୀ ଅଜିତ ମୁନି ପ୍ରମୁଖ କବିତା ଓ ଗଦ୍ୟ ମାଧ୍ୟମରେ ସୁବାସ ମୁନିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ମୃତି କମିଟିର ସମ୍ପାଦକ ତଥା ଜ୍ଞାନଦୀପ ପତ୍ରିକାର ସଂପାଦକ ଯୋଗୀ ସଞ୍ଜୟ ମୁନି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସୁବାସ ମୁନିଙ୍କ ସୁପୁତ୍ରୀ ତଥା ଜିଲ୍ଲା ମୁନି ସମାଜର ସଂପାଦିକା ଡ଼ଃ ଅଳକା ମଞ୍ଜରୀ ଭୂୟାଁ ସୁବାସ ମୁନିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହା ସହ ମୟୂରଭଞ୍ଜ ଜିଲ୍ଲା ମୁନି ସମାଜର ସଭାପତି ଯୋଗୀ ହରେକୃଷ୍ଣ ମୁନି ସ୍ଥାନୀୟ ଆଶ୍ରମ ସମ୍ପର୍କରେ ଭାଷଣ ଦେଇଥିଲେ । ଉତ୍ସବ ପ୍ରାରମ୍ଭରେ ପ୍ରାରମ୍ଭିକ ସଂଗୀତ ଗାନ ଉତ୍ସବରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ଲାଭ କରିଥିବା ବେତନଟୀ ବ୍ଲକ ଟପ୍ପର ବାଳକା ଉଚ୍ଚ ବିଦ୍ୟାଳୟର କୁମାରୀ ଦିବ୍ୟ ପ୍ରଜ୍ଞା ନାଥ, ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କୁମାରୀ ତପସିନୀ ମହାନ୍ତ, ଗୋପବନ୍ଧୁ ଶିକ୍ଷା ନିକେତନ, ମଛପଦାର କୁମାରୀ ଜୟସ୍ମିତା ପୃଷ୍ଟି ଓ ସଠିଲୋ ଉଚ୍ଚ ବିଦ୍ୟାଳୟର ବିଭୂତି ଭୂଷଣ ବେହେରାଙ୍କୁ ନଗଦ ରାଶି, ଟ୍ରଫି ସହ ମାନପତ୍ର ପ୍ରଦାନ ସହ ସୁବାସ ମୁନି ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚିଦାନନ୍ଦ ମହାନ୍ତି ଓ ବିଶିଷ୍ଟ କବି ବାସୁଦେବ ନାପିତ ମଞ୍ଚାସୀନ ଥିଲେ । କୁନି ୟୁଟ୍ୟୁବର ଶୁଭ ଶଙ୍କର ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ମୁନି ସୈନିକ ଯୋଗୀ ନରୋତ୍ତମ ମୁନି । ଏଥିରେ ଯୋଗୀ ସନ୍ତୋଷ ମୁନି, ଯୋଗୀ ସତୀଶ ମୁନି, ମୁନିମତୀ ନିହାରିକା, ସରୋଜ, ଭୁଟୁ, ସୁଇଟି, ପିଣ୍ଟୁ, ଚିଣ୍ଟୁ, ଆଶ୍ରମ ପରିଚାଳକ ରତିକାନ୍ତ ମୁନି, ମୁନିମତୀ ବିଜୁଳି ଓ ଆମ୍ଭେ – ୮୩ର ସଦସ୍ୟଗଣ ଉତ୍ସବରେ ସହଯୋଗ କରିଥିଲେ ।

## ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଶୋକ



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ସହରର ସର୍ବପୁରାତନ ରୋମାନ୍ସ କ୍ଲବର ଅନ୍ୟତମ ପ୍ରତିଷ୍ଠାତା ଅଶ୍ୱିନି କୁମାର ସେନାପତିଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଥିବାରୁ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ଶ୍ରୀ ସେନାପତିଙ୍କ ଶରୀରର ଏକାଧିକ ଅଙ୍ଗ ଅକାମୀ ହୋଇପଡ଼ିବାରୁ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭେଣ୍ଟିଲେଟରକୁ ସ୍ଥାନାନ୍ତରିତ କରାଯାଇଥିଲା । ଗତ ୮ତାରିଖ ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଥିବା ବେଳେ ୯ତାରିଖରେ ଛତୁଆସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଶ୍ରୀ ସେନାପତି ଅବିବାହିତ ଥିବାବେଳେ ତାଙ୍କର ପରଲୋକପରେ ତାଙ୍କର ପୁତୁରା ଆଇନଜୀବୀ ଐଶ୍ୱର୍ଯ୍ୟ ସେନାପତି ମୁଖାଗ୍ନି ଦେଇଥିଲେ । ସେନାପତିଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସମାଜସେବୀ ଜୟନ୍ତ ମହାନ୍ତି, ବିଜୟ ମହାନ୍ତି, ଶଙ୍କର ଦାସ, ତୁଷାର ନାୟକ,ଲଲାଟେନ୍ଦୁ ମହାପାତ୍ର, ଲକ୍ଷ୍ମୀନାରାୟଣ ଦେ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ରୋମାନ୍ସ କ୍ଲବର ସଦସ୍ୟମାନେ ତାଙ୍କ ଜେଲରୋଡ଼ସ୍ଥିତ ବାସଭବନ ଏବଂ ଛତୁଆ ଶ୍ମଶାନରେ ପହଁଚି ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତଃ ସେନାପତିଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଅନ୍ୟତମ ପୁତୁରା ଅଂଶୁମାନ, ଅଭିସିକ୍ତା, ଅପରାଜିତା ଏବଂ ନିହାର ରାୟ ପ୍ରମୁଖ ଉପସ୍ଥିତଥିଲେ ।

# ସମ୍ପାଦକୀୟ



## ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଐତିହାସିକ ଚୁକ୍ତି

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରାୟ କୋଡିଏଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମାତ୍ର ଉଭୟ ରାଷ୍ଟ୍ର ମଧ୍ୟରେ ଯେଉଁ ନାଗରିକ ପରମାଣୁ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ତାହା ଯେ ଐତିହାସିକ ଏଥିରେ ସନ୍ଦେହ ନାହିଁ । ବିଗତ ୨୦୧୫ରେ ଉଭୟ ରାଷ୍ଟ୍ର ମଧ୍ୟରେ ଯେଉଁ ପରମାଣୁ ଚୁକ୍ତିର ସହଯୋଗ ଆରମ୍ଭ ହୋଇଥିଲା, ତାହାକୁ ଏବେ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ଚୂଡାନ୍ତ ରୂପରେଖ ଦିଆଯାଇଛି । ଫଳରେ ଦୀର୍ଘ ସମୟ ଧରି ଅଷ୍ଟ୍ରେଲିଆ ଭାରତକୁ ୟୁରାନିୟମ ଯୋଗାଇ ଦେବା ସମ୍ଭବ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ ସୁଦ୍ଧା ଯେଉଁ ବିକଶିତ ଭାରତର ସ୍ୱପ୍ନ ଦେଖିଛନ୍ତି, ତାହା ସଫଳ ହେବାର ସମ୍ଭାବନା ମଧ୍ୟ ରହିଛି । କାରଣ ଭାରତରେ ପ୍ରାୟ ଲକ୍ଷେ ମେଗାୱାଟ ବିଜୁଳି ଏହି ୟୁରାନିୟମ ପରମାଣୁ ଶକ୍ତି ଜରିଆରେ ଉତ୍ପାଦିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜଙ୍କ ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କର ସୂଚନା ମଧ୍ୟ ଏହି ସବୁ ଚୁକ୍ତି ଓ ସହଯୋଗଦ୍ୱାରା ପ୍ରତିପାଦିତ ହୋଇଛି । ଏହା ବ୍ୟତୀତ ଉଭୟ ରାଷ୍ଟ୍ର ମଧ୍ୟରେ ରଣନୈତିକ ଭାଗୀଦାରୀକୁ ଆହୁରି ସୁଦୃଢ଼ କରିବା ପାଇଁ ପଥ ପରିଷ୍କୃତ ହୋଇଛି । ଭାରତ ଓ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ, ସ୍ଥିର ଓ ବିକଶିତ ଭାରତ ଗଠନ କରାଯିବାର ଲକ୍ଷ୍ୟ ମଧ୍ୟ ଏହିସବୁ ସମ୍ପର୍କରୁ ସୂଚୀତ ହେଉଛି । ପ୍ରତିରକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ରର ମିଳିତ ଘୋଷଣାନାମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଉଭୟ ରାଷ୍ଟ୍ରର ନାଗରିକଙ୍କ ମଧ୍ୟରେ ଥିବା ସୁସମ୍ପର୍କର ବନ୍ଧନକୁ ମଧ୍ୟ ଦୃଢ଼ କରାଯାଇ ପାରିଛି ।

**ଭାରତ ଯୁଦ୍ଧ ଚାହେଁ ନାହିଁ, ଶାନ୍ତି ଚାହେଁ । ମାନବ ଜାତିର କଲ୍ୟାଣ ମଧ୍ୟ ଚାହେଁ । ସେଥିପାଇଁ ଗାନ୍ଧିଜୀ ଓ ତାଙ୍କର ଭାରତକୁ ସାରା ବିଶ୍ୱରେ ମର୍ଯ୍ୟାଦା ଦେବା ଲାଗି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଯେଉଁ 'ନୂତନ ଭାରତ' ହେବାକୁ ଯାଉଛି, ତାହାକୁ ସଚେତନ ଭାରତୀୟମାନେ ସମର୍ଥନ କରି ଆସିଛନ୍ତି । 'ଆତ୍ମନିର୍ଭର ଭାରତ' ବଳରେ ଭାରତ ଏବେ ସ୍ୱାବଲମ୍ବନଶୀଳ ରାଷ୍ଟ୍ର ହେବା ପଥରେ ଅଗ୍ରଗମନ କରୁଛି ।**

'ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ତଥା ଭୌଗଳିକ ସମ୍ପର୍କକୁ ନେଇ ବିଶ୍ୱରେ ଅନ୍ୟାନ୍ୟ ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ଲାଗି ପ୍ରମୁଖ ମଞ୍ଚ ଭାବରେ ଆମେ ଇଣ୍ଡିଆନ ଓସେନ ରିମ୍ ଆସୋସିଏସନ (IORA), ଆସିଆନ ଓ ଆସିନ୍ କେନ୍ଦ୍ରିତ ଆଞ୍ଚଳିକ ବ୍ୟବସ୍ଥା ଓ ପାସିଫିକ ଆଇଲାଣ୍ଡସ ଫୋରମ ପ୍ରତି ଆମମାନଙ୍କର ସମର୍ଥନ ଓ ସହଯୋଗକୁ ପୁନର୍ବାର ଦୋହରାଉଛୁଁ' ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ କରାଯାଇଛି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟର ଅବତାରଣା ମଧ୍ୟ ଏହି ପ୍ରେସନୋଟ୍‌ରେ ସ୍ଥାନ ପାଇଛି । ତାହା ହେଲା-'ଭୂ-ରଣନୀତିକ ଅନିଶ୍ଚିତତା ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ଥିବା ବିପଦକୁ ଆମେ ଚିନ୍ତା କରି ଲକ୍ଷ୍ୟ କରିଛୁଁ । ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର କାର୍ଯ୍ୟ କରିବାକୁ ଉତ୍ସାହିତ କରୁଛୁ ଏବଂ କୌଣସି ପ୍ରକାରର ଭୟ ପ୍ରଦର୍ଶନ, ବଳ ପ୍ରୟୋଗ କିମ୍ବା ବାଧ୍ୟବାଧକତା ବିନା ଏବଂ ଅର୍ନ୍ତଜାତୀୟ ଆଇନ ଅନୁଯାୟୀ ବିବାଦଗୁଡ଼ିକର ସମାଧାନ ପାଇଁ ଆହ୍ୱାନ ଦେଉଛୁଁ ।'

ଭାରତ ଯୁଦ୍ଧ ଚାହେଁ ନାହିଁ, ଶାନ୍ତି ଚାହେଁ । ମାନବ ଜାତିର କଲ୍ୟାଣ ମଧ୍ୟ ଚାହେଁ । ସେଥିପାଇଁ ଗାନ୍ଧିଜୀ ଓ ତାଙ୍କର ଭାରତକୁ ସାରା ବିଶ୍ୱରେ ମର୍ଯ୍ୟାଦା ଦେବା ଲାଗି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଯେଉଁ 'ନୂତନ ଭାରତ' ହେବାକୁ ଯାଉଛି, ତାହାକୁ ସଚେତନ ଭାରତୀୟମାନେ ସମର୍ଥନ କରି ଆସିଛନ୍ତି । 'ଆତ୍ମନିର୍ଭର ଭାରତ' ବଳରେ ଭାରତ ଏବେ ସ୍ୱାବଲମ୍ବନଶୀଳ ରାଷ୍ଟ୍ର ହେବା ପଥରେ ଅଗ୍ରଗମନ କରୁଛି । ସାମୁଦ୍ରିକ ସଂପଦର ସଫଳ ବିନିଯୋଗ କରି ମାନବ କଲ୍ୟାଣ ଦିଗରେ ସେ ସବୁର ସଫଳ ପ୍ରୟୋଗ କରିବାକୁ ଭାରତ ଏବେ ଚାହୁଁଛି । ଆମ ସାଧାରଣତନ୍ତ୍ର ଏବେ ପଞ୍ଚସ୍ତ୍ତୋରୀ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଭାରତରେ ସାମୁଦ୍ରିକ ସମ୍ପଦର ସଫଳ ବିନିଯୋଗ ପାଇଁ ବିଗତ ସରକାରମାନେ ବିଶେଷ ଦୃଷ୍ଟି ଦେଉ ନଥିଲେ କି ବିଭିନ୍ନ ରାଷ୍ଟ୍ର ସହିତ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ରଖି ପାରୁ ନଥିଲେ । ସେଥିପାଇଁ ଅତୀତରେ ବିଭିନ୍ନ କ୍ଷେତ୍ରରେ ଭାରତକୁ ପାକିସ୍ତାନ ପରି ଏକ କ୍ଷୁଦ୍ରରାଷ୍ଟ୍ର ବୋଲି ବିକାଶପ୍ରାପ୍ତ ରାଷ୍ଟ୍ରମାନେ ହୀନ ଦୃଷ୍ଟିରେ ଦେଖି ଆସୁଥିଲେ । ଏବେ ସମୟ ବଦଳି ଯାଇଛି । ଏହି ପରିବର୍ତ୍ତନ ସହିତ ତାଳ ଦେଇ ଚାଲିଥିବାରୁ ଭାରତର ମର୍ଯ୍ୟାଦା କେବଳ ଆର୍ଥିକ କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ନିଶ୍ଚୟ ବୃଦ୍ଧି ପାଇବ, ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଜନସଂଖ୍ୟା ବୃଦ୍ଧି - ସମ୍ପଦ ନା ବିପଦ?



**ଡ. ମୃଣାଳ ଚାଟାର୍ଜୀ**

ଜୁଲାଇ ୧୧ ତାରିଖ ହେଉଛି ବିଶ୍ୱ ଜନସଂଖ୍ୟା ଦିବସ । ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିବା ଘଟଣାକୁ ରେଖାଙ୍କିତ କରିବା ପାଇଁ ୧୯୮୯ ମସିହାରେ ଯୁକ୍ତରାଷ୍ଟ୍ର ଉନ୍ନୟନ କାର୍ଯ୍ୟକ୍ରମ (UNDP) ଏହି ଦିବସ ପାଳନ ଆରମ୍ଭ କରିଥିଲେ ।

ଊନବିଂଶ ଶତାବ୍ଦୀ ଆରମ୍ଭରୁ ପୃଥିବୀରେ ଜନସଂଖ୍ୟା ବୃଦ୍ଧିର ହାର ଦ୍ରୁତତର ହୁଏ । ୧୮୦୪ରେ ବିଶ୍ୱ ଜନସଂଖ୍ୟା ଥିଲା ୧୦୦ କୋଟି । ୧୯୨୭ରେ ଏହା ୨୦୦ କୋଟି ହେଲା । ଅର୍ଥାତ୍ ଜନସଂଖ୍ୟା ୧୦୦ କୋଟିରୁ ୨୦୦ କୋଟି ହେବା ପାଇଁ ଲାଗିଲା ୧୨୩ ବର୍ଷ । ୨୦୨୨ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଟପିଲା । ଅର୍ଥାତ ଜନସଂଖ୍ୟା ୨୦୦ କୋଟିରୁ ୮୦୦ କୋଟି ହେବ ପାଇଁ ସମୟ ଲାଗିଲା ୧୦୦ ବର୍ଷରୁ କମ୍ । ଏବେ ଯଦିଓ ଜନସଂଖ୍ୟା ବୃଦ୍ଧିର ହାର କମିଛି, ହେଲେ ସଂଖ୍ୟା କମିବାକୁ ଆହୁରି ବେଶ କିଛି ସମୟ ଲାଗିବ ।



ଜନସଂଖ୍ୟା ବୃଦ୍ଧି ଏକ ଜଟିଳ ବିଷୟ । ଏଥିରେ ଅନେକଗୁଡ଼ିଏ ପ୍ରସଙ୍ଗ ରହିଛି । ଏହାକୁ ଏକପାଖିଆ ଭାବରେ ସମ୍ପଦ କିମ୍ବା ବିପଦ ବୋଲି କହିହେବ ନାହିଁ । ଏହା ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା, ରୋଜଗାର ସୁଯୋଗ ଓ ସୁଶାସନ ଉପରେ ନିର୍ଭର କରେ ।

ଯଦି ଦେଶର ଅଧିକାଂଶ ଲୋକ ଶିକ୍ଷିତ, ଦକ୍ଷ, ସୁସ୍ଥ ଓ ଶୃଙ୍ଖଳିତ ଥାଆନ୍ତି, ତେବେ ସେମାନେ ଦେଶର ଅର୍ଥନୀତିକୁ ଆଗକୁ ନେଇପାରନ୍ତି । ଅଧିକ କର୍ମକ୍ଷମ ଲୋକମାନେ ଅଧିକ ଉତ୍ପାଦନ ଓ ନୂତନ ଉଦ୍ଭାବନ କରନ୍ତି । ଶିକ୍ଷିତ ଲୋକେ ସମାଜକୁ ଉନ୍ନତି ଏବଂ ପ୍ରଗତି ଆଡ଼କୁ ନେଇପାରିବେ । ଭାରତ ଭଳି ଯୁବ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏହାକୁ ଜନସଂଖ୍ୟାଗତ ଲାଭାଂଶ (Demographic Dividend) ବୋଲି କୁହାଯାଏ ।

କିନ୍ତୁ ଯଦି ଜନସଂଖ୍ୟା ଅନୁପାତରେ ରୋଜଗାର, ଖାଦ୍ୟ, ପାନୀୟ ଜଳ, ବାସସ୍ଥାନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ବ୍ୟବସ୍ଥା ହୋଇନଥାଏ, ତେବେ ଦାରିଦ୍ର୍ୟ, ବେରୋଜଗାରୀ (unemployment), ସହରୀକରଣର ଚାପ, ପ୍ରଦୂଷଣ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର ଭଳି ସମସ୍ୟା ସୃଷ୍ଟି ହୁଏ । ଏହା ସାମାଜିକ ଅସାମ୍ୟକୁ ମଧ୍ୟ ବଢ଼ାଇ ଦେଇପାରେ ।

ଭାରତ ଏବେ ଚୀନକୁ ପଛରେ ପକାଇ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ । ଭାରତର ଜନସଂଖ୍ୟା ଏବେ ୧୫୦ କୋଟି ପାଖାପାଖି ହେଲାଣି । ଏଥିରୁ ୬୫ ଶତାଂଶଙ୍କ ବୟସ ୩୫ ବର୍ଷ ତଳେ, ୨୪ ଶତାଂଶଙ୍କ ବୟସ ୧୫ ବର୍ଷ ତଳେ । ଏଠାରେ ବିଶାଳ ଯୁବଶକ୍ତି ଏକ ବଡ଼ ସୁଯୋଗ । କିନ୍ତୁ ଏହି ଶକ୍ତିକୁ ଉତ୍ପାଦନଶୀଳ ସମ୍ପଦରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟୋଗ ବୃଦ୍ଧି, ମହିଳାଙ୍କ କର୍ମସଂସ୍ଥାନରେ ଅଂଶଗ୍ରହଣ ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଆବଶ୍ୟକ ।

**ଭାରତ ଏବେ ଚୀନକୁ ପଛରେ ପକାଇ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ । ଭାରତର ଜନସଂଖ୍ୟା ଏବେ ୧୫୦ କୋଟି ପାଖାପାଖି ହେଲାଣି । ଏଥିରୁ ୬୫ ଶତାଂଶଙ୍କ ବୟସ ୩୫ ବର୍ଷ ତଳେ, ୨୪ ଶତାଂଶଙ୍କ ବୟସ ୧୫ ବର୍ଷ ତଳେ । ଏଠାରେ ବିଶାଳ ଯୁବଶକ୍ତି ଏକ ବଡ଼ ସୁଯୋଗ । କିନ୍ତୁ ଏହି ଶକ୍ତିକୁ ଉତ୍ପାଦନଶୀଳ ସମ୍ପଦରେ ପରିଣତ କରିବା ପାଇଁ ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟୋଗ ବୃଦ୍ଧି, ମହିଳାଙ୍କ କର୍ମସଂସ୍ଥାନରେ ଅଂଶଗ୍ରହଣ ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଆବଶ୍ୟକ ।**

୧୯୪୭ରେ ଭାରତର ସ୍ୱାଧୀନତା ପରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ତଥା ସାମାଜିକ କ୍ଷେତ୍ରରେ ଉନ୍ନତି ଫଳରେ ମୃତ୍ୟୁ ହାର କମିଲା । ଜନସଂଖ୍ୟା ଦ୍ରୁତ ହାରରେ ବଢ଼ିଲା । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ୧୯୫୧ରେ ପରିବାର ନିୟୋଜନ ଯୋଜନା ଆରମ୍ଭ କଲେ । ସମଗ୍ର ଏସିଆ ମହାଦେଶରେ ଏହା ଥିଲା ଏ ଧରଣର ପ୍ରଥମ ଯୋଜନା । ତେବେ ଏ ଯୋଜନା ସତ୍ତ୍ୱେ ୧୯୭୦ ଏବଂ ୧୯୮୦ ଦଶକରେ ଭାରତରେ ଜନସଂଖ୍ୟା ବୃଦ୍ଧିର ହାର ଖୁବ ଅଧିକ ଥିଲା । ୧୯୮୦ ଦଶକରୁ ଜନସଂଖ୍ୟା ବୃଦ୍ଧିର ହାର କମିବାକୁ ଆରମ୍ଭ କରିଛି । ୧୯୭୦ ଦଶକରେ ଜନସଂଖ୍ୟା ବୃଦ୍ଧିର ହାର ଥିଲା ୨.୩ ଶତାଂଶ, ଏବେ ଏହା ୦.୮୯କୁ ଖସି ଆସିଛି । ୧୯୭୦ ଦଶକରେ ଜଣେ ମହିଳା ହାରାହାରି ୫ ଟି ସନ୍ତାନ ପ୍ରସବ କରୁଥିଲେ । ବର୍ତ୍ତମାନ ଏହା ୧.୯ କୁ ଖସି ଆସିଛି । ରିପ୍ଲେସମେଣ୍ଟ ଲେଭୁଲ (୨.୧)ଠୁ ବି କମ୍ ।

କିନ୍ତୁ ରାଜ୍ୟ ଓ ଅଞ୍ଚଳଭିତ୍ତିକ ଅସାମଞ୍ଜସ୍ୟ ଏବେ ବି ରହିଛି । କେରଳ ଓ ଗୋଆ ଭଳି କିଛି ରାଜ୍ୟରେ ଜନସଂଖ୍ୟା କମୁଥିଲା ବେଳେ ବିହାର ଓ ଉତ୍ତରପ୍ରଦେଶ ଭଳି କିଛି ରାଜ୍ୟରେ ଜନସଂଖ୍ୟା ବୃଦ୍ଧିର ହାର ଆଶାନୁରୂପ ଭାବେ କମି ନାହିଁ ।

ଜନସଂଖ୍ୟା ନିଜେ ସମସ୍ୟା ନୁହେଁ । ଅପରିକଳ୍ପିତ ଓ ଅଦକ୍ଷ ଜନସଂଖ୍ୟା ହିଁ ସମସ୍ୟା । ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ ଓ ରୋଜଗାରରେ ନିବେଶ କରାଗଲେ, ବଢୁଥିବା ଜନସଂଖ୍ୟା ଏକ ଜାତୀୟ ସମ୍ପଦରେ ପରିଣତ ହୋଇପାରେ । ନଚେତ୍ ଏହା ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଗୁରୁତର ଚ୍ୟାଲେଞ୍ଜ ହୋଇ ରହିବ ।

ତେଣୁ ପ୍ରକୃତ ପ୍ରଶ୍ନ ଜନସଂଖ୍ୟା କେତେ ନୁହେଁ, ବରଂ ଜନସଂଖ୍ୟା କେତେ ଦକ୍ଷ, ସୁସ୍ଥ ଓ ଉତ୍ପାଦନଶୀଳ? ଭାରତ ଭଳି ଦେଶ ପାଇଁ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ।

(ଲେଖକ ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରର ଅବସରପ୍ରାପ୍ତ ପ୍ରଫେସର ଏବଂ ଜଣେ ସୃଜନଶୀଳ ଲେଖକ । ବର୍ତ୍ତମାନ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଫ୍ ପ୍ରାକ୍ଟିସ ଭାବେ କାର୍ଯ୍ୟ କରୁଛନ୍ତି )

**ନିର୍ମାଲ୍ୟ, VIP ୨୧, ଲିଟିଲ ଓଡିଶା,
ଛତାବର- ୭୫୨୦୫୪, ଭୁବନେଶ୍ୱର
ମୋ-୯୪୩୭୦୨୬୧୯୪**

# ଶିକ୍ଷା ଓ କାର୍ଯ୍ୟଦକ୍ଷତା



**ସଚ୍ଚିଦାନନ୍ଦ ଦାଶ**

ପୁରାତନ କାଳର ପିଲାବେଳର ପାଠପଢ଼ା କିଛି ମନେ ଥାଉ କି ନ ଥାଉ, ଶ୍ରେଣୀ ଶିକ୍ଷକଙ୍କ ବା ଗାଁ ଅବଧାନେଙ୍କର ହସ୍ତାକ୍ଷର ଲେଖା ଯଥା - 'ମନ ଲଗାଇ ପାଠ ପଢ଼ ଓ ମନ ଲଗାଇ କାମ କର' ପ୍ରାୟ ସମସ୍ତଙ୍କ ସ୍ମରଣରେ ଥିବ । ଆଧୁନିକ ସଭ୍ୟତାର ଚକ୍କର୍‌ରେ ପିଲାଟି ମନଦେଇ ପାଠ ନ ପଢ଼ିଲେ ବାପା ତାଗିଦ କରନ୍ତି । ଠିକ୍ ସେହିପରି କାର୍ଯ୍ୟାଳୟରେ କର୍ମଚାରୀଟିଏ କାମ ନ କରି ଗପୁଥିଲେ, ଉପରିସ୍ଥ ଅଧିକାରୀ ତାଗିଦ୍ କରି କହନ୍ତି 'ମାଇଣ୍ଡ୍ ଦି ୱାର୍କ' ।

ଏଠାରେ ଆଧୁନିକ ଓ ପୁରାତନ ଆଚରଣ ଓ ଉଚ୍ଚାରଣରେ କିଛି ଫରକ୍ ନାହିଁ । ଏଠାରେ ମନଲଗାଇ ପାଠ ପଢ଼ ଶିକ୍ଷାକୁ ଆପଣେଇଲା ବେଳେ ମନ ଲଗାଇ କାମ କର ମଣିଷର କାର୍ଯ୍ୟ ଦକ୍ଷତାକୁ ବୁଝାଏ ।

ଆଜିର ଯୁଗରେ ଦେଖାଯାଏ ଯେ, ଅଧିକାଂଶ କ୍ଷେତ୍ରରେ ମଣିଷ ପାଠପଢ଼ାରେ ଯେଉଁ ଶିକ୍ଷା ଅର୍ଜ୍ଜନ କରେ, ତାହାକୁ କର୍ମକ୍ଷେତ୍ରରେ ଉପଯୁକ୍ତ ଭାବେ ବିନିଯୋଗ କରିପାରେନା । ଶିକ୍ଷା ଗୋଟିଏ ଦିଗକୁ ମୁହାଁଇଲା ବେଳକୁ ମଣିଷର କାର୍ଯ୍ୟଦକ୍ଷତା ବା କାର୍ଯ୍ୟ ନିପୁଣତା ଅନ୍ୟ ଏକ ଦିଗକୁ ଟଳି ଗଲାଣି ।

ମୋଟ ଉପରେ କୁହାଯାଇପାରେ ଯେ, ଆଧୁନିକ ଶିକ୍ଷା ଓ କାର୍ଯ୍ୟ ଦକ୍ଷତା ମଧ୍ୟରେ କୌଣସି ସମନ୍ୱୟ ରହୁନାହିଁ । ଅଚଳ ବିଦ୍ୟାଗତ ଢାଞ୍ଚା, ବୈଷୟିକ ପରିବର୍ତ୍ତନର ଧୀର ଅନୁକୂଳନ ଓ ଶିଳ୍ପ କ୍ଷେତ୍ରରେ ପାରସ୍ପରିକ ପ୍ରତିକ୍ରିୟାର ଅଭାବ ଇତ୍ୟାଦିର ସମ୍ମିଶ୍ରଣରେ ଶିକ୍ଷା ଓ କାର୍ଯ୍ୟ ଦକ୍ଷତା ମଧ୍ୟରେ ଅସମନ୍ୱୟତା ସୃଷ୍ଟି ହୋଇ ଚାଲିଛି ।

ଗତ ୨୦୨୩-୨୫ ମସିହାର ଏକ ଆକଳନରୁ ଜଣାଯାଇଛି ଯେ, ଓଇସିଡ଼ି (ଆର୍ଥନୀତିକ ସହଯୋଗ ଓ ଉନ୍ନୟନ ସଂସ୍ଥା) ଅନ୍ତର୍ଗତ ଦେଶମାନଙ୍କରେ ଉଚ୍ଚ ମାଧ୍ୟମିକ ଠାରୁ ନିମ୍ନ ଶ୍ରେଣୀମାନଙ୍କରେ ଅଧ୍ୟୟନ କରିଥିବା ୫୫ରୁ ୬୪ ବର୍ଷ ବୟସ୍କ ଲୋକମାନଙ୍କ ମଧ୍ୟରୁ ୪୬ ପ୍ରତିଶତ କର୍ମଚାରୀବୃନ୍ଦ ନିଷ୍କ୍ରିୟ ।

ଆଉ ଏକ ଆକଳନ ଅନୁଯାୟୀ, ସାକ୍ଷରତା ଓ କାର୍ଯ୍ୟଦକ୍ଷତା ଭିତରେ, ହାରାହାରି ସାଧାରଣ ଶିକ୍ଷା ଗ୍ରହଣରେ ପ୍ରତି ଅତିରିକ୍ତ ବର୍ଷରେ ୦.୫୮ ପ୍ରତିଶତ ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହେଉଥିବା ପରିଲକ୍ଷିତ ହେଉଛି ।

ଅଧିକନ୍ତୁ, ଗୁଣାତ୍ମକ ଶିକ୍ଷାର ୧ ପ୍ରତିଶତ ବୃଦ୍ଧି ହେଲେ, ବାର୍ଷିକ ମୋଟ ଘରୋଇ ଉତ୍ପାଦନରେ ୭.୨ ପ୍ରତିଶତ ଅଭିବୃଦ୍ଧି ଘଟୁଛି । ସଦ୍ୟ ଏକ ପରିସଂଖ୍ୟନରୁ ଜଣାପଡ଼େ ଯେ, ଅଧାରୁ ବିଦ୍ୟାଳୟ ଛାଡ଼ିବା ହାର ଯଥାକ୍ରମେ ୧.୯ ପ୍ରତିଶତ ପ୍ରାଥମିକ ଶିକ୍ଷାରେ, ୫.୨ ପ୍ରତିଶତ ଉଚ୍ଚ ପ୍ରାଥମିକ ସ୍ତରରେ, ୧୪.୧ ପ୍ରତିଶତ ମାଧ୍ୟମିକ ସ୍ତରରେ ଅଟେ ।

ଯାହା ଫଳରେ ପରିଶେଷରେ ଦକ୍ଷତା ସମ୍ପନ୍ନ କର୍ମଚାରୀ ବା ଶ୍ରମଶକ୍ତି ଉତ୍ପନ୍ନ ହେବାରେ ବାଧା ଉପୁଜୁଛି । କମ୍ପ୍ୟୁଟର ସାକ୍ଷରତା ଓ ପ୍ରଯୁକ୍ତି ବିଦ୍ୟାରେ ଦକ୍ଷତାର କମ୍ ପ୍ରଚାର ଓ ପ୍ରସାର ଯୋଗୁଁ ଶିକ୍ଷା ଓ କାର୍ଯ୍ୟ ଦକ୍ଷତାର ସମନ୍ୱୟ ରକ୍ଷା କରାଯାଇ ପାରୁନାହିଁ ।

ଆମ ଦେଶରେ ପ୍ରଯୁକ୍ତିବିଦ୍ୟା, କମ୍ପ୍ୟୁଟର ଶିକ୍ଷା ଓ କୃତ୍ରିମ ବୁଦ୍ଧିମତା ଶିକ୍ଷା ଅତ୍ୟନ୍ତ ସମାଲୋଚନାତ୍ମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ୨୦୨୩- ୨୪ ମସିହାର ଏକ ଆକଳନ ଅନୁଯାୟୀ, ଆମ ଦେଶର ୫୭.୨ ପ୍ରତିଶତ ବିଦ୍ୟାଳୟରେ କମ୍ପ୍ୟୁଟର ଅଛି ଏବଂ ୫୩.୯ ପ୍ରତିଶତ ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ଅଛି । ଉପରୋକ୍ତ ତଥ୍ୟ ଅନୁସାରେ ଏହା ନିର୍ଣ୍ଣୟ କରାଯାଇପାରେ ଯେ, କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତା ଓ କର୍ମଚାରୀ ପାଖରେ ଥିବା ଦକ୍ଷତା ମଧ୍ୟରେ ପାର୍ଥକ୍ୟ କେବଳ ବୃତ୍ତିଗତ ଓ ପ୍ରୟୋଗିକ ବୋଲି ଧରି ନିଆଯାଇ ପାରିବ ।

ମାତ୍ର ଦୁଃଖର ବିଷୟ, ଭାରତରେ ୧୫-୧୯ ବର୍ଷ ବୟସର ଛାତ୍ରମାନଙ୍କ ମଧ୍ୟରେ ବାର୍ଷିକ ମାତ୍ର ୧.୯ ପ୍ରତିଶତ ଛାତ୍ର ବୃତ୍ତିଗତ ଶିକ୍ଷା ପାଇଁ ପଂଜିକୃତ କରିଥାନ୍ତି, ଯାହା ଜଣାଇ ଦିଏ ଯେ, କାର୍ଯ୍ୟ ଦକ୍ଷତା ଓ ନିଯୁକ୍ତି ପାଇଁ ପ୍ରସ୍ତୁତ କରୁଥିବା ଦକ୍ଷତା ମଧ୍ୟରେ ଅନେକ କିଛି ତ୍ରୁଟି ରହିଛି ।

କେଉଁ କାରଣରୁ ଶିକ୍ଷା ଓ କାର୍ଯ୍ୟଦକ୍ଷତା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରୁନାହିଁ । ପ୍ରଥମ କାରଣଟି ହେଲା ଶିକ୍ଷାନୁଷ୍ଠାନଗୁଡ଼ିକ ପୁରାତନ ପାଠ୍ୟକ୍ରମକୁ ବାରମ୍ବାର ନବୀକରଣ କରିବାକୁ ସକ୍ଷମ ହୋଇ ପାରୁ ନାହାଁନ୍ତି । ଫଳରେ ଶିକ୍ଷାର ମାନ ଉନ୍ନତ ହୋଇ ପ୍ରଯୁକ୍ତିଗତ ପ୍ରଗତି ଓ ପରିବର୍ତ୍ତିତ ଶିଳ୍ପାୟନ ସହିତ ଖାପଖୁଆଇ ପାରୁନାହିଁ ।

ଆଜିକାଲିର ଶିକ୍ଷା ବ୍ୟବସ୍ଥାରେ ବ୍ୟବହାରିକ ଓ ପ୍ରୟୋଗିକ ଜ୍ଞାନ ପରିବର୍ତ୍ତେ ପାଠ ମୁଖସ୍ଥ କରି ସ୍ୱଳ୍ପ ସମୟ ପାଇଁ ଜ୍ଞାନ ଅର୍ଜନ କରିବା ତଥା ସୈଦ୍ଧାନ୍ତିକ ଜ୍ଞାନ ଉପରେ ଅଧିକ ଗୁରୁତ୍ୱରୋପ କରାଯାଉଛି । ଆଜିର ଯୁଗରେ ନିଯୁକ୍ତିଦାତାମାନେ ମିଳିତ ପ୍ରୟାସ, ଭାବର ଆଦାନ ପ୍ରଦାନ ଓ ସମସ୍ୟାର ତୁରନ୍ତ ସମାଧାନ କରୁଥିବା ଭଳି କର୍ମଚାରୀ ଖୋଜୁଥିବା ସ୍ଥଳେ, ଶିକ୍ଷାନୁଷ୍ଠାନମାନ ନିର୍ଦ୍ଧାରିତ ପାଠ୍ୟକ୍ରମ ମାଧ୍ୟମରେ ସେହିପରି ଦକ୍ଷତା ସମ୍ପନ୍ନ କର୍ମଚାରୀ ସୃଷ୍ଟି କରିପାରୁ ନାହାନ୍ତି ।

ଦ୍ୱିତୀୟତଃ ବ୍ୟବହାରିକ କ୍ଷେତ୍ରୀୟ ପ୍ରଶିକ୍ଷଣର ଅଭାବ, ଶିକ୍ଷାନୁଷ୍ଠାନ ଓ ଶିଳ୍ପାନୁଷ୍ଠାନ ମଧ୍ୟରେ ଅସମନ୍ୱୟତା ଅଭାବ ଯୋଗୁଁ ଚାକିରି କ୍ଷେତ୍ରରେ କର୍ମଚାରୀମାନେ ଅପାରଗତାର ଶିକାର ହେଉଛନ୍ତି । ଦ୍ରୁତ ପ୍ରଯୁକ୍ତି ବିଦ୍ୟାର ପରିବର୍ତ୍ତନ ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାରେ ଅକ୍ଷମତା ପ୍ରକାଶ କରୁଥିବା ପରିଲକ୍ଷିତ ହେଉଛି । ନିମ୍ନମାନର ଶିକ୍ଷା ପ୍ରଦାନ ଫଳରେ ଉପଯୁକ୍ତ ବୈଷୟିକବିତ୍‌ମାନଙ୍କର ଅଭାବ ଦେଖା ଯାଉଛି । ଫଳରେ ଶିଳ୍ପାନୁଷ୍ଠାନ ଦକ୍ଷ କର୍ମଚାରୀ ନିଯୁକ୍ତିରେ ସଫଳ ହୋଇ ପାରୁ ନାହିଁ ।

ତୃତୀୟତଃ ନିଃସ୍ୱ ପରିବେଶ, ଭିତ୍ତିଭୂମିର ଅଭାବ, ଦାରିଦ୍ର୍ୟ ଏବଂ ପ୍ରଯୁକ୍ତି ବିଦ୍ୟାର ସୀମିତ ସୁବିଧା ଇତ୍ୟାଦି ଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ କରୁଛି । ଉକ୍ତ କାରଣବଶତଃ କର୍ମକ୍ଷେତ୍ରରେ ଶିକ୍ଷା ଓ କାର୍ଯ୍ୟଦକ୍ଷତା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରୁନାହିଁ ।

ତେଣୁ, ଗୁଣାତ୍ମକ ଶିକ୍ଷା, ସଦ୍ୟତମ ଡିଜିଟାଲ ସାକ୍ଷରତାରେ ନିପୁଣତା ଓ କୃତ୍ରିମ ବୁଦ୍ଧିମତାର ପ୍ରସାର, ଅର୍ଥନୈତିକ ଉନ୍ନତି ତଥା-ଉତ୍ପାଦନ କ୍ଷମତା ଏବଂ କର୍ମଚାରୀଙ୍କର କାର୍ଯ୍ୟଦକ୍ଷତା ଇତ୍ୟାଦି ବୃଦ୍ଧି କରିବାରେ ମୁଖ୍ୟ ଅସ୍ତ୍ରଭାବେ କାର୍ଯ୍ୟ କରିପାରିବ ।

**ସିଡ଼ିଏ., କଟକ
ମୋ -୭୦୦୮୬୫୦୬୯୩**

# ନିଜକୁ ଭଲ ପାଇବା



**ଦିଲୀପ ରାଜ ବେହେରା**

ଏକାକୀ ରହିବା ପାଇଁ ଆମେ ଭୟ କରୁ । ଆମେ ଭିଡ଼ ମଧ୍ୟରେ ରହିବାଟା ଅଭ୍ୟାସରେ ପରିଣତ ହୋଇଯାଇଛି । ପାଟି ତୁଣ୍ଡ, କୋଳାହଳ , ଅତ୍ୟାଚାର ହେଉ ପଛେ ଏକାନ୍ତ ଜୀବନ ଅସହ୍ୟ ହୋଇ ଉଠେ ।

ଆମେ ଏକାକୀ ଆସିଛୁ, ଏକାକୀ ମଧ୍ୟ ଯିବା, ଅନ୍ୟ ଉପରେ ନିର୍ଭର ନ କରି ଏକାକୀ ରହିବା, ଏହା ଅନ୍ତଃଯାତ୍ରା ପାଇଁ ସୁଯୋଗ ନିର୍ମାଣ କରିବ । ନିଜକୁ ଭଲ ପାଇଲେ ଅନ୍ୟକୁ ଭଲ ପାଇବା ସହଜ ହେବ । ତାହା ଅନ୍ୟକୁ ଭଲ ପାଇବା ପାଇଁ ଉତ୍ସୁକତା ଆଣି ଦେବ ।

ଆମ ଚାରିପାଖ ଦୁନିଆରେ ଅହଂକାର ଏବଂ ଅଧିକାର ପାଇଁ ସଙ୍ଘର୍ଷ ଚାଲିଛି । ସର୍ବଦା ପରିବାର, ସମାଜ ଏବଂ ଦେଶ ଦ୍ୱନ୍ଦର ବାତାବରଣରେ ଘାଣ୍ଟି ହେଉଛି । ତଥାପି ଏକାକୀ ଜୀବନ ଏତେ ପୀଡା ଦାୟୀ, କଷ୍ଟକର ହୁଏ କାହିଁକି ?

ନିଜ ଆତ୍ମୀୟ ସ୍ୱଜନଙ୍କୁ ହରାଇବା ବେଳେ, ବନ୍ଧୁବାନ୍ଧବ ଅକାରଣରେ ନିଜ ଠାରୁ ଦୂରେଇ ଗଲାବେଳେ, ଆମେ ହତାଶ ହୋଇ ପଡୁ । ଦୁଃଖରେ ମ୍ରିୟମାଣ ହୋଇ ଯାଉ । ଆତ୍ମବିଶ୍ୱାସ ହରାଇ ଥାଉ, ଆମେ ନିଜକୁ ଏକଲା, ନିଃସ୍ୱ ମନେ କରୁ ।

ଆମେ ଅନ୍ୟଠାରୁ ସହାନୁଭୂତି ସାଉଁଟିବା ପାଇଁ, ସାହାଯ୍ୟ ଓ ସୁବିଧା ହାସଲ ପାଇଁ, ମିଠା କଥା ଶୁଣି ପରାମର୍ଶ ପାଇବା ପାଇଁ ଏବଂ ଟିକିଏ କୋମଳ ସ୍ପର୍ଶ ପାଇଁ ବ୍ୟାକୁଳ ହୋଇ ଉଠୁ ।

ଆମେ ଟିକିଏ ପ୍ରେମ ଓ ସଦିଚ୍ଛା ପାଇଁ, ଶାନ୍ତ୍ୱନା ଓ ସାହାଯ୍ୟ ପାଇଁ, ମନ କଥା ଶୁଣିବା ସାଥୀ ପାଇଁ, ସୁରକ୍ଷା ଓ ସେବା ପାଇବା ପାଇଁ ସମ୍ପର୍କର ବନ୍ଧନକୁ ଅନିବାର୍ଯ୍ୟ ମନେ କରୁ ।

ତେବେ ଅନେକ ସମୟରେ ଏକାନ୍ତ ଅବସ୍ଥା ମଧ୍ୟ ଆମ ପାଇଁ ବେଶ ଉପଯୋଗୀ ଏବଂ ଆଶୀର୍ବାଦ ଭଳି କାମ କରେ । ଅନାବଶ୍ୟକ ଲୋକଙ୍କଠୁ ଦୂରେଇ ରହିବା ଆମ ପାଇଁ ଉଚିତ, ଆବଶ୍ୟକ ଓ ଶ୍ରେୟସ୍କର ହୋଇ ଥାଏ ।

ଏକାକୀ ରହିବା ନିସଙ୍ଗ ରହିବା ନୁହେଁ । ଏକାକୀ ଅବସ୍ଥା ନିଜକୁ ବୁଝିବା ପାଇଁ, ଜାଣିବା ପାଇଁ ସୁଯୋଗ ନିର୍ମାଣ କରିଥାଏ । ଅନ୍ତଃ ଯାତ୍ରା ପାଇଁ ଉପଯୁକ୍ତ ବାତାବରଣ, ପରିବେଶ ପ୍ରସ୍ତୁତି କରିଥାଏ ।

ଅନ୍ୟ ସହିତ ସମର୍କ ରକ୍ଷା ସାମାଜିକ ବ୍ୟବସ୍ଥାରେ ଆବଶ୍ୟକତା ରହିଛି । ଏହା ସାମାଜିକ ଜୀବନର ଅଂଶବିଶେଷ । ଆମେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳ । ଏହା ବାହ୍ୟ ଜଗତର ସମ୍ପର୍କ । ନିଜ ମାନସିକ ଏବଂ ବୈଚାରିକ ବ୍ୟକ୍ତିତ୍ୱ ଖାପ ନ ଖାଇଲେ, ସମ୍ପର୍କ ମଧ୍ୟ କଷ୍ଟଦାୟକ ହୁଏ । ନିଜର ଆତ୍ମିକ ବିକାଶରେ ବାଧା ହୁଏ । ସାମାଜିକ ସମ୍ପର୍କ ଯଥାର୍ଥତା ରହିଛି । ତେବେ, ନିଜକୁ ଭଲ ପାଇବାରେ ଏହା ବ୍ୟାଘାତ ଘଟାଏ ।

ଏକାନ୍ତ ଅବସ୍ଥା ନିଜର ଆତ୍ମିକ ବିକାଶକୁ ସାହାଯ୍ୟ କରେ, ନିଜକୁ ବୁଝିବା ପାଇଁ ସୁଯୋଗ ଦିଏ, ନିଜ ମାନସିକ ସ୍ଥିତିକୁ ସୁଧାରିବାରେ ସାହାଯ୍ୟ କରେ ।

ଏକାକୀ ଅର୍ଥ ନିଃସଙ୍ଗତା ନୁହେଁ, ଏହା ନିଜକୁ ଜାଣିବା, ବୁଝିବା ପାଇଁ ପ୍ରାଥମିକତା ଦେବା । ଆମେ ପାରିବାରିକ ପରିବେଶରେ ରହି ଅନ୍ୟ ଉପରେ ଅଧିକ ନିର୍ଭରଶୀଳ ହୋଇ ପଡିଛୁ । ଅନ୍ୟକୁ ଅଜାଣତରେ ଅନୁସରଣ କରିବାରେ ଲାଗି ରହିଛୁ । ଏକାକୀ ଜୀବନ ନିଜ ଭିତରକୁ ଦେଖିବାକୁ ସୁଯୋଗ ସୃଷ୍ଟି କରେ । ଆମ ଦୃଷ୍ଟିକୋଣ ଅନ୍ତଃମୁଖୀ ହୁଏ ।

ଆମ ବିଚାର ବଦଳି ଯାଏ, ଆତ୍ମାକୁ ଜାଣିବାକୁ ଚେଷ୍ଟା କରେ । ଆମ ଅନ୍ତଃର୍ନିହିତ ଶକ୍ତି ଜାଗ୍ରତ ହୁଏ । ହତାଶବୋଧ ବଦଳରେ ଆତ୍ମବୋଧ ଜାଗି ଉଠେ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର
ମୋ-୭୭୩୫୩୪୮୬୬୦**

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**
**ମହାତ୍ମା ଗାନ୍ଧି**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୨ରେ...

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ରାଜ୍ୟରେ ଆସନ୍ତାକାଲିଠାରୁ ବର୍ଷା ଜାରି ରହିବ । ତେବେ ୧୨ ତାରିଖରୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ଆହୁରି ଅଧିକ ଘନୀଭୂତ ହେବ କି ନାହିଁ, ଘୂର୍ଣ୍ଣିବଳୟ ସୃଷ୍ଟି ହେବାପରେ ସ୍ପଷ୍ଟ ହେବ । ଏହାର ପ୍ରଭାବରେ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ ।

ଶୁକ୍ରବାର ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ରହିଥିବା ଯୋଗୁଁ ରାଜ୍ୟର ବହୁ ସ୍ଥାନରେ ପ୍ରବଳ ବର୍ଷା ହୋଇଛି । ଭୁବନେଶ୍ୱରରେ ସନ୍ଧ୍ୟା ୬ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷିଛି । ପାରଳାଖେମୁଣ୍ଡିରେ ସର୍ବାଧିକ ୨୧.୮ ମିମି ବର୍ଷା ହୋଇଥିବାବେଳେ ଦାରିଙ୍ଗବାଡ଼ିରେ ୧୪ ମିମି, ସୋନପୁର ଓ କେନ୍ଦୁଝରରେ ୭ ମିମି, ପାରାଦୀପରେ ୭.୬ ମିମି, ଭବାନୀପାଟଣାରେ ୬.୮ ମିମି, ଭୁବନେଶ୍ୱରରେ ୫ମିମିରୁ ଅଧିକ ବର୍ଷା ରେକର୍ଡ଼ କରାଯାଇଛି ।

## ଅକ୍ଟୋବରରୁ...

ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ପାଣିପାଗ ବିଜ୍ଞାନୀମାନେ ୯୭% ନିଶ୍ଚିତ ଅଛନ୍ତି ଯେ ଏହି ଏଲ୍‌ନିନୋର ପ୍ରଭାବ ଆସନ୍ତା ୨୦୨୭ ର ବସନ୍ତ ଋତୁର ଆରମ୍ଭ ପର୍ଯ୍ୟନ୍ତ ବଜାୟ ରହିବ । ଜଳବାୟୁ ବୈଜ୍ଞାନିକମାନଙ୍କ ମତରେ ବିଶ୍ୱ ତାପନ ବା ଗ୍ଲୋବାଲ୍ ୱାର୍ମିଂ ଯୋଗୁ ହିଁ ଏଭଳି ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଉଛି । କମ୍ପ୍ୟୁଟର ମଡେଲଗୁଡ଼ିକରୁ ସ୍ପଷ୍ଟ ଜଣାପଡୁଛି ଯେ ପୃଥିବୀର ତାପମାତ୍ରା ବଢ଼ିବା ଫଳରେ ପ୍ରଶାନ୍ତ ମହାସାଗରର ଉତ୍ତାପରେ ଅସ୍ଥିରତା ସୃଷ୍ଟି ହେଉଛି । ଯାହା ଏଲ୍-ନିନୋ ଓ ଲା-ନିନାକୁ ଆହୁରି ଭୟଙ୍କର କରୁଛି । ବର୍ତ୍ତମାନ ସମୁଦ୍ର ଗଭୀରରେ ବଢୁଥିବା ତାପମାତ୍ରା ସହ ବାୟୁମଣ୍ଡଳର ଚାପ ଏବଂ ପବନର ଗତିପଥରେ ହେଉଥିବା ପରିବର୍ତ୍ତନ ଏହି ଶକ୍ତିଶାଳୀ ଏଲ୍-ନିନୋକୁ ଆହୁରି ଘନୀଭୂତ କରୁଛି ।

## ସୁରକ୍ଷା...

ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି କହିଥିଲେ ଯେ, ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ ।

ସମନ୍ୱୟ ବା କୋ-ଅର୍ଡିନେସନ ଉପରେ ପୁନର୍ବାର ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରତ୍ୟେକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ତଥା ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବାପାଇଁ ନିରନ୍ତର ସୂଚନା ପ୍ରଦାନର ବ୍ୟବସ୍ଥା ରହିବା ଆବଶ୍ୟକ । କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନରୁହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ ।

ବୈଠକର ଆଲୋଚନାରୁ ଜଣାଯାଇଛି ଯେ, ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା CAPFର କର୍ମଚାରୀ ମୁତୟନ କରାଯାଇଛି । ଏହାସହିତ ତଟରକ୍ଷୀବାହିନୀ ଓ ଭାରତୀୟ ନୌସେନା ମଧ୍ୟ ସଜାଗ ଅଛନ୍ତି । ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ନିୟୋଜନ କରାଯାଇଛି ।

ସେହିପରି ୪୭୩ ସିସିଟିଭି କ୍ୟାମେରା ସହିତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ ଏଲ୍‌ଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଛି । ଓଡିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ । ମୋବାଇଲ ନେଟୱାର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି । ସୂଚନା ପ୍ରଦାନ ପାଇଁ ଏଥରକ ବ୍ୟାପକ ମେସେଜିଂର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ହେଲ୍ପ ଡେସ୍କର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଭିଡ ନିୟନ୍ତ୍ରଣ ପାଇଁ ଅନେକ ରାସ୍ତାର ବ୍ୟବସ୍ଥା କରାଯାଇଛି । ସମସ୍ତ ସୁରକ୍ଷା କାର୍ଯ୍ୟର ନିୟନ୍ତ୍ରଣ ପାଇଁ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି ।

ରଥଯାତ୍ରାର ପ୍ରତ୍ୟେକ ଟିକ୍‌ନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ପାର୍କିଙ୍ଗ, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି । ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି । ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି ।

ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ । ତେଣୁ ଟ୍ରେନର ସମୟ ଅନୁଯାୟୀ ଭକ୍ତ ମାନଙ୍କ ଆଗମନକୁ ଦେଖି ଯାତ୍ରୀମାନଙ୍କୁ ଉପଯୁକ୍ତ ସୂଚନା ପ୍ରଦାନ କରିବା, ଭିଡ ନିୟନ୍ତ୍ରଣ ସହିତ ଅନ୍ୟାନ୍ୟ ବ୍ୟବସ୍ଥାକୁ ସଠିକ ରୂପେ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ ।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏବଂ ବିଭିନ୍ନ ବିଭାଗର ସଚିବ ଓ ପୋଲିସ ଉଚ୍ଚ ପଦାଧିକାରୀ ଏବଂ ପୁରୀ ଜିଲ୍ଲାପାଳ ଓ ଏସ୍.ପି ଉପସ୍ଥିତ ଥିଲେ ।

## କାଗଜପତ୍ର...

ଏହି ସମୟରେ ଆବେଦନକାରୀ ପ୍ରଧାନବିଚାରପତିଙ୍କୁ ଗାଳି କରିବା ସହ କାଗଜପତ୍ର ଗୁଡିକୁ ଫୋପାଡି ଥିଲେ । ତୁରନ୍ତ ତାଙ୍କୁ ବାହାରକୁ ନେଇଯାଇଥିଲେ ଡିସିପି କୋର୍ଟ ରୁମରେ ତାଙ୍କୁ ଅଟକ ରଖାଯାଇଥିଲା । ତେବେ ଏତେ ଘଟଣା ପରେ ବି ଖଣ୍ଡପୀଠ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇନାହାନ୍ତି । ଜଷ୍ଟିସ ବିଶ୍ୱନାଥନ କହିଛନ୍ତି ଯେ, ଆମେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଦେଉନାହିଁ । କେସରେ ଥିବା ତଥ୍ୟକୁ ଆଧାର କରି ଆମେ ରେକର୍ଡ ଯାଞ୍ଚ କରିବୁ । ଯାହା ଲାଗୁଛି ସେ ଅତ୍ୟନ୍ତ ବିଚଳିତ ଥିଲେ । ସବୁ ଦିଗରୁ ବିଫଳ ହୋଇ ସେ ଅବସାଦରେ ଅଛନ୍ତି । ଆମେ କେବଳ ତାଙ୍କୁ ସହାନୁଭୂତି ଦେଖାଉଛୁ ।

## ରାକ୍ଷୀ...

ସମନ୍ୱୟ ଆଦି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଯାଇଥିବା ସମସ୍ତ ଆବେଦନର ପ୍ରକ୍ରିୟାକୁ ଚଳିତମାସ ୨୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ସହ ଏହାର ଅଗ୍ରଗତିକୁ ଦୈନିକ ଭିତ୍ତିରେ ସମୀକ୍ଷା କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଭୁଲ, ସ୍ୱଚ୍ଛ ଓ ସୁଚାରୁରୂପେ ସୁଭଦ୍ରା ଯୋଜନାର କିସ୍ତି ପ୍ରଦାନ ସୁନିଶ୍ଚିତ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ କ୍ଷେତ୍ରସ୍ତରୀୟ ଅଧିକାରୀ, ସମ୍ପୃକ୍ତ ବିଭାଗ ଏବଂ ବ୍ୟାଙ୍କିଙ୍ଗ ସଂସ୍ଥାଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରସ୍ତୁତି ସମୟ ଅବଧିରେ ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ସୁଭଦ୍ରା ଯୋଜନାର ଆଗାମୀ କାର୍ଯ୍ୟପନ୍ଥା ଏବଂ ଆବେଦନଗୁଡ଼ିକର ସାମ୍ପ୍ରତିକ ସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।

ସୂଚନାଯୋଗ୍ୟ ଯେ, ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧,୧୫,୭୫,୬୩୩ଟି ଆବେଦନ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩,୧୭,୯୬୬ଟି ନୂତନ ଆବେଦନ ପ୍ରାପ୍ତ ହୋଇଛି । ସମସ୍ତ ଯାଞ୍ଚ ଓ ଯୋଗ୍ୟତା ନିର୍ଣ୍ଣୟ ପରେ ୧,୦୨,୦୪,୩୯୬ ଜଣ ସମ୍ଭାବ୍ୟ ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚରେ ମୃତ୍ୟୁ ନିଶ୍ଚିତ ହୋଇଥିବା ୫,୨୭୭ ଜଣ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ୧,୦୧,୯୯,୧୧୯ ଜଣଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି ।

ଏହି ଅବସରରେ ସୁଭଦ୍ରା ଯୋଜନାର ସାମଗ୍ରିକ ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା । ଏପର୍ଯ୍ୟନ୍ତ ଚାରୋଟି କିସ୍ତିରେ ୨୦,୬୪୮.୬୩ କୋଟି ଟଙ୍କା ଡିବିଟି ମାଧ୍ୟମରେ ୧ କୋଟିରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି । ସେହିପରି ପଞ୍ଜିକୃତ ୨,୬୮,୩୯୬ଟି ଅଭିଯୋଗର ସମାଧାନ କରାଯାଇଛି । ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀଙ୍କ ସମେତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ) ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

## ବିଳମ୍ବ...

ତେବେ ଆସନ୍ତା ୨୧ ତାରିଖରେ ଆଭାଷୀ ମାଧ୍ୟମରେ ଏକ ବୈଠକ ଡକାଯାଇଛି । ନିର୍ବାଚନ କମିଶନ ସବୁ ଜିଲ୍ଲାପାଳଙ୍କ ସହ ଏ ନେଇ ଆଲୋଚନା କରିବେ ।

# ସାରର ଅଭାବ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ନୀଳଗିରି, (ସବ୍ୟୁ) : ନୀଳଗିରିରେ ଚଳିତ ମୌସୁମୀ ବର୍ଷା ବହୁ ବିଳମ୍ବରେ ଆସିଥିବା ବେଳେ ନୀଳଗିରିରେ ଚାଷୀ କୂଳ ଏବେ ଧାନ ତଳି ପକାଉଛନ୍ତି । ଏବେ ଡି ଏ ପି ଓ୍ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି । କୌଣସି ସୋସାଇଟୀ କିମ୍ବା ନିଳଗିରି ଲ୍ୟାମ୍ପରେ ସାର ନଥିବା ବେଳେ ତୁରନ୍ତ ସାର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ପରକୀୟା ପ୍ରୀତିକୁ କେନ୍ଦ୍ରକରି ଆକ୍ରମଣ ଅଭିଯୋଗ

ବାଲେଶ୍ୱର (ସବ୍ୟୁ) : ପରକୀୟା ପ୍ରୀତିକୁ କେନ୍ଦ୍ରକରି ଭୋଗରାଇ ବ୍ଲକ୍ କମର୍ଦ୍ଦା ଛକରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଛି । ଗବଗାଁ ଅଞ୍ଚଳ ଏହି ଯୁବକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଏନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଭୋଗରାଇ ବ୍ଲକ୍ କୁସୁଡ଼ା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ଗବଗାଁ ଅଞ୍ଚଳର ଉକ୍ତ ଯୁବକଙ୍କର ପ୍ରେମ ସମ୍ପର୍କ ଥିଲା । ସେମାନେ କମର୍ଦ୍ଦା ବଜାରକୁ ଆସିଥିବା ବେଳେ ମହିଳା ଜଣକ ଏକ ଦୋକାନକୁ ଜୋତା କିଣିବାକୁ ଯାଇଥିଲେ । ତେବେ ସେମାନଙ୍କୁ ପିଛା କରୁଥିବା ମହିଳାଙ୍କ ସ୍ୱାମୀ ଓ ବାପା ସେଠାରେ ପହଞ୍ଚି ମହିଳାଙ୍କ ପ୍ରେମିକଙ୍କୁ ମାଡ଼ ମାରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରକ୍ତ ଜୁଡୁବୁଡୁ ଅବସ୍ଥାରେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଏପଟେ ମହିଳା ଜଣକ କମର୍ଦ୍ଦା ଥାନାରେ ନିଜ ସ୍ୱାମୀ ଓ ବାପାଙ୍କ ବିରୋଧରେ ଏତଲା ଦେଇଛନ୍ତି । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ଅନାଥ ନାବାଳକଙ୍କୁ ସହାୟତା ପ୍ରଦାନ

ବାଲେଶ୍ୱର (ସବ୍ୟୁ): ଭୋଗରାଇ ବ୍ଲକ୍ ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତରଫରୁ ନିମାତପୁର ଗ୍ରାମର ବାପମାଆ ଛେଉଣ୍ଡ ଦୁଇ ଅନାଥ ନାବାଳକଙ୍କୁ ନଗଦ ୧୦ ହଜାର ଟଙ୍କା ସହ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି । ଡାକ୍ତର ଚିନ୍ମୟ କୁମାର ପରିଡ଼ା ଓ ଆୟୁଷ ଡାକ୍ତର କମଳାକାନ୍ତ ଗିରିଙ୍କ ସହ ହସ୍ପିଟାଲର ସମସ୍ତ କର୍ମଚାରୀ ନିଜ ଅନାଥ ପିଲା ଦୁଇଟିଙ୍କୁ ଏହି ସହାୟତା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ୧୧ ମାସ ତଳେ ସାପ କାମୁଡ଼ାରେ ମାଆ ମୃତ୍ୟୁବରଣ କରିଥିବା ବେଳେ ୧୬ ଦିନ ତଳେ ବାପା ବନମାଳୀ ଜେନା ଯକୃତ ରୋଗରେ ମୃତ୍ୟୁବରଣ କରିଥିଲେ । ଏହାପରଠୁ ୨ ନାବାଳକ ବେସାହାରା ହୋଇପଡ଼ିଛନ୍ତି ।

# ପୁଟୁରାକୁ ପଞ୍ଚାୟତ କରାଯିବା ନିମନ୍ତେ ଦାବି

ବାଲେଶ୍ୱର, (ସବ୍ୟୁ) : ବସ୍ତା ବ୍ଲକ୍ ଅନ୍ତର୍ଗତ ପୁଟୁରା ପଞ୍ଚାୟତର ପୁନର୍ଗଠନ ଦାବି ଜୋର୍ ଧରିଛି । ଦୀର୍ଘଦିନ ଧରି ପଞ୍ଚାୟତ ବିଭାଜନ ଦାବି କରି ଆସୁଥିବା ସେ%୦ ସରକାରଙ୍କ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ପୁଟୁରା ଏକ ବଡ଼ ପଞ୍ଚାୟତ ହୋଇଥିବା ବେଳେ ଏହା ଅଧୀନ ଦୁଦୋକୁଟ, ତେନ୍ତୁଳା, ବାସୁଳିଦିଘା, ଖୁଦୁରଦୁଦୋକୁଟ, ବାହାଦୁଲପୁର, ଆକନ୍ଦି,ବାଲିସାହି, ପୁଟୁରା, କଳସାହି, ବାଲିସାହି, ତଳ ପଦାସାହି, କମାରଗଡ଼ିଆ, ଗୁହାଳିପଦା, ଚାଫଳା ଓ ତୁବୁଳିଆ ଭଳି ବହୁ ଗ୍ରାମ ରହିଛି । ବିଶାଳ ଭୌଗୋଳିକ ପରିସର ଯୋଗୁଁ ସାଧାରଣ ଲୋକ ବିଭିନ୍ନ ପ୍ରଶାସନିକ ଓ ବିକାଶମୂଳକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୁଟୁରା ପଞ୍ଚାୟତର ପୁନର୍ଗଠନ କରାନଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଗଠନର ମୁଖ୍ୟ ଆବାହକ ଅଜୟ କୁମାର ପାଳ କହିଛନ୍ତି ।


**ଦ ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପାଇଁ କାର୍ଯ୍ୟ କରୁଥିବା ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ଜି) / ଚକ୍ରଧରପୁର, ଏକକ ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯିବ ନାହିଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । କ୍ର.ନଂ, ଇ-ଟେଣ୍ଡର ନୋଟିସ୍ ନଂ. ଏବଂ ତାରିଖ ଏବଂ କାର୍ଯ୍ୟର ନାମ ନିମ୍ନରେ ପ୍ରଦତ୍ତ: ୧.୧୫-ଇଏଲ-ଜ୍ୟୁଟି-୨୦୨୬-୨୭,ତାରିଖ ୦୯.୦୭.୨୦୨୬ । ଚକ୍ରଧରପୁର ଡିଭିଜନରେ କର୍ମଚାରୀ କ୍ୱାର୍ଟରରେ ଉପଯୁକ୍ତ ବୈଦ୍ୟୁତିକ ସୁରକ୍ଷା ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ଟ. ୫,୯୭,୭୨,୭୨୩.୩୨/- । ଇଏମଡି : ଟ୧୧,୯୫,୫୦୦/- । ୨. ୧୬-ଇଏଲ-ଜ୍ୟୁଟି-୨୦୨୬-୨୭, ତାରିଖ ୦୯.୦୭.୨୦୨୬ । ରାଉରକେଲାରେ ପୁରୁଣା ଆରଆରଆଇ କ୍ୟାବିନକୁ ବୁ ଇଭି ଏବଂ ପୁରୁଣା ଗୋଦାମକୁ ରନିଂ ରୁମରେ ପରିବର୍ତ୍ତନ କରିବା ପାଇଁ ଇଲେକ୍ଟ୍ରିକାଲ୍ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ୧୧,୧୨,୩୬୬.୮୩/- । ଇଏମଡି: ଟ. ୨୨,୪୦୦/- । ୩. ୧୭-ଇଏଲ-ଜ୍ୟୁଟି-୨୦୨୬-୨୭, ତାରିଖ ୦୯.୦୭.୨୦୨୬ । ଝାରସୁଗୁଡ଼ାରେ ମହିଳା ଆରପିଏଫ ଟ୍ରେନ ଏସ୍କର୍ଟିଂ ଷ୍ଟାଫଙ୍କ ପାଇଁ ୧୦ ଶଯ୍ୟା ବିଶିଷ୍ଟ କ୍ଷମତା ବିଶିଷ୍ଟ ବିଶ୍ରାମାଗାର ନିର୍ମାଣ ପାଇଁ ଇଲେକ୍ଟ୍ରିକାଲ୍ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ଟ ୨,୬୦,୬୬୬.୮୬/- । ଇଏମଡି: ଟ. ୫,୨୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ ତଳାରେ: ପ୍ରତ୍ୟେକ ପାଇଁ କୌଣସି ନାହିଁ । ବନ୍ଦ/ଖୋଲିବା ତାରିଖ: ୧୦.୦୮.୨୦୨୬ ଦିନ ୧୫.୦୦ ଘଣ୍ଟା ପ୍ରତ୍ୟେକ । ଟେଣ୍ଡରଟି ୱେବସାଇଟ୍ http:// www.ireps.gov.in ରେ ଦେଖାଯାଇ ପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ ।

(PR-466)

**AFFIDAVIT**

By virtue of an affidavit sworn before the Executive Magistrate Basudevpur. I Jagannath Parida aged about 43 years s/o Pulin Parida Village-Nanda Patana P.O. Balimunda, Dist- Bhadrak.That my name is Jagannath Parida which is mentioned in my Adharcard no.9178 2338 3675 .But in my LIC Policy bearing policy.no. 586236103 where my name is Tikan Parida.That Jagannath Parida and Tikan Parida s/o-Pulin Parida is same & one person in same locality.

Sd/- Jagannath Parida

**AFFIDAVIT**

By virtue of an affidavit sworn before the Executive Magistrate Basudevpur. I Balaram Parida aged about 45 years s/o Pulin Parida Village-Nanda Patana P.O. Balimunda, Dist- Bhadrak.That my name is Balaram Parida which is mentioned in my Adhar card no.6875 2034 5153 .But in my LIC Policy bearing policy.no.585937279 where my name is Khokun Parida.That Balaram Parida and Khokun Parida s/o-Pulin Parida is same & one person in same locality.

Sd/- Balaram Parida

**OFFICE OF THE DIRECTOR, CAPITAL HOSPITAL BHUBANESWAR** 10001/350/2627

ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର

Email. director.chb@gmail.com Ph. (0674)-2391983/85/79

Order No. : 7497/DCH Bhubaneswar, Date : 10/07/2026

**TENDER CALL NOTICE**

Sealed tender are invited from reputed registered firm/ company for providing to undertake Paramedics, Nursing Officer & other Techno Managerial Services at Capital Hospital, Bhubaneswar for a period of three (3) years (initially for a period of one year which shall be renewed on a yearly basis based on satisfactory service of the service provider as per due assessment) through courier service/ speed post/ registered post only. For details, please visit our website: www.capitalhospital.nic.in . Selection would be on the basis of the bidder who would quote the lowest price.

The details of last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Yours faithfully
Sd/- Dr. Rupabhanu Mishra
Director
Capital Hospital, Bhubaneswar

OIPR : 10001/10078/1/26-27/0006

**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**

2nd Corrigendum to Tender call Notice (eerw_kpd@yahoo.com)

25001/701/2627

No- Tender Online RWD/KPD - 02 of 2026-27, Dated:- 11.06.2026

Due to unavoidable circumstances the change as detailed below are hereby made in the above NIT.

1. Period of availability of tenders on line / Date of time of bidding online / Date of opening of tender papers. : The details are as follows.

| Procurement Officer | Place of Opening | Availability of tender online for bidding | | Last date and time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Division, Kendrapara | Office of the Superintending Engineer, Rural Works Division, Kendrapara | 17.07.2026 At-5.00 P.M. | 28.07.2026 Up to 5.00 P.M. | Up to 5.00 P.M. on 27.07.2026 | 29.07.2026 at 11.00 A.M. | The date will be intimated to the technically qualified bidders later on |

1. All other terms and conditions of the said Tender call Notice shall remain unaltered.

Sd/- Superintending Engineer
Rural Works Division, Kendrapara

OIPR : 25001/25064/1/26-27/0006

**ସଙ୍ଗୀତ ନାଟକ ଏକାଡେମୀ Sangeet Natak Akademi**

ଜାତୀୟ ସଙ୍ଗୀତ, ନୃତ୍ୟ ଏବଂ ନାଟକ ଏକାଡେମୀ
ରବିନ୍ଦ୍ର ଭବନ, ୩୫ ଫିରୋଜ ଶାହ ରୋଡ୍,
ନୂଆଦିଲ୍ଲୀ - ୧୧୦ ୦୦୧
ଟେଲିଫୋନ୍: ୦୧୧-୨୩୩୮୭୬୪୮, ୨୩୩୮୭୨୪୬, ୨୩୩୮୭୨୪୭, ୨୩୩୮୭୨୪୮
ଇମେଲ୍: mail@sangeetnatak.gov.in

**ନିଯୁକ୍ତି ପାଇଁ ବିଜ୍ଞାପନ**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ, ସଙ୍ଗୀତ ନାଟକ ଏକାଡେମୀ (ଏସ୍‌ଏନ୍‌ଏ) ଏକାଡେମୀରେ ନିମ୍ନଲିଖିତ ପଦବୀ ପୂରଣ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ତିନି ବର୍ଷ ପାଇଁ ଡେପୁଟେସନ୍ ଆଧାରରେ ବଦଳି କରି ଆବେଦନ ଆହ୍ୱାନ କରୁଛି ।

| ପଦବୀର ନାମ | ପଦବୀ ସଂଖ୍ୟା | ବେତନ ମାଟ୍ରିକ୍ସ |
|---|---|---|
| ଉପସଚିବ (ପ୍ରଶାସନ) | ୦୧ | ବେତନ ସ୍ତର-୧୧ |
| ଉପସଚିବ (ଅର୍ଥ ଏବଂ ହିସାବ) | ୦୧ | ବେତନ ସ୍ତର-୧୧ |
| ଅଡିଟ୍ ଅଧିକାରୀ | ୦୧ | ବେତନ ସ୍ତର-୭ |

ପଦବୀ ପାଇଁ ଆବଶ୍ୟକତା ଏବଂ ଅନ୍ୟାନ୍ୟ ବିବରଣୀ ଏସ୍‌ଏନ୍‌ଏ ୱେବସାଇଟ୍: www.sangeetnatak.gov.inରେ ଉପଲବ୍ଧ । **ଆଗ୍ରହୀ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଫର୍ମାଟରେ ଉପଯୁକ୍ତ ଚ୍ୟାନେଲ ମାଧ୍ୟମରେ ସେମାନଙ୍କ ଆବେଦନପତ୍ର ସହିତ ଗତ ୫ ବର୍ଷର ସତର୍କତା କ୍ଲିୟରାନ୍ସ ଏବଂ ଏସିଆର/ଏପିଏଆର ସଚିବ, ସଙ୍ଗୀତ ନାଟକ ଏକାଡେମୀ, ରବିନ୍ଦ୍ର ଭବନ, ୩୫ ଫିରୋଜ ଶାହ ରୋଡ୍, ନୂଆଦିଲ୍ଲୀ-୧୧୦୦୦୧ ରେ ଦାଖଲ କରିପାରିବେ । ସଙ୍ଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀରେ ଆବେଦନପତ୍ର ଗ୍ରହଣ କରିବାର ଶେଷ ତାରିଖ ହେଉଛି ୩୧ ଅଗଷ୍ଟ ୨୦୨୬ ।**

ଏକାଡେମୀ ଯେକୌଣସି / କିମ୍ବା ସମସ୍ତ ଆବେଦନପତ୍ରକୁ କୌଣସି କାରଣ ନ ଦର୍ଶାଇ ଯେକୌଣସି ସମୟରେ ପ୍ରତ୍ୟାଖ୍ୟାନ କରିବାର କିମ୍ବା କାର୍ଯ୍ୟପନ୍ଥା / ନିଯୁକ୍ତି ବାତିଲ କରିବାର ଅଧିକାର ସଂରକ୍ଷଣ କରେ ।

ସଚିବ
ସଂଗୀତ ନାଟକ ଏକାଡେମୀ
ନୂଆଦିଲ୍ଲୀ

cbc 09114/11/0004/2627

**AFFIDAVIT**

By virtue of an affidavit sworn in the Court of Executive Magistrate Bhadrak No. 7334 / Dt. 19.06.2026. I Smt. Jayanti Behera, W/o- Ranjan Behera changed my name from Jayanti Behera to Priti Behera. Henceforth I will be known as Priti Behera for all purpose.

**AFFIDAVIT**

By Virtue of an affidavit sworn before the Executive Magistrate Barbil, Jajpur. I, Priyabrata Kantha, S/o- Biranchi Narayan Kantha, Resident of At/Po- Balibili, Ps- Bari Ramachandrapur, Dist- Jajpur, Odisha, Pin- 755003. Declare that this affidavit no. 1598, Dated. 06.07.2026, I have changed my minor daughter's name from Sowam Prava Kantha to Sowyam Prava Kantha. Henceforth, She shall be known as **Sowyam Prava Kantha** for all purposes.

Sd/- Priyabrata Kantha

**OFFICE OF THE DIRECTOR, CAPITAL HOSPITAL BHUBANESWAR** 10001/348/2627

ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର

Email. director.chb@gmail.com Ph. (0674)-2391983/85/79

Order No. : 7495/DCH Bhubaneswar, Date : 10/07/2026

**TENDER CALL NOTICE**

Sealed tender are invited from reputed cafeteria service providers in Herbal Garden of Capital Hospital, Bhubaneswar for a period of one (1) year through courier service/ speed post/ registered post only. For details, please visit our website: www.capitalhospital.nic.in . Selection would be on the basis of the bidder who would quote the highest monthly rent.

The details of last date & time of receipt of tender, date & time of opening of tender, venue etc. are as mentioned in the bid documents. The undersigned reserves the right to reject or cancel any or all the tender without any reason thereof.

Yours faithfully,
Sd/- Dr. Rupabhanu Mishra
Director
Capital Hospital, Bhubaneswar

OIPR : 10001/10078/1/26-27/0005

**Office of the Executive Engineer, Support Services Division,**
2nd Floor, Dam Safety Building, Secha Sadan, Bhubaneswar - 751001.
E-mail:eessdivision@gmail.com.

32001/526/2627

**QUOTATION CALL NOTICE NO. 04/2026-27**

Sealed quotations are invited from eligible Firms, Suppliers and Dealers etc.to supply the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 20.07.2026, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 13.07.2026 to 03.00 PM of 20.07.2026 on payment of Rs. 100/- (Rupees One Hundred) only.

| Sl. No. | Name of Work | Item | Paper Cost (Non-Refundable) | Quotation Call Notice No |
|---|---|---|---|---|
| 1 | Supply of Air Conditioner's for the Room no. 340(Budget & AC-I| Branch) Room no 302 and New Conference Hall (Ground Floor) O/o The Engineer -in-Chief Water Resources Bhubaneswar. | 1 No. | Rs. 100.00 | 04(1)/2026-27 |

Sd/- Executive Engineer,
Support Services Division,
Bhubaneswar

OIPR : 32001/32447/1/26-27/0004

Phone No. : 06756 253091
Email Id : ulbnac.banpur@gmail.com

**ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର**

ପତ୍ର ସଂଖ୍ୟା ୬୯୭, ତାରିଖ : ୦୯/୦୭/୨୦୨୬

13001/1145/2627

**ବିଜ୍ଞାପନ**

ଏତଦ୍ୱାରା ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅନ୍ତର୍ଗତ ଇଚ୍ଛୁକ ବ୍ୟକ୍ତିବିଶେଷ / ଅନୁଷ୍ଠାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଠାରୁ ପାର୍କିଂ ଫିସ୍ ଆଦାୟ ନିମନ୍ତେ ଆର୍ଥିକ ବର୍ଷ ୨୦୨୬-୨୭ ତା. ୦୧.୦୮.୨୦୨୬ ଠାରୁ ତା. ୩୧.୦୭.୨୦୨୭ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷ / ଅନୁଷ୍ଠାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ତା.୧୦.୦୭.୨୦୨୬ ଠାରୁ ତା. ୨୨.୦୭.୨୦୨୬ ରିଖ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ହେବ ।

ସର୍ତ୍ତାବଳୀ :

କ. ଧାର୍ଯ୍ୟ ଦେୟ ମୂଲ୍ୟ ବାର୍ଷିକ ୨,୫୦,୦୦୦/- (Rs. 2,50,000/- per annum)
ଖ. ଅଗ୍ରୀମ ରାଶି ଶତକଡା ୫୦% ଭାଗ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ପୈଠ କରିବେ ।
ଗ. ଅବଶିଷ୍ଟ ବକେୟା ରାଶି ଚୁକ୍ତି ସାରିବାର ୧ ମାସ ପୂର୍ବରୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ।
ଘ. ଚୁକ୍ତି ପ୍ରାପ୍ତ ବ୍ୟକ୍ତିବିଶେଷ / ଅନୁଷ୍ଠାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୋହସ୍ତାକ୍ଷରୀଙ୍କ ଅଜ୍ଞାତସାରରେ କୌଣସି ବର୍ଦ୍ଧିତ ପାର୍କିଂ ଫିସ ଆଦାୟ କରିପାରିବେ ନାହିଁ ।
ଙ. ଯଦି ଚୁକ୍ତି ପ୍ରାପ୍ତ ବ୍ୟକ୍ତିବିଶେଷ / ଅନୁଷ୍ଠାନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ କିଛି ନିୟମ ବିରୁଦ୍ଧ କାର୍ଯ୍ୟକ୍ରମ ଗ୍ରହଣ କରନ୍ତି ତେବେ ପରିଷଦ ଅଧିକାରୀଙ୍କ ଚୁକ୍ତି ରଦ୍ଦ କରିବାରେ କ୍ଷମତା ରହିଛି ।

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

OIPR : 13001/13177/1/26-27/0006

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୧୪୬୯୨/ଭୁ.ଉ.କ., ଭୁବନେଶ୍ୱର ତା.୦୭.୦୭.୨୦୨୬ ରିଖ
CPL-II(GF&FF)-85/92

13001/1143/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-S-2-84-85 (L.I.G-GF&FF)କୁ କେ.ସାବିତ୍ରୀ, ପିତା-କେ.ଆରିଆ, ଗ୍ରାମ/ପୋଷ୍ଟ/ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ କେ.ସାବିତ୍ରୀ ତା. ୧୦.୦୩.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No.9332/2020 dated. 24.11.2020)

Legal heir certificate No. E-LHC/2021/04374 dated. 10.02.2021 ଅନୁଯାୟୀ କେ.ସାବିତ୍ରୀଙ୍କର ଉତ୍ତରାଧିକାରୀ ସ୍ୱାମୀ- ରାଧାଶ୍ୟାମ ସାହୁ ଅଟନ୍ତି ।

ଉକ୍ତ ଉତ୍ତରାଧିକାରୀଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନାସତ୍ୱ ରାଧାଶ୍ୟାମ ସାହୁଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR : 13001/13033/1/26-27/0094



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୩୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ ତମ ପ୍ରତିଷ୍ଠା ଦିବସ ଆଜି

# ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ବଳରାମ ପାଇବେ 'ଫକୀର ମୋହନ ଜାତୀୟ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ୧୧ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହେବାକୁ ଯାଉଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ, ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷର 'ଫକୀରମୋହନ ଜାତୀୟ ସାହିତ୍ୟ ପୁରସ୍କାର-୨୦୨୬' ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ସାମ୍ବାଦିକ ଓ ସାହିତ୍ୟ ପତ୍ରିକା ସମ୍ପାଦକ ବଳରାମ (ବଳରାମ ପ୍ରେମ ନାରାୟଣ)ଙ୍କୁ ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପୁରସ୍କାର ଘୋଷଣା କରି କହିଛନ୍ତି ଯେ, ହିନ୍ଦୀ ଭାଷା ଓ ସାହିତ୍ୟ ପ୍ରତି ଶ୍ରୀ ବଳରାମଙ୍କର ଅସାଧାରଣ ଅବଦାନ ଏବଂ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଦୀର୍ଘଦିନର ସୃଜନଶୀଳ ଭୂମିକାକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ଓଡ଼ିଆ କଥାସାହିତ୍ୟର ଯୁଗପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସ୍ମୃତିରେ ପ୍ରତିଷ୍ଠିତ ଏହି ସମ୍ମାନ ସହ ଏକ ପ୍ରଶସ୍ତିପତ୍ର ଏବଂ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯିବ।



ଉତ୍ତରପ୍ରଦେଶର କାନପୁର ଜିଲ୍ଲାର ଭୌପୁର-ବିଠୁର ଗ୍ରାମରେ ୧୫ ନଭେମ୍ବର ୧୯୫୧ରେ ଜନ୍ମିତ ଶ୍ରୀ ବଳରାମ ସମକାଳୀନ ହିନ୍ଦୀ କଥାସାହିତ୍ୟର ଅନ୍ୟତମ ପ୍ରମୁଖ ସ୍ରଷ୍ଟା। ସାମାଜିକ ବାସ୍ତବତା ଓ ଗ୍ରାମୀଣ ଜୀବନର ସ୍ପନ୍ଦନକୁ ନିଜ ସୃଜନରେ ସଫଳତାର ସହ ଉପସ୍ଥାପନ କରି ସେ ହିନ୍ଦୀ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପ୍ରତିଷ୍ଠା ଦିବସ ଅବସରରେ 'ବ୍ୟାସ ଗୌରବ ସମ୍ମାନ-୨୦୨୬' ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଏବଂ ଭଦ୍ରକର ବିଶିଷ୍ଟ ସାହିତ୍ୟିକ ଡଃ ସୋମା ଚାନ୍ଦଙ୍କୁ ପ୍ରଦାନ କରାଯିବ। ଯୁବ କଥାସାହିତ୍ୟିକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରବର୍ତ୍ତିତ 'ଫକୀର ମୋହନ ବିଶ୍ୱବିଦ୍ୟାଳୟ ଯୁବ ଗଳ୍ପିକା ସମ୍ମାନ-୨୦୨୬' ବାଲେଶ୍ୱରର ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ ପ୍ରଦାନ କରାଯିବ। ଉଦୀୟମାନ କଥାସାହିତ୍ୟିକଙ୍କୁ ପ୍ରୋତ୍ସାହନ ଦେବା ପାଇଁ 'ମନୋଜାୟନ' ପକ୍ଷରୁ ପ୍ରାୟୋଜିତ 'ମନୋଜ ନବପ୍ରତିଭା କଥା ପୁରସ୍କାର-୨୦୨୬' ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ବାବୁଲ କୁମାର କବିଙ୍କୁ ପ୍ରଦାନ କରାଯିବ। ଓଡ଼ିଶା ଆସୋସିଏସନ୍ ଫର୍ ଇଂଲିଶ୍ ଷ୍ଟଡିଜ୍ ପକ୍ଷରୁ ପ୍ରାୟୋଜିତ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୬' କବୟିତ୍ରୀ ସୋନାଲି ନାୟକଙ୍କୁ ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରବର୍ତ୍ତିତ 'ଡଃ ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର' ରାଜଲକ୍ଷ୍ମୀ ବେହେରାଙ୍କୁ ପ୍ରଦାନ କରାଯିବ।

ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେଇ ୨୦୨୪, ୨୦୨୫ ଓ ୨୦୨୬ ଶିକ୍ଷାବର୍ଷରେ ଏମ୍‌ବିବିଏସ୍ ପରୀକ୍ଷାର ମେଡିସିନ୍ ଏବଂ ସର୍ଜରୀ ବିଷୟରେ ସର୍ବାଧିକ ନମ୍ବର ହାସଲ କରିଥିବା ଛଅଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ। ମେଡିସିନ୍ ବିଭାଗରେ ତନୁ ମିଶ୍ରଲ, ତିଥି ପ୍ରକାଶ ଦଳାଇ ଓ ଅତିଶ୍ମା ଐଶ୍ୱର୍ଯ୍ୟଙ୍କୁ ଏବଂ ସର୍ଜରୀ ବିଭାଗରେ ପ୍ରୟାସ କୁମାର ଲେଙ୍କା, ଅଞ୍ଜନେୟ ଆଚାର୍ଯ୍ୟ ଓ ମୁଗ୍ଧା ପ୍ରିୟଦର୍ଶିନୀଙ୍କୁ ପୁରସ୍କୃତ କରାଯିବ। ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ପ୍ରତିଷ୍ଠା ଦିବସ ବକ୍ତୃତା ଶ୍ରୀ ବଳରାମ ପ୍ରେମ ନାରାୟଣ ପ୍ରଦାନ କରିବେ। ବାଲେଶ୍ୱର ଲୋକସଭାର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିବେ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ।

### ନବୀନ ପଟ୍ଟନାୟକଙ୍କ ସହ ମତ ବିନିମୟ କଲେ ସୁନ୍ଦରଗଡ ବିଜେଡ଼ି ନେତା ଓ କର୍ମୀ

# ପଞ୍ଚାୟତ ନିର୍ବାଚନରେ ବିଜେଡି ବିପୁଳ ବିଜୟ ଲାଭ କରିବ : ନବୀନ

ଭୁବନେଶ୍ୱର, (ସବ୍ୟୁ): ସୁନ୍ଦରଗଡର ବିଧାୟକ ତଥା ସୁନ୍ଦରଗଡ ବିଜୁ ଜନତା ଦଳର ସଭାପତି ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ସୁନ୍ଦରଗଡ ଜିଲ୍ଲାର ବିଜେଡି ନେତା ଓ ଶହ ଶହ କର୍ମୀ ଶୁକ୍ରବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ । ଓଡିଶା ବିଜେପି ସରକାର ଲୋକଙ୍କୁ ସେବା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଶ୍ରୀ ପଟ୍ଟନାୟକ ମତ ଦେବା ସହ ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ । ଦଳର ପ୍ରତି ନେତା ଓ କର୍ମୀ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ସମର୍ପଣ ଭାବରେ କାମ କଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ବିପୁଳ ବିଜୟ ଲାଭ କରିବ



ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ସାକ୍ଷାତ ସମୟରେ ରାଜଗାଙ୍ଗପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନଙ୍କ ସମେତ ସୁନ୍ଦରଗଡ, ତଲସରା ଓ ରାଜଗାଙ୍ଗପୁର ଅଞ୍ଚଳର ଜିଲ୍ଲା ପରିଷଦ ପ୍ରତିନିଧି, ବ୍ଲକ ଚେୟାରମ୍ୟାନ, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ଜିଲ୍ଲାର ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ । ପୂର୍ବରୁ ଶଙ୍ଖ ଭବନଠାରେ ସେମାନେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରି ଏକ ବିରାଟ ଶୋଭାଯାତ୍ରାରେ ନବୀନ ନିବାସ ଆସିଥିଲେ ।

## ଇସ୍କନର ମନମୁଖୀ କାର୍ଯ୍ୟ ଓଡ଼ିଆ ଜାତି ପାଇଁ ଚରମ ଅପମାନ: ଡ଼. ନାରାୟଣ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ): ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣର ଦାୟିତ୍ୱ ଆମ ସମସ୍ତଙ୍କର। ପୂଜ୍ୟ ଗଜପତି ମହାରାଜାଙ୍କ ଅନୁରୋଧକୁ ଇସ୍କନ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିବା ଅର୍ଥ ସମଗ୍ର ଓଡ଼ିଆ ଜାତି ପାଇଁ ଏହା ଅତ୍ୟନ୍ତ ଅପମାନଜନକ ଓ ନିନ୍ଦନୀୟ। ଏହି ପ୍ରସଙ୍ଗରେ ନିଜର ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ (ଇଣ୍ଡିଆ)ର ପ୍ରଚାରକ ଡ଼. ନାରାୟଣ ମହାପାତ୍ର ଇସ୍କନ ସଂଗଠନକୁ କଡ଼ା ସମାଲୋଚନା କରିଛନ୍ତି। ଡ଼. ମହାପାତ୍ର କହିଛନ୍ତି ଯେ, ଏଭଳି ବିଭ୍ରାଟରେ ଆମେ ଓଡ଼ିଆ ଜାତି ବିଚଳିତ ହେବା ଉଚିତ ନୁହେଁ। ଆମେ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଉତ



(ସେବକ) ଏବଂ ମହାପ୍ରଭୁ ହିଁ ଆମର ଏକମାତ୍ର ସମ୍ରାଟ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଉଲ୍ଲଂଘନ କରୁଥିବା ଇସ୍କନର ଏଭଳି ଅହଂକାରୀ ମନୋଭାବ ଯୋଗୁଁ ଆଗାମୀ ଦିନରେ ସେମାନଙ୍କର ବିନାଶ ସୁନିଶ୍ଚିତ। ଏହି ଅପମାନର ଉତ୍ତର ଆଜି ନହେଲେ କାଲି ମିଳିବା ସହ ଆମ ଉତ୍କଳର ନେତା ତଥା ସମ୍ରାଟ ଉଚିତ ସମୟରେ ଏହାର ପ୍ରତିଜବାବ ଦେବେ ବୋଲି ସେ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ଅଦିନ ରଥଯାତ୍ରା ଓ ପରମ୍ପରା ବିରୋଧୀ କାର୍ଯ୍ୟକୁ ନେଇ ଓଡ଼ିଆ ସ୍ୱାଭିମାନ ଉପରେ ହୋଇଥିବା ଏହି ଆଘାତ ବିରୋଧରେ ସମଗ୍ର ଜଗନ୍ନାଥ ପ୍ରେମୀ ଏକଜୁଟ ହେବାକୁ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ସଂଘବଦ୍ଧ ଆକ୍ରମଣ; ଯୁବକ ଗୁରୁତର, ୨ ଅଟକ

ଖୋର୍ଦ୍ଧା, (ସବ୍ୟୁ):ଖୋର୍ଦ୍ଧା ଗୋସାଳା ପଡିଆ ଠାରେ ଜଣେ ଯୁବକ କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣ ରେ ଯୁବକ ଗୁରୁତର ଆହତ ହୋଇଥିବାବେଳେ ପୁଲିସ ତାଙ୍କୁ ଉଦ୍ଧାର କରି ମେଡିକାଲ ରେ ଭର୍ତି କରିଛି। ଆହତ ଯୁବକ ଶିଳ୍ପାଂଚଳ ଥାନା ମୁକୁନ୍ଦ ପ୍ରସାଦ ଅଂଚଳ ର କାହ୍ନା ଦାସ। ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଅଟକ ରଖିଥିବାବେଳେ ମାରଣାସ୍ତ୍ର ଜବତ କରିଛି। ସୂଚନା ଅନୁସାରେ, ପ୍ରେମ ବ୍ୟାପାର କୁ କେନ୍ଦ୍ର କରି ଆଜି କାହ୍ନା କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। କାହ୍ନା ଜଟଣୀ ଅଂଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। କୌଣସି କାରଣ ରୁ ଉଭୟ ଙ୍କ ମଧ୍ୟ ରେ ତିକ୍ତତା ସୃଷ୍ଟି ହେବାରୁ ଝିଅ ର ଭାଇ ଏବଂ ସମ୍ପର୍କୀୟ ମାନେ ପୁଅ କୁ ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଗୋଶାଳା ପଡ଼ିଆରେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଆକ୍ରମଣ ରେ ଯୁବକ ର ମୁଣ୍ଡ , ମୁହଁ ଗୁରୁତର ଆଘାତ ଲାଗିଛି। ଖବର ପାଇ ଶିଳ୍ପାଂଚଳ ପୁଲିସ କାହ୍ନା କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ରେ ଭର୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏମସ୍ ସ୍ଥାନାନ୍ତର କରାଯାଇଛି। ଏନେଇ ରିପୋର୍ଟ ଲେଖାହେବା ଯାଏଁ ଥାନାରେ କୌଣସି ଅଭିଯୋଗ ହୋଇନଥିବାବେଳେ ପୁଲିସ ଏହି ଘଟଣା ଦୁଇଜଣଙ୍କୁ ଅଟକ ରଖି ମାରଣାସ୍ତ୍ର ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## କବାଟ ଭାଙ୍ଗି ଘରେ ପଶି ଛାତ୍ରୀଙ୍କୁ ଅପହରଣ , ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଧଉଳି ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଘରେ ବିଳମ୍ବିତ ରାତିରେ କବାଟ ଭାଙ୍ଗି ଦୁର୍ବୃତ୍ତ ଘର ଭିତରକୁ ପଶିବା ସହ ତାଙ୍କ ନବମ ଶ୍ରେଣୀ ପଢୁଥିବା ନାବାଳିକା ଝିଅକୁ ଅପହରଣ କରିନେଇଥିଲେ । ପରିବାର ସଦସ୍ୟଙ୍କୁ ମାଡ ମାରି ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ ।

ଚଳିତ ମାସ ୮ ତାରିଖ ରାତି ୧୨ଟା ବେଳେ ଅଭିଯୁକ୍ତ ବିଚିତ୍ରା ନନ୍ଦ ମହାପାତ୍ର ଅଭିଯୋଗକାରୀଙ୍କ ଘରକୁ ଆସି କବାଟ ବାଡେଇଥିଲା । ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ସେ ବଳପୂର୍ବକ କବାଟ ଭାଙ୍ଗି ଘର ଭିତରକୁ ଯିବା ସହ ତାଙ୍କ ଝିଅକୁ ବିବାହ କରିଥିବା କହି ସାଙ୍ଗରେ ନେଇଯିବାକୁ ଆସିଥିବା କହିଥିଲା । ଅଭିଯୋଗକାରିଣୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ନିଜ ସ୍କୁଟରରେ ଏକ କଟୁରୀ ଓ ଲୁହାରଡ ବାହାର କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ସେହି ସମୟରେ ଅଭିଯୁକ୍ତଙ୍କ ବାପା ଆନ୍ତର୍ଯ୍ୟାମି ମହାପାତ୍ର ଓ ଦାଦା ମନମୋହନ ମହାପାତ୍ର ଓରଫ ମନୁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରିଣୀଙ୍କୁ ମାଡ ମାରିଥିଲେ । ପରେ ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ନବମ ଶ୍ରେଣୀରେ ପଢୁଥିବା ଝିଅକୁ ସାଙ୍ଗରେ ନେଇ ପଳାଇଯିବା ସହ ହତ୍ୟା କରିଦେବାକୁ ଧମକ ଦେଇଥିଲେ ।

ଅଭିଯୁକ୍ତ ବିଶ୍ୱନାଥ ମହାପାତ୍ର ଓ ମନମୋହନ ମହାପାତ୍ରଙ୍କୁ କାବୁ କରାଯାଇଥିଲା । ତଦନ୍ତରୁ ଜଣାପଡିଥିଲା ଯେ, ଅଭିଯୋଗକାରିଣୀଙ୍କ ନାବାଳିକା ଝିଅକୁ ପୂର୍ବରୁ ଅଭିଯୁକ୍ତ ବିଶ୍ୱନାଥ ଅପହରଣ କରି ନେଇଥିଲା ।

## ଏମ୍ସ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ଇସିଏଚ୍‌ଏସ୍ ଭୁବନେଶ୍ୱର ସହିତ ସଶକ୍ତ ହୋଇଛି

ଭୁବନେଶ୍ୱର (ସବ୍ୟୁ): ସଶସ୍ତ୍ର ବାହିନୀର ପୂର୍ବତନ ସୈନିକ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବା ଦିଗରେ ଏକ





ପ୍ରମୁଖ ପଦକ୍ଷେପ ସ୍ୱରୂପ, ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱରକୁ ୯ ତାରିଖରେ ଏମ୍ସ ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ଆନୁଷ୍ଠାନିକ ଭାବରେ ଆଞ୍ଚଳିକ କେନ୍ଦ୍ର, ପୂର୍ବତନ ସୈନିକ ଅବଦାନକାରୀ ସ୍ୱାସ୍ଥ୍ୟ ଯୋଜନା (ଇସିଏଚ୍‌ଏସ୍), ଭୁବନେଶ୍ୱର ସହିତ ତାଲିକାଭୁକ୍ତ କରାଯାଇଥିଲା । ଲେଫ୍ଟନାଣ୍ଟ ଜେନେରାଲ ଏଚ୍. ଏସ୍. ଭାଦ୍ରାଙ୍କ ଉପସ୍ଥିତିରେ ଆରସି ଇସିଏଚ୍‌ଏସ୍ ଭୁବନେଶ୍ୱରର ନିର୍ଦ୍ଦେଶକ କର୍ଣ୍ଣେଲ ଜୟପାଲ ଏବଂ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧୀନରେ ୨୦୧୨ ମସିହାରେ ପ୍ରତିଷ୍ଠିତ, ଏମ୍ସ ଭୁବନେଶ୍ୱର ପୂର୍ବ ଭାରତର ପ୍ରମୁଖ ତୃତୀୟସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି, ଯାହା ବିଶ୍ୱସ୍ତରୀୟ ରୋଗୀ ସେବା, ଚିକିତ୍ସା ଶିକ୍ଷା ଏବଂ ଗବେଷଣା ପ୍ରଦାନ କରୁଛି । ଏହି ତାଲିକାଭୁକ୍ତ ହେବା ଦ୍ୱାରା ସମଗ୍ର ଓଡ଼ିଶାରେ ପ୍ରାୟ ୧.୨ ଲକ୍ଷ ପୂର୍ବତନ ସୈନିକ, ବୀର ନାରୀ ଏବଂ ଯୋଗ୍ୟ ଆଶ୍ରିତମାନେ ଇସିଏଚ୍‌ଏସ୍ ଅଧୀନରେ ଉନ୍ନତ ନଗଦହୀନ ଚିକିତ୍ସା ପାଇପାରିବେ । ସମାବେଶକୁ ସମ୍ବୋଧନ କରି ଲେଫ୍ଟନାଣ୍ଟ ଜେନେରାଲ ଏଚ୍.ଏସ୍. ଭାଦ୍ରା କହିଛନ୍ତି ଯେ ଏହି ତାଲିକାଭୁକ୍ତ ପୂର୍ବତନ ସୈନିକଙ୍କ ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ଏହି ସହଭାଗୀତା ଦେଶ ସେବା କରିଥିବା ଲୋକଙ୍କ ପାଇଁ ଗୁଣାତ୍ମକ ବିଶେଷଜ୍ଞ ଚିକିତ୍ସା ପାଇଁ ସମୟୋଚିତ ଉପଲବ୍ଧତା ସୁନିଶ୍ଚିତ କରିବ। ଏହି ସମାରୋହରେ ବରିଷ୍ଠ ସାମରିକ ଅଧିକାରୀ, ଅଧ୍ୟାପକ ଏବଂ ଏମ୍ସ ଭୁବନେଶ୍ୱରର ବରିଷ୍ଠ ଅଧିକାରୀ, ଆରସି ଇସିଏଚ୍‌ଏସ୍ ଭୁବନେଶ୍ୱରର ପ୍ରତିନିଧ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡି ଗଣନାକୁ ନେଇ ବିବାଦ

ପୁରୀ, (ସବ୍ୟୁ): ଶ୍ରୀମନ୍ଦିର ହୁଣ୍ଡି ଗଣନାକୁ ନେଇ ସୃଷ୍ଟି ହୋଇଛି ବିବାଦ । ଛତିଶା ନିଯୋଗ ବରିଷ୍ଠ ସେବାୟତ ତଥା ଛାମୁ ଖୁଣ୍ଟିଆ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ ଏ ନେଇ ଆପତ୍ତି ଉଠାଇଛନ୍ତି । ଶ୍ରୀମନ୍ଦିରରେ ରହିଥିବା ବ୍ୟବସ୍ଥା ଅନୁଯାୟୀ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଭିତରେ ଥିବା ସମସ୍ତ ହୁଣ୍ଡି ଦାନ ଅର୍ଥ ଛାମୁ ଖୁଣ୍ଟିଆ ସେବାୟତ ଓ ମେକାପ ସେବାୟତଙ୍କ ଉପସ୍ଥିତିରେ ଗଣନା କରାଯାଇଥାଏ । ଏଭଳିକି ହୁଣ୍ଡିରୁ ଦୈନନ୍ଦିନ ଆୟର କିଛି ଅଂଶ ଛାମୁ ଖୁଣ୍ଟିଆ ସେବାୟତ ଓ ମେକାପ ସେବାୟତଙ୍କ ମଧ୍ୟରେ ଭାଗ ବାଣ୍ଟି ବିଭକ୍ତ କରାଯାଇଥାଏ ।ଆବହମାନ କାଳରୁ ଏହି ବ୍ୟବସ୍ଥା ଚାଲି ଆସୁଥିଲା ।ପ୍ରତିଦିନ ଶ୍ରୀମନ୍ଦିର ସିଂହଦ୍ୱାରରେ ଥିବା ହୁଣ୍ଡିରୁ ମିଳୁଥିବା ଦାନ ଅର୍ଥ,ସୁନା ,ରୂପା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଣନା କରାଯାଉଛି ।କିନ୍ତୁ ଏହି ଅର୍ଥ ଛାମୁ ଖୁଣ୍ଟିଆ ସେବାୟତ ଓ ମେକାପ ସେବାୟତଙ୍କ ମଧ୍ୟରେ ଭାଗ କରିବା ତ ଦୂରର କଥା ଗଣତି ସମୟରେ ତାଙ୍କୁ ସାମିଲ ମଧ୍ୟ କରାଯାଉନାହିଁ । ଏ ନେଇ ସେ ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ଜିନ୍ଦଲ ଷ୍ଟେନଲେସର ହିସାର ଏବଂ ଯାଜପୁର ୟୁନିଟକୁ ଏକାଧିକ ସିଆଇଆଇ ଜାତୀୟ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ସ୍ଥାୟୀ ଉତ୍ପାଦନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଇ, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଜୁଲାଇ ୨-୩ ରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଭାରତୀୟ ଶିଳ୍ପ ମହାସଙ୍ଘ (ସିଆଇଆଇ) ଦ୍ୱାରା ଆୟୋଜିତ ଦଶମ ସିଆଇଆଇ ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତା ୨୦୨୬ରେ ଏକାଧିକ ସମ୍ମାନରେ ସମ୍ମାନିତ ହୋଇଛି । ଶକ୍ତି ସଂରକ୍ଷଣ, ଡିକାର୍ବୋନାଇଜେସନ୍ ଏବଂ ସର୍ବଶ୍ରେଷ୍ଠ ଶକ୍ତି ପରିଚାଳନା ଅଭ୍ୟାସର କାର୍ଯ୍ୟକାରିତା କ୍ଷେତ୍ରରେ ନିରନ୍ତର ଉଦ୍ୟମ ପାଇଁ ହରିୟାଣାର ହିସାର ଏବଂ ଓଡିଶାର ଯାଜପୁରରେ ୟୁନିଟକୁ ଚାରୋଟି ପୁରସ୍କାର ବର୍ଗରେ ସ୍ୱୀକୃତି ପ୍ରଦାନ କରାଯାଇଛି। ହିସାର ୟୁନିଟ୍ ସର୍ବୋତମ ଶକ୍ତି ଦକ୍ଷ କେସ୍ ଷ୍ଟଡି ପାଇଁ ଜାତୀୟ ପୁରସ୍କାର ଏବଂ ସ୍ୱଳ୍ପ ଅଙ୍ଗାରକାମ୍ଳ / କାର୍ବନ ନିର୍ଗମନ ପଦକ୍ଷେପ ଉପରେ ଶ୍ରେଷ୍ଠ କେସ୍ ଷ୍ଟଡି ପାଇଁ ଜାତୀୟ ପୁରସ୍କାର ଗ୍ରହଣ କରିଛି । ପୁରସ୍କାର ପ୍ରାପ୍ତ ପଦକ୍ଷେପଗୁଡ଼ିକ ମଧ୍ୟରେ ବର୍ଜ୍ୟ ଉତାପ ପୁନରୁଦ୍ଧାର ପ୍ରଣାଳୀ, ହିଟର-ବିହୀନ ବାଷ୍ପୀକରଣର ଗ୍ରହଣୀୟତା, ଅକ୍ଷୟ ଶକ୍ତି ଏକୀକରଣ, ଶକ୍ତି-ସମର୍ଥ ଉପକରଣର ନବୀକରଣ





ଏବଂ ସବୁଜ ହାଇଡ୍ରୋଜେନ ଗ୍ୟାସର ପ୍ରୟୋଗ ଉପରେ ଅନ୍ତର୍ଭୁକ୍ତ । ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ପିଏଟି/ସିସିଟିଏସ୍ ଯୋଜନା ଏବଂ ଆଇଏସ୍ଓ ୫୦୦୦୧ ଶକ୍ତି ପରିଚାଳନା ପ୍ରଣାଳୀର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଯାଜପୁର ୟୁନିଟ୍ ସ୍ୱୀକୃତି ପାଇଛି। ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍, କହିଛନ୍ତି, "ଜିନ୍ଦଲ ଷ୍ଟେନଲେସରେ, ସ୍ଥାୟୀ ବିକାଶ ଆମର କାର୍ଯ୍ୟ ଏବଂ ଅଭିବୃଦ୍ଧି ପାଇଁ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ସିଆଇଆଇ ଦ୍ୱାରା ଏହି ସ୍ୱୀକୃତି ଉଭୟ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଅର୍ଥପୂର୍ଣ୍ଣ ପରିବେଶ ପ୍ରଭାବ ପ୍ରଦାନ କରୁଥିବା ନୂତନତ୍ୱକୁ ଚଳାଇବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରେ । ଯେହେତୁ ଆମେ ଆମର ଡିକାର୍ବୋନାଇଜେସନ ଯାତ୍ରାରେ ଆଗକୁ ବଢୁଛୁ, ଆମେ ଟେକ୍ନୋଲୋଜି ଏବଂ ଏହି ଅଭ୍ୟାସକୁ ଜାରି ରଖିବୁ । ଯାହା ଆମର ସମସ୍ତ ହିତାଧିକାରୀଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ସହିତ ସ୍ୱଳ୍ପ ଅଙ୍ଗାରକାମ୍ଳ ଭବିଷ୍ୟତ ସହିତ ଭାରତର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବ।

### ଡ୍ରିମ୍‌ସ ନର୍ସିଂ ସ୍କୁଲରେ ଶପଥ ପାଠ ଉତ୍ସବ

## ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ, (ସ୍ୱପ୍ର) : ଡ୍ରିମ୍‌ସ ନର୍ସିଂ ସ୍କୁଲ ପକ୍ଷରୁ ଦୀପ ପ୍ରଜ୍ୱଳନ ଓ ଶପଥ ପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ଦେଇ





ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା ସେଥିପାଇଁ ସେମାନେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ବୋଲି କହିଥିଲେ । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର ବିଜୟିନୀ ତଥା ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସିଂ ଅଧିକାରୀ ସେବତୀ ସାହୁ ଆଧୁନିକ ନର୍ସିଂର ଜନ୍ମଦାତ୍ରୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି କହିଲେ ତାଙ୍କର ତ୍ୟାଗ ନିଷ୍ଠା ଓ ଉତ୍ସର୍ଗୀକୃତ ଜୀବନ ସମସ୍ତ ପାଇଁ ପ୍ରେରଣାର ଉତ୍ସ । ସମ୍ମାନିତ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର କହିଲେ ନର୍ସିଂ ଭଳି ମହାନ ବୃତ୍ତିକୁ ଆପଣାଇ ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ଛାତ୍ରଛାତ୍ରୀଙ୍କ ଈଶ୍ୱରଙ୍କ ଆଶୀର୍ବାଦର ପାତ୍ର । ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗଭର୍ଣ୍ଣର ସଦସ୍ୟ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ ସେବିକାମାନଙ୍କ ଠାରୁ ସମାଜ ଅନେକ କିଛି ଅଶା କରୁଥିବାବେଳେ ସେମାନେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ପ୍ରତି ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ଦିଗଦର୍ଶନ ଦେଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡ. ପ୍ରଥିମା ପ୍ରକାଶମ୍ ସ୍ୱାଗତ ଅଭିଭାଷଣ ଏବଂ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟପରିସରରେ ବନ ମହୋତ୍ସବ ପାଳନ କରିଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାରେ ଏହାର କାର୍ଯ୍ୟ ପରିସର ମଧ୍ୟରେ ଜୈବ ବିବିଧତା ସଂରକ୍ଷଣ ଏବଂ ବନୀକରଣ ପଦକ୍ଷେପ ମାଧ୍ୟମରେ ବନ ମହୋତ୍ସବ ୨୦୨୬ପାଳନ କରିଛି। କର୍ମଚାରୀ, ସ୍ଥାନୀୟ ସମ୍ପ୍ରଦାୟ, ଛାତ୍ରଛାତ୍ରୀ ଏବଂ ତୃଣମୂଳ ସ୍ତରର ସଂଗଠନଗୁଡ଼ିକୁ ଏକତ୍ର କରି, କମ୍ପାନୀ ପ୍ରାକୃତିକ ପୁନର୍ଜନ୍ମକୁ ସମର୍ଥନ କରିବା ପାଇଁ ୧୧୦୦ରୁ ଅଧିକ ଚାରା ରୋପଣ କରିବା ସହିତ ୭୫୦ରୁ ଅଧିକ ବିହନ ବଲ୍ ବିସ୍ତାର କରିଛି। ଏହି ପଦକ୍ଷେପ ସବୁଜ ଆବରଣ ବିସ୍ତାର କରିବା, ସ୍ଥାନୀୟ ପ୍ରଜାତିକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଛି। ରୋପଣ କାର୍ଯ୍ୟକଳାପ ବ୍ୟତୀତ, ଏହି କାର୍ଯ୍ୟକ୍ରମ ପରିବେଶଗତ ସୁରକ୍ଷା ଏବଂ ଜୈବ ବିବିଧତା ସଂରକ୍ଷଣରେ ଅଧିକ ସମ୍ପ୍ରଦାୟ ବ୍ୟାପୀ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା। ଏହି ପ୍ରୟାସଗୁଡ଼ିକ ଜଳବାୟୁ ସ୍ଥିରତା, ପରିବେଶଗତ ସନ୍ତୁଳନ ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱରେ ଅବଦାନ



ରଖେ। ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ଜୁଲାଇ ପ୍ରଥମ ସପ୍ତାହରେ ପ୍ରତିବର୍ଷ ପାଳିତ ହେଉଥିବା ବନ ମହୋତ୍ସବ ଭାରତର ପ୍ରମୁଖ ବନୀକରଣ ଆନ୍ଦୋଳନ ଭାବରେ ବେଶ ଜଣାଶୁଣା ଏବଂ ପରିବେଶ ସଂରକ୍ଷଣ ଏବଂ ପ୍ରାକୃତିକ ପରିସଂସ୍ଥାର ସୁରକ୍ଷା ପ୍ରତି ସାମୂହିକ କାର୍ଯ୍ୟକୁ ଉତ୍ସାହିତ କରିଥାଏ। ମହୋତ୍ସବର ଭାବନାକୁ ପାଳନ କରି, ବେଦାନ୍ତ ଆଲୁମିନିୟମ ସମଗ୍ର ଓଡ଼ିଶାରେ ଜୈବ ବିବିଧତା ବୃଦ୍ଧି ଏବଂ ବୃକ୍ଷରୋପଣ ପଦକ୍ଷେପର ଏକ ଶୃଙ୍ଖଳା ହାତକୁ ନେଇଛି, ଯେଉଁଥିରେ କର୍ମଚାରୀ, ଛାତ୍ର, ସ୍ଥାନୀୟ ସମ୍ପ୍ରଦାୟ ଏବଂ ସହଭାଗୀ ସଂଗଠନଗୁଡ଼ିକୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ କେବଳ ପରିବେଶ ସଂରକ୍ଷଣରେ ଅବଦାନ ଦେଇନାହିଁ ବରଂ ସ୍ଥାୟୀ ପରିବେଶଗତ ଅଭ୍ୟାସ ବିଷୟରେ ସଚେତନତାକୁ ମଧ୍ୟ ମଜବୁତ କରିଛି, ଯାହା ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ଜଳବାୟୁ ସ୍ଥିରତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

ଏହି ପ୍ରୟାସ ବିଷୟରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ପରିବେଶଗତ ଦାୟିତ୍ୱ ହେଉଛି ଆମେ କିପରି ବୃଦ୍ଧି ଏବଂ କାର୍ଯ୍ୟ କରୁ ତାହାର ଏକ ଅବିଚ୍ଛେଦ୍ୟ ଅଂଶ। ଆମର ବନ ମହୋତ୍ସବ ପ୍ରୟାସ କର୍ମଚାରୀ, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକୁ ବନୀକରଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ସମର୍ଥନ କରିବା ପାଇଁ ଏକତ୍ର କରି ଏହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଆମେ ନେଟ୍ ଶୂନ୍ୟ କାର୍ବନ ନିର୍ଗମନ ଦିଗରେ ଆମର ଯାତ୍ରାରେ ଅଗ୍ରଗତି କରିବା ସହିତ, ଏହିପରି ପ୍ରୟାସ ସବୁଜ ଆବରଣ ବୃଦ୍ଧି, ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ପରିବେଶଗତ ମୂଲ୍ୟ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ପଦକ୍ଷେପ ବନୀକରଣ, ଜୈବ ବିବିଧତା ସଂରକ୍ଷଣ ଏବଂ ସମ୍ପ୍ରଦାୟ ନେତୃତ୍ୱାଧୀନ ପରିବେଶଗତ କାର୍ଯ୍ୟ ମାଧ୍ୟମରେ ସମଗ୍ର ଓଡ଼ିଶାରେ ପରିବେଶଗତ ସ୍ଥିରତାକୁ ଆଗକୁ ବଢ଼ାଇବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ। ଏହାର କାର୍ଯ୍ୟକାଳ ମଧ୍ୟରେ, କମ୍ପାନୀ କଳାହାଣ୍ଡି ଏବଂ ରାୟଗଡ଼ାରେ ମୋ ଗଛ ମୋ ପରିବାର ଅଭିଯାନ ସମେତ ବଡ଼ ଧରଣର ବୃକ୍ଷରୋପଣ ଏବଂ ବାସସ୍ଥାନ ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେଇଛି, ଯାହାର ଲକ୍ଷ୍ୟ ହେଉଛି ୧ ଲକ୍ଷରୁ ଅଧିକ ଫଳପ୍ରଦ ଚାରା ରୋପଣ କରିବା ଏବଂ ୩୦,୦୦୦ ରୁ ଅଧିକ ଗ୍ରାମୀଣ ପରିବାରକୁ ଲାଭ ପହଂଚାଇବା।

## ● ଆମେରିକା-ଇରାନ ସଂଘର୍ଷ ଜାରି

# ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ଠପ୍

**ଦୁବାଇ:** ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ସଂଘର୍ଷ ତୀବ୍ର ହେବା ପରେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ପଥ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପ୍ରାୟ ଠପ୍ ହୋଇଯାଇଛି। ଏହାର ପ୍ରଭାବରେ ବିଶ୍ୱ ଇନ୍ଧନ ବଜାରରେ ନୂଆ ଅନିଶ୍ଚିତତା ସୃଷ୍ଟି ହୋଇଛି। ପୂର୍ବରୁ ଯୁଦ୍ଧ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ବର୍ତ୍ତମାନ ଜାହାଜ ଚଳାଚଳ ହ୍ରାସ ପରିସ୍ଥିତିକୁ ଆହୁରି ଜଟିଳ କରିଛି।ସାମୁଦ୍ରିକ ତଥ୍ୟ ସଂସ୍ଥା ଲଏଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ ଅନୁସାରେ, ଜୁଲାଇ ୭ ପରଠାରୁ ୧୦ ହଜାର ଟନ୍ରୁ ଅଧିକ କ୍ଷମତା ବିଶିଷ୍ଟ କୌଣସି ବଡ଼ ଜାହାଜ ଜଳପଥ ଦେଇ ଯାତାୟାତ କରିନାହିଁ। ଯଦିଓ ଅତିକମ୍ରେ ଦୁଇଟି ଜାହାଜ ପରିଚୟ ବ୍ୟବସ୍ଥା ବନ୍ଦ ରଖି ଏହି ପଥ ଅତିକ୍ରମ କରିଥିବା ଅନୁମାନ କରାଯାଉଛି। ସାମୁଦ୍ରିକ ଗୁଇନ୍ଦା ସଂସ୍ଥା ୱିଣ୍ଡୱାର୍ଡ କହିଛି, ବୁଧବାର ଓ ଗୁରୁବାର ସକାଳ ସୁଦ୍ଧା ମାତ୍ର ପାଞ୍ଚଟି ଜାହାଜ ଏହି ପ୍ରଣାଳୀ ଦେଇ ଯାଇଥିବା ରେକର୍ଡ ହୋଇଛି। ସୋମବାର ଏହି ସଂଖ୍ୟା ୪୫ ଥିଲା। ଯୁଦ୍ଧ ଆରମ୍ଭ ପୂର୍ବରୁ ପ୍ରତିଦିନ ପ୍ରାୟ ୧୩୦ଟି ଜାହାଜ




ଏହି ପଥ ବ୍ୟବହାର କରୁଥିଲେ। ବ୍ରିଟେନର ୟୁକେ ମାରିଟାଇମ୍ ଟ୍ରେଡ୍ ଅପରେସନ୍ସ କହିଛି, ଉଚ୍ଚ ବିପଜ୍ଜନକ ପରିସ୍ଥିତି ଯୋଗୁ ଜାହାଜ ଚଳାଚଳ କମ୍ପାନିଗୁଡ଼ିକ ସତର୍କ ନୀତି ଆପଣାଇଛନ୍ତି। ୟୋକୋସୁକା କାଉନସିଲ୍ ଅନ୍ ଏସିଆ ପାସିଫିକ୍ ଷ୍ଟଡିଜ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜନ୍ ବ୍ରାଡଫୋର୍ଡ କହିଛନ୍ତି, ସଂଘର୍ଷ ଦୀର୍ଘସ୍ଥାୟୀ ହେଲେ ଜାହାଜ କମ୍ପାନିଗୁଡ଼ିକ ବିକଳ୍ପ ବନ୍ଦର ଓ ସମୁଦ୍ରପଥକୁ ଅଧିକ ଗୁରୁତ୍ୱ ଦେଇପାରନ୍ତି। ଇରାନ ପାରସ୍ୟ ଉପସାଗର, ହର୍ମୁଜ ପ୍ରଣାଳୀ ଓ ଓମାନ ଉପସାଗରରେ ଜାହାଜ ଉପରେ ଆକ୍ରମଣ କରିବାର କ୍ଷମତା ରଖିଥିବାରୁ ସମଗ୍ର ଅଞ୍ଚଳର ଜାହାଜ ଚଳାଚଳ ବିପଦରେ ରହିଛି।ଏପଟେ ଆମେରିକା ପକ୍ଷରୁ ଇରାନର ବିଭିନ୍ନ ଠିକଣା ଉପରେ ଆକ୍ରମଣ ପରେ ଦକ୍ଷିଣ ଇରାନରେ ଏକାଧିକ ବିସ୍ଫୋରଣ ଘଟିଛି। ତେବେ ଏହି ସଦ୍ୟତମ ଆକ୍ରମଣ ସହ ଆମେରିକାର ସମ୍ପୃକ୍ତି ନ ଥିବା ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଦାବି କରିଛି ଯେ, ଆମେରିକାର ଆକ୍ରମଣର ପ୍ରତିଶୋଧ ସ୍ୱରୂପ ବାହାରିନ, କୁଏତ୍, କତର, ଜୋର୍ଡାନ ଓ ଇରାକରେ ଥିବା ଆମେରିକୀୟ ସାମରିକ ଠିକଣାକୁ ନିଶାଣ କରାଯାଇଛି।ଏହି ଉତ୍ତେଜନା ସତ୍ତ୍ୱେ ଅନ୍ତର୍ଜାତୀୟ ତୈଳ ବଜାରରେ ବଡ଼ ଧରଣର ଅସ୍ଥିରତା ଦେଖାଯାଇନାହିଁ। ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୭୬.୫୮ ଡଲାରରେ ସ୍ଥିର ରହିଛି। ତେବେ ବିଶେଷଜ୍ଞମାନେ କହିଛନ୍ତି, ତୈଳ ଭଣ୍ଡାର କମିବା ସହ ଆଗାମୀ କିଛି ସପ୍ତାହରେ ଯୋଗାଣ ଉପରେ ଚାପ ବଢ଼ିବ ଏବଂ ବ୍ରେଣ୍ଟ ତୈଳ ଦର ଆହୁରି ୧୦ରୁ ୧୫ ଡଲାର ପର୍ଯ୍ୟନ୍ତ ବଢ଼ିପାରେ। ବିଶେଷକରି ମଧ୍ୟପ୍ରାଚ୍ୟ ଓ ରୁଷିଆର ବିଶୋଧନାଗାରରେ ଉତ୍ପାଦନ ବାଧାପ୍ରାପ୍ତ ହେବାରୁ ଡିଜେଲ ଦର ଉପରେ ଅଧିକ ଚାପ ପଡୁଛି।

## ଟ୍ରମ୍ପଙ୍କୁ ହତ୍ୟା ଷଡଯନ୍ତ୍ର: ରହସ୍ୟ ଖୋଲିଲା ଇସ୍ରାଏଲ

ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଁ ପୁଣି ଉଭୟ ଦେଶ ଯୁଦ୍ଧ ମୁହାଁ ହୋଇଛନ୍ତି। ତେବେ ଇତି ଅବସରରେ ଇସ୍ରାଏଲ ଗୁଇନ୍ଦା ତଥ୍ୟ ଏହି ବିବାଦରେ ନିଆଁରେ ଘିଅ ଢ଼ାଳିବା ସ୍ଥିତି ସୃଷ୍ଟି କରିଛି। ଇସ୍ରାଏଲର ଗୁଇନ୍ଦା ତଥ୍ୟ ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଷଡଯନ୍ତ୍ର କରିଥିଲା। ଇସ୍ରାଏଲ ଏହି ତଥ୍ୟ ଆମେରିକାର ଗୁଇନ୍ଦା ସଂସ୍ଥାକୁ ପ୍ରଦାନ କରିଛି।

ସପ୍ତାହେ ବ୍ୟାପୀ ଇରାନର ପୂର୍ବ ସୁପ୍ରିମ ଲିଡର ଅଲ୍ଲୀ ଖାମନେଇଙ୍କ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଇସ୍ରାଏଲ ନୂଆ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି। ଇରାନ ପୁଣିଥରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରିବା ଲାଗି ଯୋଜନା କରିଥିଲା। ଏଥିଲାଗି ଏକ ଷଡଯନ୍ତ୍ର କରୁଥିଲା। ଏହା ଏକ ନିର୍ଦ୍ଦିଷ୍ଟ କଥିତ ଷଡଯନ୍ତ୍ରଙ୍କୁ ସୂଚୀତ କରୁଛି। ବିଶେଷଜ୍ଞଙ୍କ ମତରେ ଏଭଳି ତଥ୍ୟ ଆସିବା ପରେ ଆମେରିକା ଓ ଇରାନ ଉପରେ ଜୋରଦାର ଆକ୍ରମଣ କରିଛି। ଆଇଆରଜିସିର ପୁଦସଫୋର୍ସ ପୂର୍ବତନ କମାଣ୍ଡେର କାସେଲ ସୋଲେମାନଙ୍କ ହତ୍ୟକୁ ନେଇ ମଧ୍ୟ ଇରାନ ଦୀର୍ଘ ଦିନ ହେବ ଟ୍ରମ୍ପକୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଛି। ଏହାଛଡା ଖେମନେଇଙ୍କ ଅନ୍ତିମ ସଂସ୍କରଣ କାର୍ଯ୍ୟକ୍ରମର ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଦାବି ଉଠିଥିଲା। ରିପୋର୍ଟ ଅନୁଯାୟୀ ଇସ୍ରାଏଲ ଚଳିତ ସପ୍ତାହରେ ଏହି ଚେତାବନୀ ଦେଇଥିଲା। ଆମେରିକା ଗୁଇନ୍ଦା ସଂସ୍ଥା ଗୁଡିକ ଗତ କିଛି ସପ୍ତାହ ଧରି ଟ୍ରମ୍ପକୁ ଟାର୍ଗେଟ କରି ହତ୍ୟା ଷଡଯନ୍ତ୍ରର ସୂଚନା ଦେଇଥିବା ନଜର ରଖିଥିଲା। ତେବେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ପ୍ରଦାନ କରିଥାଏ ପାରେ ବୋଲି ଅନେକ ଆମେରିକୀୟ ଅଧିକାରୀ ଆଶଙ୍କା କରୁଛନ୍ତି। ଇରାନ ଉପରେ ଆମେରିକା ଆକ୍ରମଣ କରିବ କି ନାହିଁ ସେ ଉପରେ



ଆଲୋଚନା କରୁଥିବା ବେଳେ ଇସ୍ରାଏଲ ଅଧିକ ଉତ୍ତେଜନାର ସମ୍ଭାବନା ରହିଛି। ତେବେ ଇସ୍ରାଏଲର ଚେତାବନୀ ଏସମ୍ପୂର୍ଣ୍ଣ ତଥ୍ୟ କିଛି ନାହିଁ। ଆମେରିକା ମଧ୍ୟ ଏହି ତଥ୍ୟକୁ ଯାଞ୍ଚ କରୁନାହିଁ। ଇରାନରୁ ଟ୍ରମ୍ପଙ୍କ ଉପରେ ବିପଦ ରହିଥିଲା। ଇରାନର ସୁପ୍ରିମ ଲିଡର ଅଲ୍ଲୀ ଖାମନେଇ ପରିବାର ଅନ୍ୟ ସଦସ୍ୟମାନଙ୍କର ୨୮ ତାରିଖରେ ମୃତ୍ୟୁ ହେଲା ପରେ ଇରାନ ଟ୍ରମ୍ପଙ୍କ ହତ୍ୟା ଲାଗି ଯୋଜନା ରଚି ଥିଲା ବୋଲି କୁହାଯାଉଛି। ଅନ୍ୟ ପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ହେଲା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟେହୁ ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି। ଆମେରିକା ଓ ଇରାନ ଗତ ସପ୍ତାହରେ ଶାନ୍ତିଚୁକ୍ତି କରିଥିଲେ।

## ନ୍ୟୁଜିଲାଣ୍ଡରେ ମୋଦୀଙ୍କୁ ଭବ୍ୟ ସ୍ୱାଗତ

**ୱେଲିଙ୍ଗଟନ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତିନି ଦେଶୀୟ ଗସ୍ତର ଶେଷ ପର୍ଯ୍ୟାୟରେ ଶୁକ୍ରବାର ନ୍ୟୁଜିଲାଣ୍ଡରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି। ଦୁଇ ଦିନିଆ ଗସ୍ତ କାଳରେ ପିଏମ୍ ମୋଦୀ ପ୍ରଧାନମନ୍ତ୍ରୀ ଲକ୍ସନଙ୍କ ସହ ଆର୍ଥିକ, ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିବା ସହ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବେ। ଏହି ଗସ୍ତ ଭାରତର 'ଆକ୍ଟ ଇଷ୍ଟ ପଲିସି' ଏବଂ ମୁକ୍ତ 'ଭାରତ-ପ୍ରଶାନ୍ତ ମହାସାଗରୀୟ' ଦୃଷ୍ଟିକୋଣକୁ ଆହୁରି ସୁଦୃଢ଼ କରିବ।ନ୍ୟୁଜିଲାଣ୍ଡ ପୂର୍ବରୁ ପ୍ରଧାନମନ୍ତ୍ରୀ ଅଷ୍ଟ୍ରେଲିଆରେ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜଙ୍କ ସହ ରଣନୈତିକ ଆଲୋଚନା କରିଥିଲେ। ସେଠାରେ ଦୁଇ ଦେଶ ମଧ୍ୟରେ ଏକ ଐତିହାସିକ "ବେସାମରିକ ଆଣବିକ ଶକ୍ତି ଚୁକ୍ତି" ସ୍ୱାକ୍ଷରିତ ହୋଇଛି, ଯାହା ଭାରତକୁ ୟୁରେନିୟମ୍ ଯୋଗାଣ ସହଜ କରିବ। ଏହାବାଦ୍ ସାମୁଦ୍ରିକ ପ୍ରତିରକ୍ଷା ସମ୍ପର୍କକୁ ଜୋରଦାର କରିବାକୁ ସହମତି ପ୍ରକାଶ ପାଇଛି। ଏହା ପୂର୍ବରୁ ମୋଦୀ ଇଣ୍ଡୋନେସିଆ ଗସ୍ତ କରି ସାମୁଦ୍ରିକ ସୁରକ୍ଷା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ୧୪ଟି ଚୁକ୍ତି ସ୍ୱାକ୍ଷର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ନ୍ୟୁଜିଲାଣ୍ଡ ଯାତ୍ରା ତାଙ୍କର ସଫଳ ତିନି ଦେଶୀୟ ଭ୍ରମଣର ସମାପ୍ତି ଆଣିବ।



## ରାମମନ୍ଦିର ଦାନ ଚୋରି ମାମଲା

# ସୋମବାର ସିବିଆଇ ତଦନ୍ତ ଦାବି ଆବେଦନର ଶୁଣାଣି

**ନୂଆଦିଲ୍ଲୀ:** ଅଯୋଧ୍ୟାରାମମନ୍ଦିରରେ ଭକ୍ତମାନଙ୍କ ଦାନ ଅର୍ଥ ଓ ମୂଲ୍ୟବାନ ସାମଗ୍ରୀ ଆତ୍ମସାତ୍ ହୋଇଥିବା ଅଭିଯୋଗର ସିବିଆଇ ତଦନ୍ତ ଦାବି କରି ଦାଖଲ ହୋଇଥିବା ଏକାଧିକ ଜନସ୍ୱାର୍ଥ ଆବେଦନର ଶୁଣାଣି ଜୁଲାଇ ୧୩ରେ ସୁପ୍ରିମ୍କୋର୍ଟ କରିବେ। ସୁପ୍ରିମ୍କୋର୍ଟର ୱେବସାଇଟ୍ ଅନୁଯାୟୀ, ସୋମବାର କୋର୍ଟ ଖୋଲିବା ପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ତିନୋଟି ଆବେଦନର ଶୁଣାଣି କରିବେ। ପୂର୍ବରୁ ଆବେଦନକାରୀମାନେ ଜରୁରି ଶୁଣାଣି ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଅଦାଲତ ସେହି ଅନୁରୋଧକୁ ଗ୍ରହଣ ନ କରି ନଥିଲେ।ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଗୋଟିଏ ପିଟିସନରେ ଏହି ଆତ୍ମସାତ୍ ଘଟଣାର ସିବିଆଇ ତଦନ୍ତ ଓ ଟ୍ରଷ୍ଟର ଆର୍ଥିକ ସ୍ଥିତିର କଣ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଅଡିଟ୍ କରିବାକୁ ଦାବି କରାଯାଇଛି। ଓକିଲ ଅଜୟ କୁମାର ରାୟ ଓ ଦୀନେଶ କୁମାର ଯାଦବଙ୍କ ଦ୍ୱାରା ଦାଖଲ ଦ୍ୱିତୀୟ ପିଟିସନରେ ଟ୍ରଷ୍ଟର ବ୍ୟାପାର ଓ ପ୍ରଶାସନ ସହ ଜଡିତ ଆର୍ଥିକ



ଅନିୟମିତତାର ତଦନ୍ତ ପାଇଁ ସିବିଆଇ ନେତୃତ୍ୱାଧୀନ ମଲ୍ଟି ଡିସିପ୍ଲିନାରୀ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି) ଗଠନ କରିବାକୁ ଦାବି କରାଯାଇଛି। ଆର୍ଜେଡି ସାଂସଦ ସୁଧାକର ସିଂହଙ୍କ ଦ୍ୱାରା ଦାଖଲ ତୃତୀୟ ଆବେଦନରେ ସୁପ୍ରିମ୍କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ଏବଂ ଟ୍ରଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତିର ଫୋରେନସିକ୍ ଅଡିଟ୍ ପାଇଁ ଦାବି କରାଯାଇଛି।ଆବେଦନଗୁଡ଼ିକରେ କୁହାଯାଇଛି, ଉତ୍ତରପ୍ରଦେଶ ସରକାର ଗଠନ କରିଥିବା ଏସ୍ଆଇଟି ତଦନ୍ତ ଜାରି ରଖିଥିଲେ ମଧ୍ୟ ଜଟିଳ ଆର୍ଥିକ ମାମଲାର ତଦନ୍ତ ପାଇଁ ଆବଶ୍ୟକ ସୁବିଧା ଓ ଦକ୍ଷତା ତାଙ୍କ ପାଖରେ ନାହିଁ। ଏଥିସହ ଟ୍ରଷ୍ଟର ପ୍ରମୁଖ ପଦାଧିକାରୀଙ୍କ ବିରୋଧରେ ମାମଲା ରୁଜୁ ନ କରି ତଦନ୍ତ ଆରମ୍ଭ କରାଯାଇଥିବାରୁ ଏହାର ନିରପେକ୍ଷତା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହି କାରଣରୁ ସିବିଆଇ ନେତୃତ୍ୱରେ ବହୁ ସଂସ୍ଥାକୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି। ଆବେଦନକାରୀମାନେ ଆହୁରି କହିଛନ୍ତି, ସିସିଟିଭି ଫୁଟେଜ୍, ଡିଭିଆର୍ ରେକର୍ଡ ଓ ଅନ୍ୟ ଇଲେକ୍ଟ୍ରୋନିକ ପ୍ରମାଣ ନଷ୍ଟ କିମ୍ବା ପରିବର୍ତ୍ତନ କରାଯିବାର ଆଶଙ୍କା ରହିଛି। ତେଣୁ ପ୍ରମାଣ ସୁରକ୍ଷିତ ରଖିବା ସହ ଅର୍ଥର ପ୍ରବାହର ସମ୍ପୂର୍ଣ୍ଣ ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରିବା ପାଇଁ ସ୍ୱାଧୀନ ତଦନ୍ତ ଜରୁରି ବୋଲି ସେମାନେ ଦର୍ଶାଇଛନ୍ତି। ଏପଟେ, ଉତ୍ତରପ୍ରଦେଶ ପୁଲିସ ଓ ଏସ୍ଆଇଟିର ତଦନ୍ତରେ ଏପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ବେଳେ ନଗଦ ଅର୍ଥ ସହ କିଛି ବ୍ୟାଙ୍କ ଖାତା ମଧ୍ୟ ଜବତ କରାଯାଇଛି। ଏହି ଘଟଣାକୁ ନେଇ ମନ୍ଦିର ପରିଚାଳନା ଓ ଦାନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଥିବାରୁ ସୁପ୍ରିମ୍କୋର୍ଟର ଆସନ୍ତା ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

## ଡିପ୍-ଟେକ୍ ଷ୍ଟାର୍ଟଅପ୍

# ଆଇଆଇଟି ମାଡ୍ରାସର ପ୍ରାକ୍ତନ ଛାତ୍ରଙ୍କ ସଫଳତା

**ନୂଆଦିଲ୍ଲୀ:** ପ୍ରତିରକ୍ଷା, ଜାତୀୟ ସୁରକ୍ଷା ଏବଂ ବାଣିଜ୍ୟିକ ସାମୁଦ୍ରିକ ବଜାର ପାଇଁ ବ୍ଲୁର୍ଗସ ଏଆଇ ଏହାର ଏଆଇ-ଚାଳିତ ବୁଦ୍ଧିମତା ପ୍ଲାଟଫର୍ମଗୁଡ଼ିକର ବିଶ୍ୱବ୍ୟାପୀ ପ୍ରସାରକୁ ତ୍ୱରାନ୍ୱିତ କରିବା ପାଇଁ ୨.୨ ନିୟୁତ ଡଲାର ସଂଗ୍ରହ କରିଛି। ଏହି ରାଉଣ୍ଡର ନେତୃତ୍ୱ ପ୍ରଭେଗା ଭେଞ୍ଚର୍ସ ଏବଂ ଶାସ୍ତ୍ର ଭିସି ନେଇଥିଲେ, ଯେଉଁଥିରେ ଏଞ୍ଜେଲ ନିବେଶକ, ପ୍ଲେସିମ୍ପଲ ଗେମ୍ସ ସହ-ପ୍ରତିଷ୍ଠାତା ସୂରଜ ନଳିନ୍ ଏବଂ ଫାଇଲର ସହ-ପ୍ରତିଷ୍ଠାତା ଯଶୱନ୍ତ ମଧୁସୂଦନ ଅଂଶଗ୍ରହଣ କରିଥିଲେ । ବ୍ଲୁର୍ଗସ ଏଆଇର ପ୍ଲାଟଫର୍ମ ଗୁଡ଼ିକ ପ୍ରତିରକ୍ଷା, ଆନ୍ତର୍ଜାତୀୟ ସାମୁଦ୍ରିକ ଏବଂ ସଂରକ୍ଷଣ କ୍ଷେତ୍ର ଏବଂ ଭାରତୀୟ ନୌସେନା, ଭାରତୀୟ ତଟରକ୍ଷୀ, ଭାରତ ଇଲେକେଟ୍ରାନିକ୍ସ, ଡିଆରଡିଓ ଲ୍ୟାବ୍ସ, ମୁମ୍ବାଇ ବନ୍ଦର କର୍ତ୍ତୃପକ୍ଷ, ଦୁବାଇ ମାରିଟାଇମ୍ ସିଟି ଏବଂ ଦି ନେଚର କଞ୍ଜରଭେନ୍ସି ଗ୍ରୁପ୍ ସମେତ ଭାରତର ସାର୍ବଜନୀନ କ୍ଷେତ୍ର ଇକୋସିଷ୍ଟମରେ ମିଶନ-ସଙ୍କଟପୂର୍ଣ୍ଣ ସଂଗଠନଗୁଡ଼ିକ ଦ୍ୱାରା ବିଶ୍ୱସ୍ତ । ଏହି କ୍ଲାଏଣ୍ଟ ତାଲିକା କ୍ଷେତ୍ର ଏବଂ ଭୌଗୋଳିକ କ୍ଷେତ୍ରଗୁଡ଼ିକୁ ବ୍ୟାପିଛି, ଏବଂ କମ୍ପାନୀ କୌଣସି ସଂସ୍ଥାଗତ ପାଣ୍ଠି ସଂଗ୍ରହ କରିବା ପୂର୍ବରୁ ନିର୍ମିତ ହୋଇଥିଲା । ବ୍ଲୁର୍ଗସ ଏଆଇ ଦୁଇଟି ପରିପୂରକ ଡୋମେନ୍ ମଧ୍ୟରେ କାର୍ଯ୍ୟ କରେଛ ବାଣିଜ୍ୟିକ ସାମୁଦ୍ରିକ କ୍ଷେତ୍ରରେ, ଏହାର ପ୍ଲାଟଫର୍ମଗୁଡ଼ିକ ବନ୍ଦର, ନୌବାହିନୀ, ଜାହାଜ ଏବଂ ମତ୍ସ୍ୟଚାଷ ପାଇଁ ବାସ୍ତବ-ସମୟ ଦୃଶ୍ୟମାନତା, ନିୟାମକ ସଂଯୋଜନ ଏବଂ ବିଶ୍ୱ ବାଣିଜ୍ୟକୁ ଆଧାର କରୁଥିବା ଶିଳ୍ପ ପାଇଁ କାର୍ଯ୍ୟଦକ୍ଷତା ଅପଟିମାଇଜେସନ୍ ସହିତ କାର୍ଯ୍ୟକ୍ଷମ ବୁଦ୍ଧିମତା ପ୍ରଦାନ କରେ ।



# ଅମରନାଥ ଯାତ୍ରା: ତରଳିଗଲା ବରଫ ଶିବଲିଙ୍ଗ

**ଶ୍ରୀନଗର:** ଚଳିତ ବର୍ଷର ୫୭ ଦିନିଆ ଅମରନାଥ ଯାତ୍ରା ଆରମ୍ଭ ହେବାର ମାତ୍ର ପାଞ୍ଚ ଦିନ ମଧ୍ୟରେ ପବିତ୍ର ଅମରନାଥ ଗୁମ୍ଫାରେ ପ୍ରାକୃତିକ ଭାବେ ସୃଷ୍ଟି ହେଉଥିବା ବରଫ ଶିବଲିଙ୍ଗ ପ୍ରାୟ ସମ୍ପୂର୍ଣ୍ଣ ତରଳି ଯାଇଥିବା ଘଟଣାକୁ ନେଇ ଚିନ୍ତା ବଢ଼ିଛି। ଗତବର୍ଷ ପହଲଗାମ ଆକ୍ରମଣ ପରେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ଭକ୍ତ ଯାତ୍ରାରେ ସାମିଲ ହୋଇଥିବା ବେଳେ ବରଫ ଶିବଲିଙ୍ଗ ଏତେ ଶୀଘ୍ର ତରଳିଯିବା ପରିବେଶ ଓ ଯାତ୍ରା ପରିଚାଳନାକୁ ନେଇ ନୂଆ ବିତର୍କ ସୃଷ୍ଟି କରିଛି।ଅମରନାଥ ଗୁମ୍ଫାର ବରଫ ଶିବଲିଙ୍ଗ ଗୁମ୍ଫାର ଛାତରୁ ଝରୁଥିବା ପାଣି ଅତି ନିମ୍ନ ତାପମାତ୍ରାରେ ଜମାଟ ବାନ୍ଧିବା ଫଳରେ ସ୍ୱାଭାବିକ ଭାବେ ହିମଶିବଲିଙ୍ଗ ସୃଷ୍ଟି ହୋଇଥାଏ। କିନ୍ତୁ ଚଳିତ ବର୍ଷ ଯାତ୍ରା ଆରମ୍ଭ ହେବାର କିଛି ଦିନ ମଧ୍ୟରେ ଏହା ୯୦ ପ୍ରତିଶତରୁ ଅଧିକ ତରଳି ଯାଇଥିବା ଜଣାପଡ଼ିଛି। ସୋସିଆଲ ମିଡିଆରେ ପ୍ରଚାରିତ ଚିତ୍ରରେ ମଧ୍ୟ ବରଫ ଶିବଲିଙ୍ଗ ପ୍ରାୟ ଅଦୃଶ୍ୟ ହୋଇଯାଇଥିବା ଦେଖାଯାଇଛି। ଏଥିଯୋଗୁ ଆଗାମୀ ୫୦ରୁ ଅଧିକ ଦିନ ଧରି ଯାତ୍ରା କରିବାକୁ ଥିବା ଲକ୍ଷାଧିକ ଭକ୍ତ ପାରମ୍ପରିକ ବରଫ ଶିବଲିଙ୍ଗ ଦର୍ଶନରୁ ବଞ୍ଚିତ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।ଏହି ଘଟଣା ପରେ ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିଏଫ୍)ର ନେତ୍ରୀ ଇଲତିଜା ମୁଫ୍ତି ଯାତ୍ରା ପରିଚାଳନା ଓ ପରିବେଶ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ସୁପ୍ରିମ୍କୋର୍ଟ ପ୍ରତିଦିନ ସର୍ବାଧିକ ୧୦ ହଜାର ଭକ୍ତଙ୍କ ଯାତ୍ରା ପାଇଁ ସୀମା ଧାର୍ଯ୍ୟ କରିଥିଲେ ମଧ୍ୟ ବର୍ତ୍ତମାନ ଭକ୍ତଙ୍କ ସଂଖ୍ୟା ବଢୁଛି। ତାଙ୍କ ମତରେ, ଜଳବାୟୁ ପରିବର୍ତ୍ତନ ସହ ଅନିୟନ୍ତ୍ରିତ ଗଛକଟା, ବେଆଇନ ଖଣି ଖନନ, ଅଳିଆ ଆବର୍ଜନାର ଠିକ୍ ପରିଚାଳନା ନ ହେବା ଓ ପ୍ରାକୃତିକ ସମ୍ପଦ ଉପରେ ବଢୁଥିବା ଚାପ ମଧ୍ୟ ଏଥିପାଇଁ ଦାୟୀ ହୋଇପାରେ।ଅନ୍ୟପକ୍ଷରେ ଶ୍ରୀ ଅମରନାଥ ବରଫାନୀ ଲଙ୍ଗର୍ସ ଅର୍ଗାନାଇଜେସନ୍ (ଏସ୍ଏବିଏଲ୍ଓ) ଏହି ଘଟଣାର ବୈଜ୍ଞାନିକ ତଦନ୍ତ ଦାବି କରିଛି। ସଂଗଠନ ଶ୍ରୀ ଅମରନାଥ ସ୍ରାଇନ୍ ବୋର୍ଡ (ଏସ୍ଏଏସ୍ବି)କୁ ଦିଆଯାଇଥିବା ଦାବିପତ୍ରରେ ବରଫ ଶିବଲିଙ୍ଗ ଏତେ ଶୀଘ୍ର କାହିଁକି ତରଳିଗଲା, ତାହାର ବିସ୍ତୃତ ଯାଞ୍ଚ କରିବା ସହ ଗୁମ୍ଫା ଏବଂ ଏହାର ନିକଟବର୍ତ୍ତୀ ପରିବେଶର ସୁରକ୍ଷା ପାଇଁ କଡ଼ା ପଦକ୍ଷେପ ନେବାକୁ ଅନୁରୋଧ କରିଛି।

# ବିଜେପିର ଦମନଲୀଳା ବିରୋଧରେ ଗର୍ଜିଲେ ମମତା

**କୋଲକାତା:** ପଶ୍ଚିମବଙ୍ଗର ଶାସକ ଦଳ ବିଜେପି (ଭାରତୀୟ ଜନତା ପାର୍ଟି) ଓ ଟିଏମସି (ତୃଣମୂଳ କଂଗ୍ରେସ) ମଧ୍ୟରେ ଚାଲିଥିବା ରାଜନୈତିକ ବିଦ୍ରୋହ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ନିରବତା ଭାଙ୍ଗିଛନ୍ତି। ଏକ ଭିଡିଓ ଜାରି କରି ବିଜେପି ଉପରେ ବର୍ଷିବା ସହ ଦଳକୁ ଭୟଭୀତ ଓ ଦମନ କରିବା ପାଇଁ ସମସ୍ତ ସୀମା ପାର କରିଥିବା ଅଭିଯୋଗ କରିଛନ୍ତି। ମମତା କହିଛନ୍ତି ମତେ ଚୁପ କରିବାକୁ ହେଲେ ମତେ ମାରିବାକୁ ପଡ଼ିବ, ଅବଶ୍ୟ ବିଜେପି ଏହା କରିବା ପାଇଁ କୌଣସି ଚେଷ୍ଟା ବାକି ରଖିନାହିଁ। ବିଜେପି ପକ୍ଷରୁ ମହୁଆ ମୈତ୍ରା, ଅଭିଷେକ ବାନାର୍ଜୀ ଓ କଲ୍ୟାଣ ବାନାର୍ଜୀଙ୍କ ଭଳି ବରିଷ୍ଠ ଟିଏମସି ନେତାମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ କରାଯାଇଛି, ଏପରିକି ତାଙ୍କ ଘର ଉପରକୁ ମଧ୍ୟ ଆକ୍ରମଣ କରାଯାଇଛି ବୋଲି ମମତା ଅଭିଯୋଗ କରିଛନ୍ତି।ଏହି ସଙ୍କଟ ଜନିତ ପରିସ୍ଥିତି ମଧ୍ୟରେ ମମତା ଆହୁରି କହିଛନ୍ତି ଯେ ପୁଲିସ ହେପାଜତରେ ତାଙ୍କ ଦଳର ନେତାମାନଙ୍କୁ ଅତି ଅମାନୁଷିକ ଓ ଅମାନବୀୟ ବ୍ୟବହାର କରାଯାଉଛି। ଅନେକ ସହକର୍ମୀଙ୍କୁ ଚଟାଣରେ ଶୁଆଇ ଦିଆଯାଉଛି, ଅଣ୍ଟାରେ ଦଉଡ଼ି ଓ ଗୋଡ଼ରେ ବେଡ଼ି ପକାଇ ଚଲାଯାଉଛି, କାହାକୁ ଲଣ୍ଡା କରାଯାଉଛି ତ କାହା ଉପରକୁ ଅତି ଅପବିତ୍ର ଜିନିଷ ଫିଙ୍ଗାଯାଉଛି, ଯାହା ବିଷୟରେ କହିବା ମଧ୍ୟ ଲଜ୍ଜାଜନକ। ଏହା ସତ୍ତ୍ୱେ ଟିଏମସି ନିଜର ରାଜନୈତିକ ଲଢ଼େଇ ଜାରି ରଖିବ ଏବଂ କାହାକୁ ଭୟ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ସହ ରାଜ୍ୟର କେତେକ ସରକାରୀ ସ୍କୁଲ୍ରେ ପାଇଲଟ୍ ପ୍ରୋଜେକ୍ଟ ଅଧୀନରେ ମଧ୍ୟାହ୍ନ ଭୋଜନରୁ ଅଣ୍ଡା ହଟାଇ ନିରାମିଷ ଖାଦ୍ୟ ଦେବା ପାଇଁ ବିଜେପି ସରକାରଙ୍କ ନିଷ୍ପତ୍ତିକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ମମତା କହିଛନ୍ତି ଯେ ଗରିବ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ମିଳୁନାହିଁ, କିନ୍ତୁ ସରକାର କେବଳ ରାଜନୈତିକ ପ୍ରତିଶୋଧ ନେବାରେ ବ୍ୟସ୍ତ ଅଛନ୍ତି, ଯାହା ବେଙ୍ଗଲର ସଂସ୍କୃତି କେବେ ନଥିଲା।

## କେଏଲଏଫ ଆୱାର୍ଡ ପାଇଁ ହିନ୍ଦୀ ସର୍ଟଲିଷ୍ଟ ଘୋଷଣା

**ନୂଆଦିଲ୍ଲୀ** : କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲଏଫ) ଆନୁଷ୍ଠାନିକ ଭାବେ ତା'ର ପ୍ରତିଷ୍ଠିତ "କେଏଲଏଫ୍ ବୁକ୍ ଆଓ୍ୱାର୍ଡସ ୨୦୨୬' ପାଇଁ ହିନ୍ଦୀ ସର୍ଟଲିଷ୍ଟ (ମନୋନୀତ ବହିର ତାଲିକା) ଘୋଷଣା କରିଛି । ଜ୍ଞାନ ଚତୁର୍ବେଦୀ, ଯଶବନ୍ତ ବ୍ୟାସ, ଅମୋଲ ପାଲେକର, ସୀମା କପୁର, ବିନୟ କୁମାର, ଯତୀନ୍ଦ୍ର ମିଶ୍ର, ମାଳିନୀ ଅବସ୍ଥି, ବଲଓ୍ୱନ୍ତ କୌର ଏବଂ ଡକଫର ଅରବିନ୍ଦ ଯାଦବଙ୍କ ଭଳି ପ୍ରମୁଖ ସାହିତ୍ୟିକମାନେ ସେହି ବିଶିଷ୍ଟ ଲେଖକମାନଙ୍କ ମଧ୍ୟରେ ଅଛନ୍ତି, ଯାହାଙ୍କ ବହି ଶେଷ ତାଲିକାରେ ସ୍ଥାନ ପାଇଛି । ଏହି ସର୍ଟଲିଷ୍ଟ ପାଞ୍ଚଟି ଭିନ୍ନ ବିଭାଗରେ ବିଭକ୍ତ - ଫିକ୍ସନ୍ (ଉପନ୍ୟାସ/ଗଳ୍ପ), ନନ୍-ଫିକ୍ସନ୍ (ପ୍ରବନ୍ଧ/ଜୀବନୀ), କବିତା, ଅନୁବାଦ ଏବଂ ଡେବ୍ୟୁ (ପ୍ରଥମ ବହି) - ଯାହା ୨୦୨୫ରେ ପ୍ରକାଶିତ ଚମତ୍କାର ବହିଗୁଡ଼ିକୁ ସେଲିବ୍ରେଟ୍ କରୁଛି ଏବଂ ସମସାମୟିକ ହିନ୍ଦୀ ସାହିତ୍ୟର ଗଭୀର ସମୃଦ୍ଧତା, ବିବିଧତା ଓ ସୃଜନଶୀଳତାକୁ ଦର୍ଶାଉଛି । ଏହି ଘୋଷଣା ଉପରେ ମତ ଦେଇ କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ, ରଶ୍ମି ରଞ୍ଜନ ପରିଡ଼ା କହିଛନ୍ତି କେଏଲଏଫ୍ ବୁକ୍ ଆଓ୍ୱାର୍ଡସ ସେହି ବହିଗୁଡ଼ିକୁ ସମ୍ମାନିତ କରେ ଯାହା ପରମ୍ପରାକୁ ଆହ୍ୱାନ ଦିଏ, ସ୍ମୃତିକୁ ସାଇତି ରଖେ ଏବଂ ଆଲୋଚନା ପାଇଁ ନୂଆ ସମ୍ଭାବନା ସୃଷ୍ଟି କରେ । ଚଳିତ ବର୍ଷ ମନୋନୀତ ହୋଇଥିବା ବହିଗୁଡ଼ିକ ସମସାମୟିକ ଲେଖାର ସମୃଦ୍ଧତା ଓ ବିବିଧତାକୁ ପ୍ରତିଫଳିତ କରୁଛି ଏବଂ ଏମିତି କ=ସ୍ୱରକୁ ପ୍ରତିନିଧିତ୍ୱ କରୁଛି ଯାହା ଆଗକୁ ମଧ୍ୟ ସାହିତ୍ୟିକ ତଥା ବୌଦ୍ଧିକ ଚର୍ଚ୍ଚାକୁ ଏକ ନୂଆ ରୂପ ଦେବ ।

## ୬ ନାଗା ନାଗରିକ ହତ୍ୟା ମାମଲା: ୨ ଅଭିଯୁକ୍ତ

**ଇମ୍ଫାଲ:** ମଣିପୁରର କଙ୍ଗପୋକପି ଜିଲ୍ଲାରେ ୬ଜଣ ନାଗା ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ), ମଣିପୁର ପୋଲିସ ଓ ସିଆରପିଏଫର ମିଳିତ ଟିମ୍ ଶୁକ୍ରବାର ସକାଳୁ ଏକ ଗୁପ୍ତ ସୂଚନା ଆଧାରରେ ଜିଲ୍ଲାର ଲୈଲୋନ୍ ଭାଇଫେଇ ଗ୍ରାମରେ ଏକ ସ୍ୱତନ୍ତ୍ର ଅପରେସନ ଚଲାଇ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଥିବା ସୂଚନା ରହିଛି। ମହିଳା ଅଭିଯୁକ୍ତଙ୍କ ନାମ ଆୟଙ୍ଗବି ଓ ଆଉ ଜଣେ ପ୍ରଦୀପ ବୋଲି ଚିହ୍ନଟ କରାଯାଇଛି।

# ସ୍ୱଦେଶ ଫେରିବେ ଶେଖ୍ ହସିନା

## 'ଭିଟା ମାଟିରେ ମରିବାକୁ ଚାହେଁ'

**ଢାକା:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶରୁ ନିର୍ବାସିତ ହେବାର ଦୀର୍ଘ ଦିନ ପରେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ସେ ଏବଂ ତାଙ୍କ ଦଳ ଆୱାମୀ ଲିଗର ଅନ୍ୟାନ୍ୟ ନିର୍ବାସିତ ନେତାମାନେ ସ୍ୱେଚ୍ଛାକୃତ ଭାବେ ବାଂଲାଦେଶ ଫେରିବାକୁ ଯୋଜନା କରୁଥିବା ସେ କହିଛନ୍ତି। ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ ଗିରଫ କରାଯିବା କିମ୍ବା ହତ୍ୟା କରାଯିବାର ଆଶଙ୍କା ଥିଲେ ମଧ୍ୟ ସେ ନିଜ ଦେଶକୁ ଫେରି ଅଦାଲତରେ ଆତ୍ମସମର୍ପଣ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ପ୍ରତ୍ୟାବର୍ତ୍ତନ ନେଇ



ବର୍ତ୍ତମାନର ଢାକା ପ୍ରଶାସନ ବା କାମଚଳା ସରକାର ସହ ସେମାନଙ୍କର କୌଣସି ଯୋଗାଯୋଗ ହୋଇନଥିବା ସେ ସୂଚନା ଦେଇଛନ୍ତି।ଏକ ଗଣମାଧ୍ୟମ ସାକ୍ଷାତକାରରେ ଶେଖ୍ ହସିନା କହିଛନ୍ତି, ମୋର ଦେଶକୁ ଫେରିବା ପରେ ସେମାନେ ମତେ ଗିରଫ କରିପାରନ୍ତି କିମ୍ବା ମାରି ମଧ୍ୟ ଦେଇପାରନ୍ତି, ତଥାପି ମତେ ଯିବାକୁ ହିଁ ହେବ। ବର୍ତ୍ତମାନ ବାଂଲାଦେଶରେ ମୋ ଦଳର ନେତା ଓ କର୍ମୀମାନଙ୍କ ଉପରେ ପ୍ରବଳ ଜୁଲମ ଓ ଅତ୍ୟାଚାର କରାଯାଉଛି। ଯଦି ମୋର ମୃତ୍ୟୁ ଆସେ, ତେବେ ତାହା ମୋ ନିଜ ମାଟିରେ ହିଁ ଆସୁ, ଯେଉଁଠି ମୋ ବାପା-ମା' କବର ନେଇଛନ୍ତି ଏବଂ ଯେଉଁଠି ମୋ ପରିବାରର ରକ୍ତ ବୋହିଛି। ତେବେ ଏହି ସ୍ୱଦେଶ ପ୍ରତ୍ୟାବର୍ତ୍ତନର ଖବର ଏଭଳି ଏକ ସମୟରେ ଆସିଛି ଯେତେବେଳେ ବାଂଲାଦେଶର ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇସିଟି) ସେଠାରେ ହୋଇଥିବା ହିଂସାକାଣ୍ଡ ଓ ମାନବାଧିକାର ଉଲ୍ଲଂଘନ ମାମଲାରେ ଶେଖ୍ ହସିନାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇ ସାରିଛି। ୨୦୨୪ ଆନ୍ଦୋଳନ ସମୟରେ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା ଗୁଳିକାଣ୍ଡ ଓ ହତ୍ୟାକାଣ୍ଡ ପାଇଁ ହସିନାଙ୍କ ପ୍ରଶାସନକୁ ସିଧାସଳଖ ଦାୟୀ କରାଯାଇଛି। ଏହା ସହ କୋର୍ଟ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜ୍ଜାମାନ ଖାନ୍ କମାଲଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦେଇଥିବା ବେଳେ ପୂର୍ବତନ ଆଇଜିପି ଚୌଧୁରୀ ଅବଦୁଲ୍ଲା ଅଲ୍-ମାମୁନଙ୍କୁ ୫ ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି ଏବଂ ହସିନା ଓ କମାଲଙ୍କ ସମସ୍ତ ସମ୍ପତ୍ତି ବ୍ୟାଜ୍ୟାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡା

# ୧୯୧ ଜଣଙ୍କୁ କ୍ରୀଡାମନ୍ତ୍ରଣାଳୟର ଅନୁମତି



ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ଗ୍ଲାସଗୋରେ ଜୁଲାଇ ୨୩ରୁ ରାଜ୍ୟଗୋଷ୍ଠୀ କ୍ରୀଡା ଆରମ୍ଭ ହେବ। ଏଥିପାଇଁ ୧୯୧ ଜଣିଆ ଭାରତୀୟ ଦଳକୁ କେନ୍ଦ୍ର କ୍ରୀଡାମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ ଦଳରେ ୧୨୬ ଜଣ ଖେଳାଳି ଓ ୫୧ ଜଣ ସପୋର୍ଟ ଷ୍ଟାପ ରହିଛନ୍ତି। ୭୮ ଜଣ ପୁରୁଷ ଓ ୪୮ ଜଣ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। କ୍ରୀଡାମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭାରତୀୟ ଅଲିମ୍ପିକ୍ସ ସଂଘ ପକ୍ଷରୁ ଚୟନ କରାଯାଇଥିବା ଅଧିକାରୀଙ୍କ ବିଦେଶଗସ୍ତ ଖର୍ଚ୍ଚ ଭାରତ ସରକାର ଉଠାଇବେ ନାହିଁ। ଷ୍ଟାର ଜାଭେଲିନ୍ ଥ୍ରୋୟର ଓ ଅଲିମ୍ପିକ୍ସ ବିଜେତା ନୀରଜ ଚୋପ୍ରା ଭାରତର ମୁଖ୍ୟ ଆକର୍ଷଣ ହେବେ। ଆଥଲେଟିକ୍ସରେ ୩୨ ଓ ବକ୍ସିଂରେ ୧୪ ଜଣ ଅଂଶଗ୍ରହଣ କରିବେ। ୧୨ ଜଣ ଭାରୋତ୍ତୋଳକ, ୫ ଜଣ ସନ୍ତରଣକାରୀ ମଧ୍ୟ ଭାରତୀୟ ଦଳ ସହ ଗ୍ଲାସଗୋ ଯିବେ। ବଜେଟର ଅଭାବ ଯୋଗୁଁ ଏଥର ରାଜ୍ୟଗୋଷ୍ଠୀ କ୍ରୀଡାର କମ୍ ପ୍ରତିଯୋଗିତା ଆୟୋଜିତ ହେଉଛି। ସାମାନ୍ୟ ବର୍ଗରେ ୧୦ ଓ ପାରାଗେମ୍ସରେ ୬ଟି ବିଭାଗରେ ମୁକାବିଲା ହେବ। ସୁଟିଂ, ହକି, ବ୍ୟାଡ଼ମିଣ୍ଟନ, କୁସ୍ତି ପରି ଖେଳକୁ ସାମିଲ କରାଯାଇନଥିବାରୁ ଭାରତର ପଦକ ସଂଖ୍ୟା କମିବ ବୋଲି ଆଶା କରାଯାଉଛି।

## ଆଜି ପଞ୍ଚମ ଟି-୨୦

# ମୂଳପୋଛ ଲକ୍ଷ୍ୟରେ ଇଂଲଣ୍ଡ

ନୂଆଦିଲ୍ଲୀ,୧୦।୭(ଏଜେନ୍ସି): ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ଶେଷ ମ୍ୟାଚ ଶନିବାର ସାଉଥମ୍ପଟନରେ ଖେଳାଯିବ। ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ପରବର୍ତ୍ତୀ ୩ଟି ମ୍ୟାଚରେ ଭାରତ ପରାଜିତ ହୋଇ ୩-୦ରେ ଶୃଙ୍ଖଳା ହାତଛଡା କରିସାରିଛି। ଶନିବାର ଏହି ଶୃଙ୍ଖଳାର ପଞ୍ଚମ ତଥା ଶେଷ ମ୍ୟାଚ ଖେଳାଯିବାକୁ ଥିବା ବେଳେ ସମ୍ମାନ ରଖା କରିବା ପାଇଁ ପଡିଆକୁ ଓହ୍ଲାଇବ। ଯଦି ଏହି ମ୍ୟାଚରେ ଭାରତ ପରାଜିତ ହୁଏ ତେବେ ଘରୋଇ ଇଂଲଣ୍ଡ ଶୃଙ୍ଖଳା ମୂଳପୋଛ କରିନେବ। ନୂଆ ଅଧିନାୟକ ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଭାରତ ଗସ୍ତ ବେଲ ଫାଷ୍ଟରୁ ଆରମ୍ଭ କରିଥିଲା। ସେଠାରେ ଦୁର୍ବଳ ଆୟର୍ଲାଣ୍ଡ ଠାରୁ ୨-୦ରେ ଶୃଙ୍ଖଳା ହାରିବା ପରେ ଇଂଲଣ୍ଡରେ ପହଞ୍ଚିଥିଲା। କିନ୍ତୁ ଗତ ୪ଟି ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂରେ ୩ଟି ମ୍ୟାଚ ହାରିଛି। ଶେଷ ଦୁଇ ମ୍ୟାଚ ପରାଜୟ ସବୁଠୁ ଲଜ୍ଜାଜନକ ରହିଥିଲା। ତୃତୀୟ ଟି-୨୦ରେ ୭୬ ରନରେ ଅଲଆଉଟ୍ ହେବା ତଥା ଚତୁର୍ଥ ମ୍ୟାଚରେ ୧୫୯ ରନ୍ କରି ନିଜର ଦୁର୍ବଳତା ପଦାରେ ପକାଇଥିଲା। ପ୍ରଥମ ଅଧିନାୟକତ୍ୱରେ ୬ଟିରୁ ମ୍ୟାଚ ହାରିଥିବା ଆୟର ବିଜୟ ସନ୍ଧାନରେ ରହିଛନ୍ତି। ପଞ୍ଚମ ମ୍ୟାଚରେ ଅଦଳବଦଳର ସମ୍ଭାବନା ରହିଛି। ତେବେ ସଞ୍ଜୁ ସାମସନଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇପାରେ। ତାଙ୍କୁ ଖେଳାଇଲେ କାହାକୁ ବାଦ ଦିଆଯିବ ସେ ନେଇ ଦଳ ଚିନ୍ତାରେ ରହିଛି। ଅପରପକ୍ଷରେ ବିଜୟଧାରାରେ ଥିବା ଘରୋଇ ଇଂଲଣ୍ଡ ବିନା ପରିବର୍ତ୍ତନରେ ପଡିଆକୁ ଓହ୍ଲାଇବ। ଏହି ମ୍ୟାଚ ଭାରତୀୟ ସମୟ ରାତି ୭ଟାରୁ ଆରମ୍ଭ ହେବ।

**ସମ୍ଭାବ୍ୟ ଭାରତୀୟ ଦଳ:** ବୈଭବ ସୂର୍ଯ୍ୟବଂଶୀ, ଅଭିଶେକ ଶର୍ମା, ଇଶାନ କିଷାନ, ଶ୍ରେୟାସ ଆୟର, ତିଲକ ବର୍ମା, ସଞ୍ଜୁ ସାମସନ, ଶିବମ ଦୁବେ, ଅକ୍ଷର ପଟେଲ, ହର୍ସିତ ରାଣା, ପ୍ରିନ୍ସ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା।

**ସମ୍ଭାବ୍ୟ ଇଂଲଣ୍ଡ ଦଳ:** ଫିଲ ସଲ୍ଟ, ଜୋଶ ବଟଲର, ହ୍ୟାରିବ୍ରୁକ, ଜ୍ୟାକବ ବେଥେଲ, ଟମ ବଣ୍ଟନ, ଶ୍ୟାମ କୁରନ, ୱିଲ ଜ୍ୟାକ୍ସ, ଲିଆମ ଡାଓସନ, ଜୋଫ୍ରା ଆଚାର, ଜୋଶ ଟଙ୍ଗ, ଆଦିଲ ରସିଦ।

### ଆଜିର ମ୍ୟାଚ

- ▸▸ ଭାରତ-ଇଂଲଣ୍ଡ
- ▸▸ ସ୍ଥାନ- ସାଉଥମ୍ପଟନ
- ▸▸ ସମୟ- ରାତି ୭
- ▸▸ ପ୍ରସାରଣ- ସୋନୀ ସ୍ପୋର୍ଟ୍ସ, ଜିଓ ହର୍ଟଷ୍ଟାର



# ୬ଜଣଙ୍କୁ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡା ପ୍ରତିଭା ସମ୍ମାନ



ଭୁବନେଶ୍ୱର, ୧୦।୭(ସବ୍ୟୁ): ରାଜ୍ୟରେ ଗୁରୁ-ଶିଷ୍ୟ ପରମ୍ପରାକୁ ଉଜ୍ଜୀବିତ କରିବା ସହ ବିଗତ ଦିନର କ୍ରୀଡା ଗୁରୁ ଓ ସେମାନଙ୍କ ଶିଷ୍ୟଙ୍କୁ ଲୋକଲୋଚନକୁ ଆଣିବା, ଉଦୀୟମାନ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ମକୁନ୍ଦ ବରାଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏମ.ବି. ସ୍ମାରକୀ କ୍ରୀଡା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇ ଆସୁଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୁକୁନ୍ଦ ବରାଳ ସ୍ମାରକୀ ପକ୍ଷରୁ ୧୧ତମ ଏମବି ମେମୋରିଆଲ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପିୟୁଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଉଦଘାଟନ କରିଥିଲେ। ରାଜ୍ୟ ସରକାର କ୍ରୀଡାକୁ ଅଧିକ ପ୍ରୋତ୍ସାହନ ଦେଇ ଆସୁଛନ୍ତି ବୋଲି ବିଧାୟକ ଶ୍ରୀ ସିଂ କହିବା ସହ ଟ୍ରଷ୍ଟର ଏପରି ଉଦ୍ୟମକୁ ପ୍ରଶଂସା କରିଥିଲେ। ପୁରସ୍କାର କ୍ରୀଡାବିତଙ୍କୁ ଉତ୍ସାହିତ କରିବା ସହ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଅଲମ୍ପିଆନ ଅନୁରାଧା ବିଶ୍ୱାଳ, ଯୋଗ ଦେଇଥିଲେ।

ଚଳିତ ବର୍ଷ ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ଗୁରୁ ସମ୍ମାନ ନରସିଂହ ଲେଙ୍କାଙ୍କୁ ପ୍ରଦାନ କରାଯାଇଥିବା ବେଳେ ମକୁନ୍ଦ ବରାଳ ସ୍ମାରକୀ - ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ଉଦୀୟମାନ ମହିଳା ହକି ଖେଳାଳି ନିକିତା ଟପ୍ପୋଙ୍କୁ ପ୍ରଦାନ କରାଯାଇଥିଲା। କ୍ରୀଡା ପ୍ରତିଭା ସମ୍ମାନରେ ମିନି ଗଲ୍ଫ ଖେଳାଳି ଆନିକା ପଟ୍ଟନାୟକ, କୁସ୍ତିରେ ଅଜିତ ଭୂୟାଁ, ଫୁଟବଲ ପାଇଁ ହରିଶଙ୍କର ନାୟକ ଓ ଉଷୁ ଖେଳାଳି ମଞ୍ଜୁ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ ସହ ନଗଦ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ବିଧୁଭୂଷଣ ନାୟକ, ସ୍ୱର୍ଗତ ମକୁନ୍ଦ ବରାଳଙ୍କ ସୁପୁତ୍ର ତଥା ଟ୍ରଷ୍ଟି ନବକିଶୋର ବରାଳ, ବିକାଶ ପଟ୍ଟନାୟକ, ନିର୍ମାଲ୍ୟ ବରାଳ, କୈବଲ୍ୟ ବରାଳ, ଦିଲ୍ଲୀପ ଦାସ, ଅଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁରତରଙ୍ଗ ପକ୍ଷରୁ ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ପୁରୁଣା ଓଡିଆ ଚଳଚ୍ଚିତ୍ର ଗୀତକୁ କଳାକାରମାନେ ପରିବେଷଣ କରିଥିଲେ। ପ୍ରତିଭା ଦାଶ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ସେମିଫାଇନାଲରେ ଫ୍ରାନ୍ସ



ବୋଷ୍ଟନ,୧୦।୭(ଏଜେନ୍ସି): ଫିଫା ବିଶ୍ୱକପର ପ୍ରଥମ କ୍ୱାର୍ଟରଫାଇନାଲରେ କିଲିଆନ ଏମ୍ବାପେଙ୍କ ଦଳ ଫ୍ରାନ୍ସ ବିଜୟଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ୨୦୨୨ ସଂସ୍କରଣରେ ଦଳ ଉପବିଜେତା ହୋଇଥିଲା। ପୂର୍ବର ପ୍ରଦର୍ଶନକୁ ଦୋହରାଇବାରେ ସଫଳ ହୋଇଛି। କାତାର ବିଶ୍ୱକପ ସେମିଫାଇନାଲରେ ସମାନ ମରକୋକୁ ହରାଇ ଫ୍ରାନ୍ସ ଫାଇନାଲରେ ପ୍ରବେଶ କରିଥିଲା। ତେବେ ପ୍ରଥମ କ୍ୱାର୍ଟରରେ ଏହି ୟୁରୋପୀୟ ମହାଶକ୍ତି ଫ୍ରାନ୍ସ ୨-୦ ଗୋଲରେ ମରକୋକୁ ପରାସ୍ତ କରି ତୃତୀୟଥର ଟ୍ରଫି ତୋଳି ଧରିବାର ସୁଯୋଗର ନିକଟତର ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟରରେ ଏକାଧିକ ସୁଯୋଗ ହାତଛଡା କରିଥିଲା ଫ୍ରାନ୍ସ। ନକଆଉଟରେ ଚମତ୍କାର ପ୍ରଦର୍ଶନ କରିଆସୁଥିବା ଇଲିଆନ୍ ଏମ୍ବାପେ ଏକ ପେନାଲ୍ଟି ମିସ କରିବା ଦଳ ପାଇଁ ନିରାଶଜନକ ସ୍ଥିତି ଆଣିଥିଲା। ଏହା ପୂର୍ବରୁ ଓ ପରେ ମଧ୍ୟ ଏମ୍ବାପେଙ୍କ ପ୍ରୟାସ ଗୋଲପୋଷ୍ଟ ବାହାରକୁ ଚାଲିଯାଇଥିଲା। ତେବେ ପ୍ରଥମାର୍ଦ୍ଧ ବିରତି ପରେ ଏମ୍ବାପେ ଓ ଡେମ୍ବେଲଙ୍କ ସୁନ୍ଦରଗୋଲ ଫ୍ରାନ୍ସକୁ ପ୍ରାଧାନ୍ୟବିସ୍ତାର କରିବାର ସୁଯୋଗ ଦେଇଥିଲା। ୬୦ ମିନିଟରେ ଏମ୍ବାପେଙ୍କ ମରକୋର ଗୋଲପୋଷ୍ଟରେ ପ୍ରବେଶ କରିବାରୁ ଦଳ ୧-୦ରେ ଆଗୁଆ ହୋଇଥିଲା। ପୁଣି ଏହାର ୬ ମିନିଟ ପରେ ଓସମାନ ଡେମ୍ବେଲ ଗୋଲ ଦେଇଥିଲେ। କ୍ୱାର୍ଟରଫାଇନାଲ ଗୋଲ ସହିତ ଏମ୍ବାପେ ମଧ୍ୟ ଚଳିତ ସଂସ୍କରଣରେ ଲିଓନେଲ ମେସିଙ୍କ ୮ଟି ଗୋଲର ସମକକ୍ଷ ହୋଇଛନ୍ତି। ବିଶ୍ୱକପ ନକଆଉଟରେ ୧୧ ମ୍ୟାଚରୁ ୧୨ ଗୋଲ ଦେଇ ଏମ୍ବାପେ ପୁଣିଥରେ ପ୍ରମାଣିତ କରିଛନ୍ତି। ଏହି ମ୍ୟାଚରେ ମରକୋର ଯୁବ ଖେଳାଳି ଆୟୋଗ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱକପ କ୍ୱାର୍ଟରଫାଇନାଲ ଖେଳିଥିଲେ। ଆୟୁବଙ୍କ ବୟସ ଏବେ ୧୮ ବର୍ଷ। ଆୟୁବ ମଧ୍ୟ କୌଣସି ଆଫ୍ରିକୀୟ ଦେଶ ମଧ୍ୟରେ ସର୍ବ କନିଷ୍ଠ ଖେଳାଳି ଭାବେ ୫ଟି ବିଶ୍ୱକପ ଖେଳିଥିଲେ। ଆଫ୍ରିକୀୟ ଦେଶ ମରକୋକୁ ସମଗ୍ର ଦେଶକୁ ବଞ୍ଚିତ ହୋଇଛି।

# ୩୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଲେ ସ୍ମୃତି

ଲର୍ଡ୍ସ,୧୦।୭(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ତାରକା ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନା ଏଲିଟ କ୍ଲବରେ ସାମିଲ ହୋଇଛନ୍ତି। ୩୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ତୃତୀୟ ଭାରତୀୟ ମହିଳା କ୍ରିକେଟର ହେବାର ଗୌରବ ଅର୍ଜନ କରିଛନ୍ତି ସ୍ମୃତି। ଶୁକ୍ରବାର ଐତିହାସିକ ଲର୍ଡ୍ସ ମୈଦାନରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ ଅବସରରେ ମନ୍ଧାନା ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ୨୯ ବର୍ଷ ୩୫୭ ଦିନ ବୟସରେ ସ୍ମୃତି ଏହି ଏଲିଟ କ୍ଲବରେ ସାମିଲ ହୋଇଛନ୍ତି। ପୂର୍ବରୁ ଏହି କ୍ଲବରେ ପୂର୍ବତନ ଅଧିନାୟକ ମିତାଲି ରାଜ ୩୩୩ ମ୍ୟାଚ ଏବଂ ବର୍ତ୍ତମାନର ଅଧିନାୟିକା ହରମନପ୍ରୀତ କୌର ୩୭୪ ମ୍ୟାଚ ଖେଳି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏହି ସହ ବିଶ୍ୱ ମହିଳା କ୍ରିକେଟ ଇତିହାସରେ ସବୁଠାରୁ କମ ବୟସ ଖେଳାଳି ଭାବେ ୩୦୦ ମ୍ୟାଚ ଖେଳିବାର ବିଶ୍ୱ ରେକର୍ଡ ମଧ୍ୟ ସ୍ମୃତି ନିଜ ନାଁରେ କରିଛନ୍ତି। ସେ ୧୨ତମ ମହିଳା ଖେଳାଳି ଭାବେ ଏହି ସଫଳତା ପାଇଛନ୍ତି। ବାମହାତି ସ୍ମୃତି ୨୦୧୩ ମସିହାରେ ବାଂଲାଦେଶୀ ବିପକ୍ଷରେ ଏକଦିବସୀୟ ଏବଂ ଟି-୨୦ ମ୍ୟାଚ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୪ରେ ଟେଷ୍ଟରେ ପଦାର୍ପଣ କରିଥିଲେ। ୧୩ ବର୍ଷ ମଧ୍ୟରେ ସେ ସମସ୍ତ ଫର୍ମାଟରେ ୧୦,୦୦୦ ରନ୍ କରି ଅନେକ ରେକର୍ଡ କରିଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.


## ▸▸୧୮ ରୁ ଇଶା ଗ୍ରାମୋତ୍ସବମ୍

# ଏକାଠି ହେବେ ଓଡ଼ିଶାର ୭ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



ଭୁବନେଶ୍ୱର,୧୦।୭(ସବ୍ୟୁ): ଚଳିତ ମାସ ୧୮ ତାରିଖରୁ ରାଜ୍ୟର ୭ଟି ଜୋନରେ ୧୮ତମ ଇଶା ଗ୍ରାମଉତ୍ସବମ୍ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହେବାକୁଯାଉଛି। ଚଳିତବର୍ଷ ଏହି ପ୍ରତିଯୋଗିତାରେ ୧୦ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୪୦ ହଜାରରୁ ଅଧିକ ଗ୍ରାମର ୮୦ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ଏହି ପ୍ରତିଯୋଗିତା କ୍ଲଷ୍ଟରସ୍ତରୀୟ ମ୍ୟାଚ, ଡିଜିଜନାଲ ରାଉଣ୍ଡ ଏବଂ ଗ୍ରାଣ୍ଡଫିନାଲ ବର୍ଗରେ ଖେଳାଯିବ। ଓଡ଼ିଶାରେ ଜୁଲାଇ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ କ୍ଲଷ୍ଟର ମ୍ୟାଚ ଗୁଡିକ ହେବ। ଏହାପରେ ଅଗଷ୍ଟ ପ୍ରଥମ ଓ ଦ୍ୱିତୀୟ ସପ୍ତାହ ମଧ୍ୟରେ ଡିଭିଜନାଲ ମ୍ୟାଚ ଆୟୋଜିତ ହେବ। ଚଳିତବର୍ଷ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବା ସହିତ ଓଡ଼ିଶାକୁ ପୁଣିଥରେ ଗ୍ରାମୀଣ କ୍ରୀଡା ଫେରୁଛି। ଖେଳାଳି, ରେଫରୀ, କୋଚ, ସାଂସ୍କୃତିକ କଳାକାର ଏବଂ ମଜାଦାର ଖେଳରେ ଭାଗ ନେଉଥିବା ପ୍ରତିଯୋଗୀମାନଙ୍କୁ ମିଶାଇ ପ୍ରାୟ ୭୦୦୦ ଏଥିରେ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଗତବର୍ଷ ତୁଳନାରେ ଏଥର ପ୍ରତିଯୋଗୀଙ୍କ ସଂଖ୍ୟା ଦୁଇ ଗୁଣିତ ହେବ। ସମଗ୍ର ଓଡ଼ିଶାକୁ ୭ଟି କ୍ଲଷ୍ଟର ଯଥା କଟକ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ବଲାଙ୍ଗୀର, ଢେଙ୍କାନାଳ, ସୁନ୍ଦରଗଡରେ ପ୍ରତିଯୋଗିତା ହେବ। ମହିଳାମାନଙ୍କ ଅଂଶଗ୍ରହଣକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଖୋର୍ଦ୍ଧା, ବାରିପଦା, ସୁନ୍ଦରଗଡ଼, ରାଉରକେଲା, ରାଜଗାଁପୁର ଏବଂ ରାଇକାକାଛାର ପ୍ରଥମ ଥ୍ରୋ ବଲ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଖେଲୋ ଇଣ୍ଡିଆ ଦ୍ୱାରା ସ୍ୱିକୃତିପ୍ରାପ୍ତ ଇଶା ଗ୍ରାମୋତ୍ସବମ୍‌ରେ ଚଳିତ ବର୍ଷ ସମଗ୍ର ଦେଶରୁ ୧୫ ହଜାରରୁ ଅଧିକ ମହିଳା ପ୍ରତିଯୋଗୀ ଭାଗ ନେବା ପାଇଁ ପଞ୍ଜିକୃତ କରିଛନ୍ତି। ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ହେବ। କ୍ଲଷ୍ଟରସ୍ତରରେ ବିଜୟୀ ଦଳ ୧୦,୦୦୦, ରନର୍ସ ଅପ୍ ଦଳ ୭୦୦୦ ହଜାର ପାଇବେ। ତୃତୀୟ ଓ ଚତୁର୍ଥ ସ୍ଥାନ ୫ ହଜାର ଓ ୩ ହଜାର ପ୍ରଦାନ କରାଯିବ। ସେହିଭଳି ଡିଭିଜନାଲସ୍ତରରେ ବିଜେତା ୧୫,୦୦୦, ରନର୍ସ ଅପ ଦଳ ୧୦,୦୦୦ ହଜାର, ତୃତୀୟ ସ୍ଥାନ ୬୦୦୦ ଓ ଚତୁର୍ଥ ସ୍ଥାନ ପାଇଁ ୪ ହଜାର ଟଙ୍କା ପ୍ରଦାନ କରାଯିବ। ଗ୍ରାଣ୍ଡଫାଇନାଲରେ ବିଜୟୀ ଭଲିବଲ ପୁରୁଷ ଏବଂ ଥ୍ରୋ ବଲ ମହିଳା ଦଳ ପ୍ରତ୍ୟେକ ୫ ଲକ୍ଷ ଲେଖାଏଁ ପାଇବେ। ସେହିଭଳି ରନର୍ସ ଅପ୍ ଦଳ ୩ ଲକ୍ଷ, ତୃତୀୟ ଓ ଚତୁର୍ଥ ଦଳ ୧ ଲକ୍ଷ ଓ ୫୦,୦୦୦ ହଜାର ପାଇବେ। ସେହିଭଳି ପାରାବର୍ଗରେ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ରହିଛି। ଏହି ପ୍ରତିଯୋଗିତା ସମ୍ପର୍କରେ ଶୁକ୍ରବାର ଭୁବନେଶ୍ୱରରେ ଇଶା ଆଉଟରିଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ବିସ୍ତୃତ ଶିକ୍ଷା ଦିଆଯାଇଛି।


ସମୟ ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି